52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, February 4/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 72 | ମୂଲ୍ୟ ₹୭/-


# ଲୋକଙ୍କ ଡାଟା ସହ ଖେଳ ନାହିଁ

## ପ୍ରିଭେସି ପଲିସି ନେଇ ମେଟା ଓ ହ୍ୱାଟ୍ସଆପ୍‌କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ମେଟା ପ୍ଲାଟଫର୍ମ୍ସ ଓ ହ୍ୱାଟ୍ସଆପ୍ ଏଲ୍‌ସିସି ଲୋକଙ୍କ ଡାଟା ସହ ଖେଳିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ମେଟା କମ୍ପାନୀର ପ୍ରିଭେସି ପଲିସି ବିରୋଧରେ ସର୍ବୋଚ୍ଚ ଅଦାଲତ କଡ଼ା ଟିପ୍ପଣୀ ଦେଇ କହିଛନ୍ତି, ସେମାନଙ୍କୁ ଭାରତୀୟମାନଙ୍କ ବ୍ୟକ୍ତିଗତ ତଥ୍ୟର ଦୁରୁପଯୋଗ କରିବାକୁ ଦିଆଯିବ ନାହିଁ। ହ୍ୱାଟ୍ସଆପ୍‌ର ଡାଟା ଶେୟାରିଂ ପଲିସି 'ଶୋଷଣକାରୀ' ଓ ଅନେକ ୟୁଜରଙ୍କ ପାଇଁ ଅବୁଝା। ତେଣୁ ଏହି ମେସେଜିଂ ଆପ୍ ଏପରି ପଲିସି ଆଣିବା କଥା, ଯାହାକୁ ଦେଶର ଅନେକ ନିୟୁତ ଗରିବ ଓ ଅଶିକ୍ଷିତ ଲୋକ ବୁଝିପାରିବେ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତାଗିଦ କରିଛନ୍ତି। କମ୍ପାନୀ ଏଥିରେ ବିଫଳ ହେଲେ ଭାରତ ଛାଡ଼ି ଚାଲିଯିବା ଉଚିତ କହି ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**

ନୂଆଦିଲ୍ଲୀ,୩।୨(ପି.ଟି./ଲାଇଭ୍ ଲ)

ହ୍ୱାଟ୍ସଆପ୍‌ର ପ୍ରିଭେସି ପଲିସିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ୨୦୨୧ ନଭେମ୍ବର ୮ରେ ଏହା ଉପରେ ୨୧୩.୧୪ କୋଟି ଟଙ୍କା ଜରିମାନା କରିଥିଲେ। ହ୍ୱାଟ୍ସଆପ୍ ଏହାକୁ ନ୍ୟାଶନାଲ କମ୍ପାନୀ ଲ' ଅପିଲେଟ୍ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଚ୍ୟାଲେଞ୍ଜ କରିଥିଲା। ଟ୍ରିବ୍ୟୁନାଲ ସିସିଆଇଙ୍କ ଜରିମାନା ଆଦେଶକୁ ବଳବତ୍ତର ରଖିବା ପରେ ହ୍ୱାଟ୍ସଆପ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଭିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ପ୍ରସଙ୍ଗରେ ଶୁଣାଣି କରିଛନ୍ତି। ଶୁଣାଣିବେଳେ ସିଜେଆଇ କହିଛନ୍ତି, ଆମେରିକୀୟ କମ୍ପାନୀ, ତୁମେ ପ୍ରିଭେସି ସହ ଖେଳିପାରିବ ନାହିଁ। ତୁମକୁ ଆମ ଡାଟାର ଗୋଟିଏ ବି ସଂଖ୍ୟା ଶେୟାର କରିବାକୁ ଅନୁମତି ଦିଆଯିବ ନାହିଁ। ଏହାକୁ ଭାରତୀୟଙ୍କୁ ଶୋଷଣ ☞ପୃଷ୍ଠା-୨






# ଟାରିଫ୍‌କୁ ନେଇ କଂଗ୍ରେସ-ଭାଜପା ମୁହାଁମୁହିଁ

## ଚାପରେ ପ୍ରଧାନମନ୍ତ୍ରୀ ଦେଶକୁ ବିକିଦେଇଛନ୍ତି: ରାହୁଲ


ନୂଆଦିଲ୍ଲୀ,୩।୨

ଆମେରିକା ଭାରତ ଉପରୁ ଟାରିଫ୍ ହ୍ରାସ କରିବା ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାପରେ ଦେଶକୁ ବିକି ଦେଇଛନ୍ତି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିବା ସହିତ ଟାରିଫ୍ ସହିତ ଆଦାନୀ ଏବଂ ଏପ୍‌ଷ୍ଟିନ୍ ଫାଇଲ୍ ପ୍ରସଙ୍ଗକୁ ଯୋଡ଼ିଛନ୍ତି। ମଙ୍ଗଳବାର ସଂସଦ ବାହାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜର ପ୍ରତିକ୍ରିୟା ଦେଇ ରାହୁଲ କହିଛନ୍ତି , ବର୍ତ୍ତମାନ ଆମେରିକୀୟ ଅଦାଲତରେ ଶିଳ୍ପପତି ଗୌତମ ଆଦାନୀଙ୍କ ମାମଲା ବିଚାରାଧୀନ ରହିଛି। କିନ୍ତୁ ସେମାନେ ଆଦାନୀଙ୍କୁ ଟାର୍ଗେଟ ନ କରି ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପାକୁ ଟାର୍ଗେଟ କରୁଛନ୍ତି। କାରଣ ଆଦାନୀଙ୍କ ଆର୍ଥିକ ସାମ୍ରାଜ୍ୟ ମୋଦି ଏବଂ ଭାଜପା ଉପରେ ନିର୍ଭର କରୁଛି। ଏହାଛଡ଼ା ମୋଦିଙ୍କୁ ନେଇ ଏପ୍‌ଷ୍ଟିନ୍ ଫାଇଲରେ ଆହୁରି ଅନେକ ତଥ୍ୟ ଆସି ନାହିଁ। ଏହି ଦୁଇଟି ବିଷୟକୁ



ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦ ବାହାରେ ଟାରିଫ୍‌କୁ ନେଇ ପ୍ରତିକ୍ରିୟା ଦେଉଛନ୍ତି।

ନେଇ ମୋଦି ଚାପଗ୍ରସ୍ତ ହୋଇଥିବାରୁ ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତିରେ ସାଲିସ୍ କରିଛନ୍ତି ଯଦ୍ୱାରା ଟାରିଫ୍‌କୁ ନେଇ ବୁଝାମଣା ହୋଇଛି। ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ବୁଝାମଣା ପାଇଁ ମାସ ମାସ ବିତିଯାଇଥିଲା ବେଳେ ଅଚାନକ ଟାରିଫ୍ ହ୍ରାସ ଘୋଷଣା କେମିତି ହେଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ମୋଦି ସାଲିସ୍ କରି ଦେଶକୁ ବିକି ଦେଇଛନ୍ତି ବୋଲି ରାହୁଲ କହିଛନ୍ତି।



ପୀୟୂଷ ଗୋଏଲ

### ବାଣିଜ୍ୟ ଚୁକ୍ତି ଐତିହାସିକ : ପୀୟୂଷ ଗୋଏଲ

ଭାରତ-ଆମେରିକା ଟାରିଫ୍ ବୁଝାମଣାକୁ ନେଇ କଂଗ୍ରେସ ଉଠାଇଥିବା ଅଭିଯୋଗ ଉପରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଉତ୍ତର ରଖିବା ସହିତ ଏହାକୁ ଐତିହାସିକ ବୋଲି କହିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପୀୟୂଷ କହିଛନ୍ତି, କୌଣସି ସାଲିସ୍ ନୁହେଁ,ଆମେରିକା ସହ ସମ୍ମାନର ସହିତ ଟାରିଫ୍ ବୁଝାମଣା ହୋଇଛି। ଏଥିରେ କୌଣସିସ୍ତରରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରାଯାଇ ନାହିଁ। ବରଂ ଏହି ବୁଝାମଣା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଭାରତର ଅର୍ଥନୀତି ଆହୁରି ସୁଦୃଢ଼ ହେବା ସହିତ ଦେଶର ବର୍ଦ୍ଧିତ ଅର୍ଥନୈତିକ ଧାରା ଆହୁରି ସଶକ୍ତ ହେବ। ଚାଷୀଙ୍କଠାରୁ ଆରମ୍ଭ କରି ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ଯୁବପିଢ଼ି ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ର ପାଇଁ ଅଧିକ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଏହାପୂର୍ବରୁ ସେ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ରାହୁଲ ଗାନ୍ଧୀ ଜଣେ ନକାରାତ୍ମକ ମାନସିକତାର ମଣିଷ। ଡିଏମ୍‌କେ ହେଉ କି ଟିଏମ୍‌ସି, ଯେଉଁ ଦଳ ରାହୁଲଙ୍କ ସହ ହାତ ମିଳାଇଛନ୍ତି, ସେମାନେ ମଧ୍ୟ ସବୁକିଛିକୁ ନକାରାତ୍ମକ ଢଙ୍ଗରେ ଦେଖୁଛନ୍ତି। ଟାରିଫ୍ ବୁଝାମଣା ଦ୍ୱାରା ଭାରତରେ ଯେଉଁସବୁ କ୍ଷେତ୍ରରେ ଅପୂର୍ବ ସୁଯୋଗ ସୃଷ୍ଟି ହେବ ତାହାକୁ ସେମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି।

# ଲୋକ ସଭାରେ ବିରୋଧୀଙ୍କ ହଙ୍ଗାମା: ୮ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ,୩।୨

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଲୋକ ସଭାରେ ଉଠାଇଥିବା ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ମଙ୍ଗଳବାର ପୁଣି ହଙ୍ଗାମା କରିଛନ୍ତି। ହଙ୍ଗାମା ଯୋଗୁ ଗୃହକୁ ବାରମ୍ବାର ମୁଲତବୀ ରଖାଯାଇଥିଲା ବେଳେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ୭ ସାଂସଦଙ୍କ ସମେତ ୮ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ୨୦୨୦ ଡୋକଲାମ୍ ଏବଂ ଗଲୱାନ୍ ସଂଘର୍ଷ ସମ୍ପର୍କରେ ପୂର୍ବତନ ସେନାମୁଖ୍ୟ ଏମ୍. ଏମ୍. ନରୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକର ଅଂଶକୁ ନେଇ ରାହୁଲ ଗାନ୍ଧୀ ସୋମବାର ସରକାରଙ୍କୁ ଘେରିଥିଲେ। ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିଲାବେଳେ ରାହୁଲ ପୁଣି ଉକ୍ତ ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ସୋମବାର ଏହି ପ୍ରସଙ୍ଗରେ ଗୃହ ଅଧ୍ୟକ୍ଷ ରୁଲିଂ ଦେଇ ସାରିଥିବାରୁ ଏହା ଉପରେ ଆଉ ଆଲୋଚନା କରିବା ଆବଶ୍ୟକ ନାହିଁ ବୋଲି ଅଧ୍ୟକ୍ଷ କହିଥିଲେ। ଏହାପରେ ରାହୁଲ ଯୁକ୍ତି ରଖି କହିଥିଲେ, ସେ ଯାହା କହିବାକୁ ଚାହୁଁଛନ୍ତି ତାହା ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଜଡ଼ିତ ରହିଛି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଜାତୀୟ ସୁରକ୍ଷା କଥା ରହିଥିଲାବେଳେ ସେ ମଧ୍ୟ ସେହି ବିଷୟରେ କହିବାକୁ ଚାହୁଁଛନ୍ତି। କିନ୍ତୁ ଗୃହରେ ଜଣେ ବିରୋଧୀ ଦଳର ନେତାଙ୍କୁ ଜାଣିଶୁଣି କହିବାକୁ ଦିଆଯାଉ ନାହିଁ ବୋଲି ରାହୁଲ କହିବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବା ସହିତ ଟେବୁଲ ଉପରେ ଚଢ଼ି କାଗଜ ଚିରିଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ୮ ସଦସ୍ୟଙ୍କୁ ନିଲମ୍ବନ କରାଗଲା ବୋଲି ଗୃହରେ ଅଧ୍ୟକ୍ଷତା କରୁଥିବା କ୍ରିଷ୍ଣପ୍ରସାଦ ତେନେତି ଘୋଷଣା କରିଥିଲେ। ନିଲମ୍ବିତ ସାଂସଦ ହେଲେ କଂଗ୍ରେସର ଅମରିନ୍ଦର ସିଂ ରାଜା,ହିବି ଏଡେନ୍, ଡିନ୍ କୋରିଆକୋଜ୍,ଗୁରୁଜିତ୍ ସିଂ ଅଜଲା,ସି. କିରନ୍ କୁମାର ରେଡ୍ଡୀ, ମନିକାମ୍ ଟାଗୋର୍ ଏବଂ ପ୍ରଶାନ୍ତ ପାଦୋଲେ ଏବଂ ସିପିଆଇ(ଏମ୍)ର ଏସ୍. ଭେଙ୍କଟେଶନ୍ । ଅଧିବେଶନ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ନିଲମ୍ବନ କରାଯାଇଛି।

# ଖେମ୍‌ଚାନ୍ଦ ସିଂ ହେବେ ମଣିପୁର ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩।୨

ୟୁମ୍‌ନାମ ଖେମ୍‌ଚାନ୍ଦ ସିଂ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ମଙ୍ଗଳବାର ଭାଜପା ବିଧାୟକ ଦଳ ବୈଠକ ବସି ଖେମ୍‌ଚାନ୍ଦଙ୍କୁ ଦଳର ନେତା ନିର୍ବାଚନ କରାଯିବା ପରେ ଏନ୍‌ଡିଏ ବିଧାୟକ ଦଳ ବୈଠକରେ ମଧ୍ୟ ସେ ନେତା ନିର୍ବାଚିତ ହୋଇଛନ୍ତି। ଫଳରେ ମଣିପୁରରେ ପାଖାପାଖି ଗୋଟିଏ ବର୍ଷର ରାଷ୍ଟ୍ରପତି ଶାସନ ପରେ ସରକାର ଗଠନ ହେବାକୁ ଯାଉଛି। କୁକି ନେତ୍ରୀ ନେମ୍‌ଚା କିପ୍‌ଗେନ୍ ନୂଆ ମଣିପୁର ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଫେବୃଆରୀରେ ବିଧାନସଭାରେ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବା



ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ଇସ୍ତଫା ଦେଇଥିଲେ। ଫେବୃଆରୀ ୧୩ରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା ଓ ବିଧାନସଭାକୁ ସ୍ଥଗିତ ରଖାଯାଇଥିଲା। ଗତ ଅଗଷ୍ଟ ୧୩ରେ ରାଷ୍ଟ୍ରପତି ଶାସନ ସମୟସୀମା ବଢ଼ାଯାଇଥିବାବେଳେ ଫେବୃଆରୀ ୧୩ରେ ଏହା ଶେଷ ହେବାକୁ ଯାଉଛି।

# ୟୁକ୍ରେନ୍ ଉପରେ ୭୦ ମିଶାଇଲ, ୪୫୦ ଡ୍ରୋନ୍ ମାଡ଼କଲା ରୁଷିଆ

ମସ୍କୋ,୩।୨

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟକରି ରୁଷିଆ ସୋମବାର ବିଳମ୍ବିତ ରାତିରେ ଜୋର୍‌ଦାର ଆକ୍ରମଣ କରିଛି। ମସ୍କୋ ୭୦ରୁ ଊର୍ଦ୍ଧ୍ୱ ମିଶାଇଲ୍ ଏବଂ ୪୫୦ ଡ୍ରୋନ୍‌ରେ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। କିଭ୍‌ରେ ତାପମାତ୍ରା ବିୟୁକ୍ତ ୨୦ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ରୁଷିଆ ଆକ୍ରମଣରେ ବିଶେଷ କ୍ଷୟକ୍ଷତି ହୋଇନାହିଁ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରେ ସୋଭିଏଟ୍ ଅମଳର ସ୍ମାରକୀ ଏବଂ ମଦରଲ୍ୟାଣ୍ଡ କୀର୍ତ୍ତିରାଜି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ସଂସ୍କୃତି ମନ୍ତ୍ରୀ କହିଛନ୍ତି। ଆକ୍ରମଣ ପରେ ବିଭିନ୍ନ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୁଷିଆ ଜାଣିଶୁଣି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରୁଥିବା ଜେଲେନ୍‌ସ୍କି କହିଛନ୍ତି। ସୁମି, ଖର୍‌କିଭ୍ ଅଞ୍ଚଳ, କିଭ୍ ଅଞ୍ଚଳ ଏବଂ ରାଜଧାନୀ ସମେତ ନିପ୍ରୋ, ଓଡେସା ଏବଂ ଭିନ୍ୟାସିଆ ଅଞ୍ଚଳରେ ଆକ୍ରମଣ ହୋଇଥିଲା।

# ମଳାଶୟରୁ ବାହାରିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟର ଜୀବନ୍ତ ବିସ୍ଫୋରକ

ପ୍ୟାରିସ୍,୩।୨

ଦକ୍ଷିଣ ଫ୍ରାନ୍ସର ଟୋଲୁଜ୍ ସହରରେ ଜଣେ ୨୪ ବର୍ଷୀୟ ଯୁବକଙ୍କ ମଳାଶୟରୁ ଡାକ୍ତରମାନେ ଏକ ଜୀବନ୍ତ ବିସ୍ଫୋରକ (ଆର୍ଟିଲାରି ସେଲ୍) କାଢ଼ିବା ଘଟଣା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି। ଫ୍ରାନ୍ସର ଡେଲି ମେଲ୍ ରିପୋର୍ଟ ଅନୁସାରେ ଏହି ସହରର ଜଣେ ଯୁବକ ପେଟରେ ଯନ୍ତ୍ରଣା ଭୋଗିବା ଯୋଗୁ ନିକଟସ୍ଥ ହସ୍ପିଟାଲକୁ ଯାଇଥିଲେ। ଡାକ୍ତରମାନେ ଯୁବକଙ୍କ ଶରୀର ପରୀକ୍ଷାନିରୀକ୍ଷା କରିବା ପରେ



ତାଙ୍କ ମଳାଶୟରେ କିଛି ବଡ଼ ବସ୍ତୁ ରହିଥିବା ଜାଣିବାକୁ ପାଇଥିଲେ। ପରେ ସେମାନେ ତାହାକୁ ବାହାର କରିବାକୁ ଅସ୍ତ୍ରୋପଚାର କରିଥିଲା ବେଳେ ଯୁବକଙ୍କ ମଳାଶୟରୁ ୮ ଇଞ୍ଚର ଏକ ଜୀବନ୍ତ ରାସାୟନିକ ବିସ୍ଫୋରକ ମିଳିଥିଲା। ଏହାକୁ ଦେଖି ସାରା ହସ୍ପିଟାଲରେ ଭୟର ବାତାବରଣ ଖେଳି ଯାଇଥିଲା। ତୁରନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ବୋମା ନିଷ୍କ୍ରିୟକାରୀ ଟିମ୍ ଡକାଇବା ସହିତ ହସ୍ପିଟାଲକୁ ଖାଲି କରିଦେଇଥିଲେ। କାରଣ ଏହି ବିସ୍ଫୋରକ ଜୀବନ୍ତ ଏବଂ ଏହାର ବିସ୍ଫୋରଣ କ୍ଷମତା ଏତେ ଅଧିକ ଥିଲା ଯେ, ଏହା ଉକ୍ତ ହସ୍ପିଟାଲ ସମେତ ସ୍ଥାନୀୟ ଅଞ୍ଚଳକୁ କ୍ଷତିଗ୍ରସ୍ତ କରିଦେଇଥାଆନ୍ତା। ବଡ଼ କଥା ହେଲା, ବିସ୍ଫୋରକଟି ପ୍ରଥମ ବିଶ୍ୱଯୁଦ୍ଧ ସମୟର। ତେବେ ଯୁବକ ଜଣକ ଏହାକୁ କେମିତି ପାଇଲେ ଏବଂ ତାଙ୍କ ମଳାଶୟକୁ ଏହା କେମିତି ଗଲା ସେ ସମ୍ପର୍କରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।



# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ | Bhubaneswar, Wednesday, February 4/2026 | ପୃଷ୍ଠା-୧




## ନମ୍ବର ୧ ରହିଲେ ସାବାଲେଙ୍କା

ସଦ୍ୟ ପ୍ରକାଶିତ ମହିଳା ସିଙ୍ଗଲ୍ସ ଟେନିସ ର୍ୟାଙ୍କିଙ୍ଗ ତାଲିକାରେ ନମ୍ବର ୧ ସ୍ଥାନ ବଜାୟ ରଖିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୨ ୦୨

## ‘କଳ୍କି’ସିକ୍ୱେଲରେ ସାଇ ପଲ୍ଲବୀ

ବହୁଚର୍ଚ୍ଚିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର ‘କଳ୍କି ୨୮୯୮ ଏଡି’ର ସିକ୍ୱେଲର ମୁଖ୍ୟ ନାୟିକା ଭୂମିକାରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀ ଅଭିନୟ କରିବେ ଚର୍ଚ୍ଚା ଚାଲିଛି।



## ଆହୁରି ୫ଦିନ କୁହୁଡ଼ି

**ଭୁବନେଶ୍ୱର,୩।୨(ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ପ୍ରକୋପ ସାମାନ୍ୟ ହ୍ରାସ ପାଇଥିଲେ ହେଁ କୁହୁଡ଼ିର ମାତ୍ରା ଅଧିକ ରହୁଛି। ପ୍ରବଳ କୁହୁଡ଼ି କାରଣରୁ ସକାଳୁ ରାସ୍ତାଘାଟ ଠିକ୍ ଭାବେ ଦେଖାଯାଉନାହିଁ। ଗାଡ଼ି ମୋଟର ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି। ତେବେ ଏଭଳି ସ୍ଥିତି ଆହୁରି ୫ଦିନ ପର୍ଯ୍ୟନ୍ତ ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବ। ସେହିପରି ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ସର୍ବନିମ୍ନ ରାତି ତାପମାତ୍ରାରେ ସେଭଳି କିଛି ବଡ଼ ପରିବର୍ତ୍ତନ ହେବ ନାହିଁ। ମାତ୍ର ଏହାପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ଗତ ୨୪ଘଣ୍ଟା ମଧ୍ୟରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସମ୍ବଲପୁରରେ ସର୍ବାଧିକ ୩୧.୭ ଡିଗ୍ରୀ ରହିଥିଲା।

**ଆଜିର ସମ୍ପାଦକୀୟ**

ତଥ୍ୟ ଅସୁରକ୍ଷିତ



ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ପହଲଗାମ୍‌ରେ ତୁଷାରପାତ ଯୋଗୁ ମଙ୍ଗଳବାର ପାର୍କିଂରେ ଥିବା ଗାଡ଼ିଗୁଡ଼ିକ ବରଫାବୃତ ହୋଇଯାଇଛି।

## ୯ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କଲେ ସହପାଠୀ

**ବଲାଙ୍ଗୀର/କଣ୍ଟାବାଞ୍ଜି, ୩।୨(ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**

- ଗଣବଳାତ୍କାରର ଭିଡିଓ ଉତ୍ତୋଳନ କରି ଭାଇରାଲ କଲେ
- ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗ ପରେ ୬ ଅଟକ
- ସମ୍ବେଦନଶୀଳ ଘଟଣାର ଯାଞ୍ଚ କରାଯାଉଛି: ଏସ୍‌ପି

ଜଣେ ୯ମ ଶ୍ରେଣୀର ଛାତ୍ରୀ (୧୫ବର୍ଷ)ଙ୍କୁ ତାଙ୍କର ୪ ଜଣ ସହପାଠୀ, ଜଣେ ନାବାଳକ ଏବଂ ଅନ୍ୟ ଜଣେ ସାବାଳକ ସ୍କୁଲର ଏକ ନିର୍ମାଣାଧୀନ ଘରେ ଗଣବଳାତ୍କାର କରି ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଭାଇରାଲ କରିଛନ୍ତି। ଏଭଳି ଏକ ସାଂଘାତିକ ଏବଂ ଚିନ୍ତା ଉଦ୍ରେକକାରୀ ଘଟଣା ବଲାଙ୍ଗୀର ଜିଲା ତୁରେକେଲା ଅଞ୍ଚଳରେ ଦେଢ଼ମାସ ତଳେ ଘଟିଥିବାବେଳେ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଲୋକଲୋଚନକୁ ଆସିଛି। ଘଟଣା ଜଣାପଡ଼ିବା ପରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜିଙ୍କ ନିର୍ଦ୍ଦେଶରେ ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ବଲାଙ୍ଗୀର ଏସ୍‌ପି ଅଭିଲାଷ, ଜିଲାପାଳ ଗୌରବ ଶିବାଜୀ ଇସ୍‌ଲୱାର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ, ଲିଗାଲ ପ୍ରୋବେଶନର ଅଫିସର, ସାମାଜିକ କର୍ମୀ ଏବଂ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟାଙ୍କ ସହ ଆଲୋଚନା କରିବିହିତ ପଦକ୍ଷେପ ନେବାକୁନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୫ ତାରିଖ ସନ୍ଧ୍ୟାରେ ତୁରେକେଲା ଥାନା ଅନ୍ତର୍ଗତ ଏକ ଗାଁର ୯ମ ଶ୍ରେଣୀ ସ୍କୁଲ ଛାତ୍ରୀଙ୍କୁ ତାଙ୍କର ସହପାଠୀ ଓ ଅନ୍ୟ ୨ ଜଣ ଛାତ୍ର ଗଣବଳାତ୍କାର କରିବା ସହ ଏହାର ଦୃଶ୍ୟକୁ ମୋବାଇଲ ☞ପୃଷ୍ଠା-୨

# ମାଟିର ଗରିମା ବଢ଼ାଇଛି ନାରୀ ନେତୃତ୍ୱ

## ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି

**ବାଲେଶ୍ୱର/ରେମୁଣା,୩।୨ (ବାଞ୍ଛାନିଧି ଦେ/ରବୀନ୍ଦ୍ର ମହାକୁଡ଼)**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ସାହିତ୍ୟ ଓ ସଂଗ୍ରାମ ପାଇଁ ବାଲେଶ୍ୱର ଓ ଭଦ୍ରକ ମାଟି ସୁପ୍ରସିଦ୍ଧ। ଅନେକ ବରପୁତ୍ରଙ୍କୁ ଜନ୍ମଦେଇ ଏ ମାଟି ଭାରତମାତାର ମୁଖ ଉଜ୍ଜ୍ୱଳ କରିଛି। ଏ ମାଟି କେବଳ ରତ୍ନଗର୍ଭା ନୁହେଁ, ବରଂ ଏ ମାଟିର ମା’ମାନେ ମଧ୍ୟ ରତ୍ନଗର୍ଭା। ଆଦି ଟିକାକାର ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀ, ଭକ୍ତକବି ଦୀନବନ୍ଧୁ ଦାସଙ୍କ ଠାରୁ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଉତ୍କଳକେଶରୀ ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପର୍ଯ୍ୟନ୍ତ ଅନେକ କବି ଓ କର୍ଣ୍ଣଧାର ଭାରତର ଉତ୍ତରପିଢ଼ି ପାଇଁ ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଓ ଭଦ୍ରକର ମହିଳାମାନଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଥିଲା। ସରୋଜିନୀ ନାଇଡୁ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁଭଦ୍ରା ମହତାବ ଓ ଗୋଦାବରୀ ଦେବୀ ସଂଗ୍ରାମର ଅଗ୍ରଭାଗରେ ରହି ନାରୀ ନେତୃତ୍ୱର ଗରିମା ବଢ଼ାଇଛନ୍ତି। ଏମାଟି ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ତୀବ୍ରତା ତଥା ଦେଶୀୟ ରାଜ୍ୟ ମିଶ୍ରଣର ଜୀବନ୍ତ ସାକ୍ଷୀ ବୋଲି ମଙ୍ଗଳବାର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ବିଶ୍ୱବିଦ୍ୟାଳୟର ବିବରଣୀ ଉପସ୍ଥାପନ କରିଥିଲେ। ରାଷ୍ଟ୍ରପତି ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ☞ପୃଷ୍ଠା-୨

## ନାଭିଗୟାରେ ପିଣ୍ଡଦାନ କଲେ ରାଷ୍ଟ୍ରପତି

**ଯାଜପୁର,୩।୨(ହର୍ଷବର୍ଦ୍ଧନ ବେହେରା)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପ୍ରଥମେ ପୂର୍ବାହ୍ନ ସାଢ଼େ ୯ଟାରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଯାଜପୁର ଆସିଥିଲେ। ହେଲିପ୍ୟାଡ୍‌ରୁ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା’ ବିରଜା ମନ୍ଦିରକୁ ନିଆଯାଇଥିଲା। ବିରଜା ମନ୍ଦିରରେ ପ୍ରଥମେ ରାଷ୍ଟ୍ରପତି ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ମନ୍ଦିରର ସେବାୟତ ସତ୍ୟରଞ୍ଜନ ପାଣି, ଅବିନାଶ ପାଣି ଓ କଲ୍ୟାଣ ପାଣି ପିଣ୍ଡଦାନ କାର୍ଯ୍ୟ ସମ୍ପାଦନ କରିଥିଲେ। ସେବାୟତ ବିଜୟ ପାଣି, ଦୁର୍ଗାମାଧବ ପାଣି ଓ ସତ୍ୟବ୍ରତ ପାଣି ପୂଜା କାର୍ଯ୍ୟ କରିଥିବାବେଳେ ଦେବୀ ପ୍ରସାଦ ପାଣି ରାଷ୍ଟ୍ରପତିଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ଏହି ଅବସରରେ ମୁକ୍ତିମଣ୍ଡପ ସେବାୟତ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ମୁର୍ମୁ ସେବାୟତମାନଙ୍କୁ ରାଷ୍ଟ୍ରପତି ଭବନ ବୁଲି ଆସିବାକୁ ନିମନ୍ତ୍ରଣ କରିଥିଲେ। ପିଣ୍ଡଦାନ ସରିବା ପରେ ରାଷ୍ଟ୍ରପତି ମା’ ବିରଜାଙ୍କୁ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବଦେବୀ ଦର୍ଶନ କରିଥିଲେ। ଏହାପରେ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଜିଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା। ☞ପୃଷ୍ଠା-୨

## କ୍ଷତିଗ୍ରସ୍ତଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଚକ୍ରାନ୍ତ ଅଭିଯୋଗ

**ନାଲ୍‌କୋ ବ୍ରାଉନଫିଲ୍‌ଡ ସମ୍ପ୍ରସାରଣ ପ୍ରସଙ୍ଗ**

**ଅନୁଗୋଳ,୩।୨ (ମାନସ ବିଶ୍ୱାଳ)**

- ଉଚିତ କ୍ଷତିପୂରଣ, ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆନ୍ଦୋଳନ
- ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କଲେ କେତେଜଣ କ୍ଷତିଗ୍ରସ୍ତ

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ହେଲେ ପୂର୍ବରୁ କମ୍ପାନୀ ସ୍ଥାପନ ବେଳେ ଜମି ହରାଇଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କୁ ଏଯାଏ ନାଲ୍‌କୋ ଚାକିରି ଦେଇ ନ ଥିବା ଅଭିଯୋଗ କରି ମଙ୍ଗଳବାର କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଜମି ହରାଉଥିବା କେତେଜଣ କ୍ଷତିଗ୍ରସ୍ତ ପରିବାର ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପାଇଁ ଜମିହରାଙ୍କୁ ଉଚିତ ମୂଲ୍ୟ ଓ ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ନାଲ୍‌କୋକୁ କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ସମ୍ପୃକ୍ତ ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଏଥିସହ ପ୍ରଶାସନ ବାରମ୍ବାର ନିଜ କଥା ବଦଳାଉଥିବାବେଳେ ନାଲ୍‌କୋ ସହ ମିଶି ଜମିହରାଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି।

କ୍ଷତିଗ୍ରସ୍ତ ପ୍ରତାପ ନାଥ, ସୁରଥ ବେହେରା, ରାଜେଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ଶ୍ରୀପତି ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି, ନାଲ୍‌କୋ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବା ପାଇଁ ☞ପୃଷ୍ଠା-୨

# ଝିଅ ବୋଝ ନୁହନ୍ତି, ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବଦମ୍ପତିଙ୍କୁ ସହାୟତା ପ୍ରଦାନ ଚେକ୍ ପ୍ରଦାନ କରୁଛନ୍ତି।

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ**

- ଯୋଗ୍ୟ କନ୍ୟାଙ୍କ ବିବାହକୁ ସରକାର ଦେବେ ୬୦ ହଜାର ଟଙ୍କା
- ତାରାତାରିଣୀ ପୀଠରେ ୨୦୧ ବରକନ୍ୟାଙ୍କ ବିବାହ

**ପୁରୁଷୋତ୍ତମପୁର,୩।୨(ସବିତା ମିଶ୍ର)**

ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନ୍‌ଙ୍କ ଆଶୀର୍ବାଦ। ଆମେ ଏପରି ଓଡ଼ିଶା ଗଢ଼ିବା, ଯେଉଁଠି କୌଣସି ଝିଅ ଆର୍ଥିକ ଅନଟନ କିମ୍ବା ସାମାଜିକ ଚାପ ହେତୁ ବୟସ ନ ହେଉଣୁ ବିବାହ କରିବାକୁ ବାଧ ହେବେ ନାହିଁ। ଯୋଗ୍ୟା କନ୍ୟାଙ୍କ ବିବାହ ପାଇଁ ସରକାର ସହାୟତା ପ୍ରଦାନ କରିବେ ବୋଲି ଗଞ୍ଜାମ ଜିଲାର ଆରାଧ୍ୟା ମା’ ତାରାତାରିଣୀଙ୍କ ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି। ସେଠାରେ ଏକା ସଙ୍ଗେ ୨୦୧ ବରକନ୍ୟାଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟାଦାନ କରିବା ସହ ନବଦମ୍ପତିଙ୍କୁ ଆଶୀର୍ବାଦ କରି ଯୋଜନା ସମ୍ପର୍କରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମିଲହେବା ପାଇଁ କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ଏବଂ ବରଙ୍କ ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଯୋଗ୍ୟ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ମାଲ୍ୟାର୍ପଣ/ମଧୁବାବୁ ସମ୍ପର୍କୀତ ଆଲୋଚନାଚକ୍ର, ସ୍ଥାନ: ରାଜଭବନ ଛକ/ଲୋକସମ୍ପର୍କ ଭବନ, ସମ୍ମିଳନୀ ଭବନ, ସମୟ: ସକାଳ ୮ଟା ୩୦/ସନ୍ଧ୍ୟା ୫ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ରାଜ ଭବନ ଛକ, ସମୟ: ସକାଳ ୯ଟା।
- ବିଶ୍ୱ କର୍କଟ ଦିବସ ପାଳନ, ସ୍ଥାନ: ସ୍ପେସିଆଲ୍ ସର୍କିଟ ହାଉସ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଶ୍ରାଦ୍ଧବାର୍ଷିକରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ କର୍କଟ ଦିବସ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ନିଜିଗଡ, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।

**ବାଲେଶ୍ୱର**
- କର୍କଟ ପ୍ରତିରୋଧକ ସଚେତନତା ଶୋଭାଯାତ୍ରା, ସ୍ଥାନ:ଥାନାଛକ, ଭୋଗରାଇ, ସମୟ: ସକାଳ ୮ଟା ୩୦।
- ପିତୃମାତୃ ସମ୍ମିଳନୀ ଓ ୨୩ତମ ବାର୍ଷିକ ଉତ୍ସବ, ସ୍ଥାନ:ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଖଇରା, ସମୟ:ସକାଳ ୯ଟା।
- ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସମୟ:ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ୍ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବର ଉଦ୍‌ଯାପନୀ, ସ୍ଥାନ:ମିରିଗିମୁଣ୍ଡି, ଗୁପ୍‌ସା, ସମୟ:ମଧ୍ୟାହ୍ନ ୧୨ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପରାୟଣ ଦିବସ, ସ୍ଥାନ: ଷ୍ଟେସନ କ୍ଲବ ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**
- ବିଶ୍ୱ କର୍କଟ ଦିବସରେ ୱାକାଥନ, ସ୍ଥାନ: ଖଲ୍ଲିକୋର୍ଟ କଲେଜ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ତିରୋଧାନ ଦିବସ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ସକାଳ ୮ଟା।
- ଭାରତୀୟ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ଦାଖଲ, ସ୍ଥାନ: ଗୋସାଇଁନୂଆଗାଁ ଥାନା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ପିଏମ୍‌ଶ୍ରୀ ବ୍ରଜନାଥ ବଡେଜନା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦରର ନୂତନ ଜେପିପିଏଲ୍ ବର୍ଥରେ ପ୍ରଥମ କରି ଜାହାଜ ଲାଗିବ, ସ୍ଥାନ: ବନ୍ଦର ପୋତାଶ୍ରୟ, ପାରାଦୀପ, ସମୟ: ସକାଳ ୯ଟା।
- କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ ମନୋଭାବ ବିରୋଧରେ ବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ଉର୍ଦ୍ଦୁ ନାଟକ ଚାକ୍ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଉଦୟ ନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ବରୀ ଓ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ଜିଲା ବିଦ୍ୟୁତ ଉପଭୋକ୍ତା କମିଟି ପକ୍ଷରୁ ଗଣ ସମ୍ମିଳନୀ, ସ୍ଥାନ : ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସ ସରୋବର ମେଳାର ୭ମ ଦିବସରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୨ୟ ଦିବସରେ ସୂର୍ଯ୍ୟପୂଜା ସହ ପ୍ରବଚନରେ ଶ୍ରୀରାମ ନାମ ମହାତ୍ମ୍ୟ ସତୀମୋହ ଓ ଶିବ ପାର୍ବତୀ ବିବାହ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ପ୍ରାତଃ ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।

**ରାୟଗଡ଼ା**
- ନୂତନ ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ଡାଙ୍ଗସୋରଡା ସ୍କୁଲ ପରିସର, ଚନ୍ଦ୍ରପୁର, ସମୟ: ଅପରାହ୍ନ ୩ଟା ୩୦।

**ନବରଙ୍ଗପୁର**
- ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ାସ୍ଥିତ ଅଗ୍ରଗାମୀ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଉତ୍କଳ ଗୌରବ ମଧୁସୁଧନ ଦାସଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଗୋପବନ୍ଧୁ ପାର୍କ, କୋରାପୁଟ, ସମୟ: ସକାଳ ୯ଟା ୩୦।
- ସମ୍ପୂର୍ଣ୍ଣତା ଅଭିଯାନ, ସ୍ଥାନ: ପଞ୍ଚାୟତ ସମିତି ପରିସର, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ସେନସସ ନେଇ କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍ କଂଗ୍ରେସର ସମ୍ବର୍ଦ୍ଧନା ସଭା, ସ୍ଥାନ: କଂଗ୍ରେସ ଭବନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଟିକାମ୍ବ ସରକାରୀ ଉଚ୍ଚ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୧ଟା।
- ୬୯ତମ ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, କୋଟପାଡ଼, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ରର ଶୁଭାରମ୍ଭ, ସ୍ଥାନ : ଫାଟକ, ସମୟ : ମଧ୍ୟାହ୍ନ ୧୨ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଅଭ୍ୟୁଦୟ: ବିକାଶ, ସମୃଦ୍ଧି ଓ ନୂତନ ଆରମ୍ଭର ଉତ୍ସବ,ସ୍ଥାନ: କେ.ଭି.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/କେ.ଭି.ଡିଗ୍ରୀ କଲେଜ, କଣ୍ଟାବାଞ୍ଜି ବ୍ଲକ, ସମୟ: ପୂର୍ବାହ୍ନ୧୦ଟାରୁ ଅପରାହ୍ନ ୫ଟା।

**ରାଉରକେଲା**
- ଆନ୍ତଃ ଶ୍ରେଣୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀଙ୍କ ଧାର୍ମିକ ଶୋଭାଯାତ୍ରା, ସ୍ଥାନ: ଏଡ଼ିଏମ୍ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥା ପ୍ରବଚନ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ,ସ୍ଥାନ:ମହାବିଦ୍ୟାଳୟ ପରିସର,ସମୟ: ସକାଳ ୯ଟା।
- ଗ୍ରାମ୍ୟ ଜଳ ଅର୍ପଣ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ଜଲଙ୍ଗବିରା ଗ୍ରାମର ପାଣି ଟାଙ୍କି ନିକଟସ୍ଥ ପଡିଆ, ଜଲଙ୍ଗବିରା ଗ୍ରାମପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ଟା।
- ସୁନ୍ଦରଗଡ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଲୁହୁରାଡିପା ନୂଆ ବସଷ୍ଟାଣ୍ଡ ସ୍ଥିତ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ,ସମୟ: ସକାଳ୯ଟାରୁ୨ଟା।

**ବରଗଡ଼**
- ଧନୁଯାତ୍ରା ନନ୍ଦରାଜାଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କୀର୍ତ୍ତନ ମଣ୍ଡପ, ଅମ୍ବାପାଲି, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଜନଗଣନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ ଭଲିବଲ ପାଇଁ ବାଳିକା ଚୟନ ଶିବିର, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ବାବା କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଦେବଗଡ଼**
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା ୩୦।
- ବାବା କୁତ୍ରେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରିଆମାଳ ବ୍ଲକ୍ କଣ୍ଟାବାହାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ସରକାରଙ୍କ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପ ବିରୋଧରେ ବିକ୍ଷୋଭ ପଦଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## 'କଳ୍କି' ସିକ୍ୱେଲରେ ସାଇ ପଲ୍ଲବୀ



**ହାଇଦ୍ରାବାଦ:** ନାଗ ଅଶ୍ୱିନଙ୍କ ନିର୍ଦ୍ଦେଶିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'ର ସିକ୍ୱେଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ଫିଲ୍ମର ମୁଖ୍ୟ ନାୟିକା 'ସୁମତି' ଭୂମିକାରେ ଅଭିନୟ କରୁଥିବା ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏହି ପ୍ରୋଜେକ୍ଟରୁ ଓହରି ଯାଇଥିବା ବେଳେ ତାଙ୍କ ସ୍ଥାନରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ନେବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥାର ଜଣେ ପ୍ରତିନିଧି ସ୍ପଷ୍ଟ କରିଛନ୍ତି ଯେ, ସାଇ ପଲ୍ଲବୀଙ୍କ ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଦୀପିକାଙ୍କ ବିଦାୟ ପରେ ନିର୍ମାତାମାନେ 'ସୁମତି' ଚରିତ୍ର ପାଇଁ ସାଇ ପଲ୍ଲବୀଙ୍କ ନାମ ଉପରେ ବିଚାର କରୁଛନ୍ତି। ସେ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି ସେମାନେ ଭାବୁଛନ୍ତି। ଦୀପିକା ପ୍ରାୟ ୨୦ ଦିନର ଶୁଟିଂ ଶେଷ କରିସାରିଥିଲେ। କିନ୍ତୁ ପାରିଶ୍ରମିକ ବୃଦ୍ଧିକୁ ନେଇ ନିର୍ମାତାଙ୍କ ସହ ବୁଝାମଣା ନ ହେବାରୁ ସେ ଏହି ଚଳଚ୍ଚିତ୍ରରୁ ଓହରି ଯାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାର ଉକାର ମକାର ତିନି,**
**ଓଁକାର ଅକ୍ଷୟ ବେଦର ଧ୍ୱନି।**

ଅକାର, ଉକାର ଓ ମକାର ଯଥାକ୍ରମେ ସୂର୍ଯ୍ୟବୀଜ, ଚନ୍ଦ୍ରବୀଜ ଓ ଅଗ୍ନିବୀଜ ଭାବେ ପରିଗଣିତ। ଏହାର ମୂଳ ତିନୋଟି ଅକ୍ଷର 'ଅ', 'ଉ' ଓ 'ମ'ର ସଂଯୋଗରେ 'ଓଁ'ର ଉତ୍ପତ୍ତି ହୋଇଥାଏ। ଏହାକୁ ପ୍ରଥମେ ଉଚ୍ଚାରଣ କରି ମନ୍ତ୍ରପାଠ କଲେ ମନ୍ତ୍ର ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଳପ ଜାଣେ, ବହୁ ବଖାଣେ**
**ମରିବା ବଞ୍ଚିବା ଦୁଇ ନ ଜାଣେ।**

ସାଧାରଣତଃ ଜ୍ୟୋତିଷ ଓ ନାହାକ ଭଳି ବ୍ୟକ୍ତି ଲୋକର ହାତ ବା ଜାତକ ଦେଖି ତାଙ୍କ ଆଗତ ଭବିଷ୍ୟତ କଥା କହିଥାନ୍ତି। ଏଭଳି ବ୍ୟକ୍ତି ଯେତିକି ଜାଣିଥାନ୍ତି ତା'ଠାରୁ କାହିଁ କେତେ ଅଧିକ କଥା ଲୋକଙ୍କୁ ଶୁଣାଇଥାନ୍ତି। ତେବେ ସେମାନେ ଲୋକର ଜନ୍ମ ଓ ମୃତ୍ୟୁ ଭଳି ଏହି ଦୁଇଟି କଥାକୁ କେବେ ସଠିକ ବା ନିର୍ଭୁଲ ଭାବେ ଆକଳନ କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଲୋକଙ୍କ ଡାଟା...

କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଦିଆଯିବ ନାହିଁ। ଅନ୍ୟପକ୍ଷେ ବିଜ୍ଞାପନ ଉଦ୍ଦେଶ୍ୟରେ ୟୁଜର ଡାଟା ଶେୟାରିଂ ପ୍ରସଙ୍ଗରେ ଟ୍ରିବ୍ୟୁନାଲ କମ୍ପାନୀ ଦ୍ୱାରା କ୍ଷମତାର ଦୁରୁପଯୋଗ ହେଉ ନ ଥିବା କହି ମେଟାକୁ ଅନୁମତି ଦେଇଥିବାରୁ ସିସିଆଇ ମଧ୍ୟ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବ୍ୟବସାୟିକ ଉଦ୍ଦେଶ୍ୟରେ କମ୍ପାନୀର ଶୋଷଣକାରୀ ନୀତିକୁ ସମାଲୋଚନା କରିଥିଲେ। ସିଜେଆଇ କହିଥିଲେ, ତୁମେ ଯଦି ଭାରତୀୟ ସମ୍ବିଧାନକୁ ମାନି ଚଳିପାରିବ ନାହିଁ ତେବେ ଦେଶ ଛାଡ଼ି ଚାଲିଯାଅ। ଆମେ ନାଗରିକଙ୍କ ପ୍ରିଭେସିରେ ସାଲିସ ହେବାକୁ ଅନୁମତି ଦେଇପାରିବୁ ନାହିଁ।

### ମାଟିର ଗରିମା...

ଓ କନ୍ୟା ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ। ସେ ଫକୀରମୋହନଙ୍କ ଅମରକୃତି 'ରେବତୀ'ର ଗୁରୁତ୍ୱକୁ ଉଲ୍ଲେଖ କରି, ରେବତୀ କିପରି ଅନେକ ଅସୁବିଧା ସତ୍ତ୍ୱେ ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନୀତି, ସତ୍ୟ ନିଷ୍ଠତା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ। କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଯୋଗଦେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭବିଷ୍ୟମୂଳକ ଯୋଜନା ଓ ଭିଜନ ସମ୍ପର୍କରେ କହିଥିଲେ। ଶିକ୍ଷା ସମାଜ ଉନ୍ନତିର ଶକ୍ତିଶାଳୀ ଉପକରଣ। ଛାତ୍ରୀଛାତ୍ରମାନଙ୍କୁ ଆଜୀବନ ଶିକ୍ଷାର୍ଥୀ ହୋଇ ରହିବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ପଦକ୍ଷେପ ଓ ନୀତି ସଂଶୋଧନ ବିଷୟରେ ଆଲୋକପାତ କରିଥିଲେ। ସମାରୋହରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମଞ୍ଚାସୀନ ଥିଲେ। ଏହି ଅବସରରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଯାଇଥିଲା। ୧୦୧ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବା ବେଳେ ୮୯ ଜଣ ପି.ଏଚ୍‌ଡି. ଡିଗ୍ରୀଧାରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଅନୁରାଧା ବିଶ୍ୱାଳ, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶାନ୍ତନୁ କୁମାର ଆଚାର୍ଯ୍ୟ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଗୋପାଳ ଚନ୍ଦ୍ର ପାଣ୍ଡାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା।

### ନାଭିଗୟାରେ ପିଣ୍ଡଦାନ...

ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ଯାଜପୁରର ପ୍ରଶାସନିକ ଭବନ ପଡ଼ିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ପୋଲିସ ଡିଆଇଜି ଚରଣ ସିଂ ମୀନା, ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲାପାଳ ଅମ୍ବର କୁମାର କର, ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପୂର୍ବାହ୍ନ ୧୧ ଟା ୪୦ ମିନିଟରେ ବିମାନ ଯୋଗେ ରାଷ୍ଟ୍ରପତି ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

### ୯ମ ଶ୍ରେଣୀ ଛାତ୍ରୀଙ୍କୁ...

ଭିଡିଓରେ ରେକର୍ଡିଂକରି ନେଇଥିଲେ। ମଙ୍ଗଳବାର ଉକ୍ତ ଗଣବଳାତ୍କାର ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ବଲାଙ୍ଗୀର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏସ୍‌ପି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରେକେଲା ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଅଟକ ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ୨୨ ବର୍ଷୀୟ ଯୁବକ ଯାହାଙ୍କୁ ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଛି ତାଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ସାମାଜିକ କର୍ମୀ ଅରୁଣ ଖୁଆସ, ସିଡବ୍ଲୁସି ଇନ୍‌ଚାର୍ଜ ଅଧକ୍ଷା ଲୀନା ବାବୁ, ସଦସ୍ୟା ଏସ୍. ଲତାଶ୍ରୀ ଏସ୍‌ପି କାର୍ଯ୍ୟାଳୟକୁ ଯାଇ ଏସ୍‌ପି ଅଭିଲାଷଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ରାତିରେ ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ତୁରେକେଲାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ସିଡବ୍ଲୁସିରେ ପ୍ରଡ୍ୟୁସ୍ କରାଯିବ ବୋଲି ଇନ୍‌ଚାର୍ଜ ଅଧକ୍ଷା ଲୀନା କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଣ୍ଡା କହିଛନ୍ତି, ପୀଡ଼ିତା ଛାତ୍ରୀଙ୍କୁ ସୁରକ୍ଷା ଦେବା ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ। ବଲାଙ୍ଗୀର ଏସ୍‌ପି ଅଭିଲାଷଙ୍କୁ ପଚରାଯିବାରେ ଭିଡିଓ ଭାଇରାଲ ପରେ ଘଟଣା ଜଣାପଡ଼ିଛି। ଗତ ଡିସେମ୍ବର ୨୫ ତାରିଖରେ ଏଭଳି ଘଟଣା ଘଟିଥିବା ପରିବାର ଲୋକେ କହିଛନ୍ତି। ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହଯୋଗ ଦିଆଯିବ। ଅଭିଯୁକ୍ତମାନଙ୍କୁ ଅଟକ ରଖାଯାଇଛି। ବୁଧବାର ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯିବ ବୋଲି ସେ କହିଛନ୍ତି।

### ଝିଅ ବୋଝ ନୁହନ୍ତି...

ସେଥିରୁ ୪୫ ହଜାର ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ଉପରେ ପଡୁଥିବା ବିବାହର ଆର୍ଥିକ ଭାର ଲାଘବ କରିବା, ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନର୍ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥା ବନ୍ଦ କରିବାକୁ ସହାୟକ ହେବ। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି। ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଏମ୍‌ପି ଅନିତା ପ୍ରିୟଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ନାୟକ, ସିଦ୍ଧାନ୍ତ ମହାପାତ୍ର, ସରୋଜ ପାଢ଼ୀ, କେ.ଅନିଲ, ନୀଳମଣି ବିଷୋୟୀ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ମହିଳା ଶିଶୁ ବିକାଶ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଛତ୍ରପୁର ଉପ ଜିଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସିଥିବା କେତେଜଣ କ୍ଷତିଗ୍ରସ୍ତ।

### କ୍ଷତିଗ୍ରସ୍ତଙ୍କ ଭିତରେ...

ହେବାକୁ ଥିବା ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ ଶେଷ କରାଯାଇଛି। ଗତ ଜାନୁଆରୀ ୨୮ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣି ହେବାର ଥିଲା। ପରେ ତାହାକୁ ଫେବୃଆରୀ ୧୮କୁ ଘୁଞ୍ଚାଇ ଦିଆଯାଇଛି। ତେବେ ନାଲ୍‌କୋ ପାଇଁ ଜମି ହରାଉଥିବା ଲୋକମାନେ ଉଚିତ ମୂଲ୍ୟ ସହ ସ୍ଥାୟୀ ନିଯୁକ୍ତି ନିମନ୍ତେ ଦାବି କରିଆସୁଛନ୍ତି। ସ୍ଥାୟୀ ଚାକିରିର ସ୍ୱପ୍ନ ଦେଖାଇ ନାଲ୍‌କୋ ଓ ଭୂ-ଅର୍ଜନ କାର୍ଯ୍ୟାଳୟ ସର୍ଭେ ସମ୍ପୂର୍ଣ୍ଣ କରାଇଥିଲା। ଏହି ସମୟରେ ଲୋକେ ନିଜର ଜମି ଦେବାକୁ ଆଦୌ ସହମତି ପ୍ରକାଶ କରି ନ ଥିଲେ। ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ବୈଠକରେ ଆଲୋଚନା ହୋଇଥିଲା। ସର୍ଭେ ପରବର୍ତ୍ତୀ ସମୟରେ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ପ୍ରଶାସନ ନିଜ ମତ ବଦଳାଉଛି। ସର୍ଭେ ପରବର୍ତ୍ତୀ ସମୟରେ କୌଣସି ତଥ୍ୟ ଗ୍ରାମବାସୀଙ୍କୁ ଦିଆଯାଉ ନାହିଁ। ଇତିମଧ୍ୟରେ ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ କରିଥିବା ସମସ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୬୩୫ ପ୍ରାର୍ଥୀ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ପ୍ରାୟ ଟେକ୍ନିକାଲ ପ୍ରାର୍ଥୀ ଭାବେ ବି- ଟେକ୍‌ରେ ୭୦ ଜଣ, ଡିପ୍ଲୋମାରେ ୪୭ ଓ ଆଇଟିଆଇରେ ୭୬ ଜଣଙ୍କୁ ମିଶାଇ ମୋଟ ୧୯୩ ଜଣ ଟେକ୍ନିକାଲ ଥିବାବେଳେ ଅନ୍ୟ ସମସ୍ତେ ହେଉଛନ୍ତି ନନ୍‌ଟେକ୍ନିକାଲ। ହେଲେ ବର୍ତ୍ତମାନ ପ୍ରଶାସନ କହୁଛି କେବଳ କ୍ଷତିଗ୍ରସ୍ତ ଟେକ୍ନିକାଲ ପ୍ରାର୍ଥୀଙ୍କୁ ନାଲ୍‌କୋ ପକ୍ଷରୁ ଚାକିରି ଦିଆଯିବ। ନନ୍‌ଟେକ୍ନିକାଲ ପ୍ରାର୍ଥୀମାନଙ୍କୁ କୌଣସି ଚାକିରି ଦିଆଯିବ ନାହିଁ। ପ୍ରଶାସନ ନାଲ୍‌କୋର ହାତବାରିସୀ ହୋଇ କାର୍ଯ୍ୟ କରୁଥିବା ବେଳେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ କଥା ଶୁଣୁ ନାହିଁ। ପ୍ରତିଦିନ ପ୍ରଶାସନ ମତ ବଦଳାଇ ଜମିହରାଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ନାଲ୍‌କୋ ସହ ମିଶି ଚକ୍ରାନ୍ତ ଚଳାଇଥିବା ଅଭିଯୋଗକାରଙ୍କ ସମେତ ୩ ମୌଜାର ଲୋକେ ଅଭିଯୋଗ ଆଣିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଚତୁଃଗ୍ରହ କର୍ମସ୍ଥାନରେ କାର୍ଯ୍ୟସିଦ୍ଧି, ଅର୍ଥ ଓ ସମ୍ମାନ ଲାଭ କରାଇବେ। କିନ୍ତୁ ନିକିତି ତଉଲ ପରି ପାରିବାରିକ ଜୀବନର ପଲା ନିମ୍ନାଭିମୁଖୀ ହେତୁ ମନାନ୍ତର ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ସ୍ଥିତି ମଧ୍ୟ ଉପୁଜିପାରେ। କିନ୍ତୁ ଅଶ୍ୱିନୀ ନକ୍ଷତ୍ର ସକାଶେ ଲୋକ ସମ୍ପର୍କ, ସଭାସମିତି, ଆଲୋଚନାଚକ୍ର, ସାହିତ୍ୟସଭା ପ୍ରୀତିପ୍ରଦ ରହିବ।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦ ଅନୁଭବ କରିବେ । ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା, ଧର୍ମକାର୍ଯ୍ୟ, ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସଫଳତା ପାଇପାରିବେ। ପଡ଼ୋଶୀଙ୍କ ସହ ସାଧାରଣ କଥାରେ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ**
ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ଅତିବାହିତ ହେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହୋଇପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସାଂଗଠନିକ ପ୍ରବୃତ୍ତିର ପ୍ରଶଂସା ମିଳିବ। କିନ୍ତୁ ସପ୍ତମସ୍ଥ ଗ୍ରହ ବିବାଦରେ ପରାଜୟ ଓ ମାଲିମକଦ୍ଦମାରେ ବିଫଳତା ପ୍ରଦାନ କରିପାରେ। ଆର୍ଥିକ ଅନଟନ ହେତୁ ଆଶା ପୂରଣ ହୋଇପାରିବ ନାହିଁ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ଯୋଜନା କରିପାରନ୍ତି।

**ସିଂହ**
ସମସ୍ୟା ଆସିଲେ ମଧ୍ୟ ଷଷ୍ଠଭାବସ୍ଥ ରବି ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବେ। ଭଲ ସମ୍ପର୍କ ନ ଥିବା କାରଣରୁ ଆତ୍ମୀୟମାନେ ସମସ୍ୟା ସୃଷ୍ଟି କରିପାରନ୍ତି। ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଧାର୍ମିକ କାର୍ଯ୍ୟ, ବ୍ୟବସାୟିକ ସ୍ଥିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବାର ଆଶା ରହିଛି।

**କନ୍ୟା**
କର୍ମସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟି ହେତୁ ପାରିବାରିକ ସମର୍ଥନ, ବାହାର ଲୋକଙ୍କ ସାହାଯ୍ୟ ଆପଣଙ୍କ ପଛରେ ରହିବ। ପରିବହନ, ଜମିଜମା ସମ୍ବନ୍ଧୀୟ ସମସ୍ୟା ଆସିପାରେ। ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ନିର୍ମାଣ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇପାରନ୍ତି।

**ତୁଳା**
କୌଣସି ଆନୁଷ୍ଠାନିକ କାମ, ସ୍ଥଗିତ ଧାର୍ମିକକାର୍ଯ୍ୟ ପାଇଁ ନିୟୋଜିତ ରହିବେ। ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା ପ୍ରତି ପାରିବାରିକ ସମର୍ଥନ ରହିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**
ଭାଗ୍ୟାଧିପତି କର୍ମଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନ, ଯାତ୍ରା, ଯାନ୍ତ୍ରିକ ଜିନିଷ କ୍ରୟ, ଦୂରଯାତ୍ରା ପାଇଁ ଦିନଟି ଅନୁକୂଳ। ଚନ୍ଦ୍ର ସହ କେତୁଜନିତ ପାରିବାରିକ କ୍ଷେତ୍ରରେ ଟେନ୍‌ସନ ବଢିବ। ନିଜର ଭଳି ବ୍ୟବହାର ଦେଖାଉଥିବା ବ୍ୟକ୍ତିମାନେ ପଛରେ ଅପପ୍ରଚାର ଚଳାଇପାରନ୍ତି।

**ଧନୁ**
ସମ୍ପର୍କୀୟଙ୍କ ସହାନୁଭୂତି ଆପଣଙ୍କୁ ନୂତନ ଗୃହ, ଯାନ କ୍ରୟ ଓ କାର୍ଯ୍ୟସିଦ୍ଧି ସକାଶେ ସାହାଯ୍ୟ କରିବ। ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ। ବନ୍ଧୁଙ୍କ ସହ ସାକ୍ଷାତ୍କାର ସାଙ୍ଗକୁ ଦେବ ଦର୍ଶନ ଏବଂ ଭ୍ରମଣ ସୁଯୋଗ ପାଇବେ। ପରୀକ୍ଷା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର**
ବନ୍ଧୁଙ୍କ ଭୁଲ୍ ବୁଝାମଣା ସାଙ୍ଗକୁ ମିଥ୍ୟା ଅଭିଯୋଗ ବ୍ୟଥିତ କରିବ। ଫଳତଃ ମାନସିକ ସ୍ଥିରତା ହରାଇବା ସଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟାରେ ମଧ୍ୟ ପୀଡ଼ିତ ହୋଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। ଯାତ୍ରା, ନିର୍ମାଣ, ଆନୁଷ୍ଠାନିକ କାର୍ଯ୍ୟ ଏବଂ କଚେରି ମାମଲା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ**
ସ୍ୱାସ୍ଥ୍ୟରେ ଉନ୍ନତି ସଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଲକ୍ଷ୍ୟ ହାସଲରେ ସହାୟକ ହେବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ମନସ୍ତାପ କରିବା ବ୍ୟତୀତ କିଛି ଲାଭ ହେବନି। ଶିଳ୍ପ,ନୂତନ ଉଦ୍ୟୋଗ, ପରିବହନ, ବାଣିଜ୍ୟ, କାରଖାନା ଦିଗରୁ ଉପକୃତ ହୋଇପାରନ୍ତି।

**ମୀନ**
ପ୍ରତ୍ୟେକ ଦିଗରୁ ଗ୍ରହସମ୍ପର୍କର ଅନୁକୂଳତା ଜୀବନଚର୍ଯ୍ୟା ପାଇଁ ଲାଭଦାୟକ ରହିବ। ସ୍ଥଗିତ କାମରେ, ସ୍ୱାସ୍ଥ୍ୟ ସମସ୍ୟାରେ, ବାଣିଜ୍ୟରେ ସମସ୍ୟା ସମାଧାନ ହେବ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପୁରୁଣା ସମ୍ପର୍କକୁ ଯୋଡିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଫେବୃୟାରୀ ୪ ତାରିଖ। ବିଶ୍ୱ କର୍କଟ ଦିବସ, ଉତ୍କଳ ଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ। ଫାଲ୍‌ଗୁନ କୃଷ୍ଣ ତୃତୀୟା ବୁଧବାର। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୪ମି. ଗତେ ଘ.୦୭।୫୪ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୧୧।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୪ମି. ମଧ୍ୟେ ରାହୁ କାଳ।

# ଆଦାନୀ ଗ୍ରୁପ୍ ବିରୋଧରେ ପୋର୍ଟ କର୍ମଚାରୀଙ୍କ ଆନ୍ଦୋଳନ

**ଛତ୍ରପୁର, ୩।୨(ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରର ଉନ୍ନତି ଦାୟିତ୍ୱ ନେଇଥିବା ଆଦାନି ଗ୍ରୁପ୍ ଏହାର ପରିଚାଳନା ଦାୟିତ୍ୱ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଓ କଣ୍ଟ୍ରାକ୍ଟରଙ୍କୁ ଦେଇଛି। ଏମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟ ଶ୍ରମିକମାନେ ସେମାନଙ୍କ ଉଚିତ୍ ପ୍ରାପ୍ୟ ନ ପାଇ ମଙ୍ଗଳବାର ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଦାବିପୂରଣ ନେଇ ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରିଥିବା ଏହି ବର୍ଗର କର୍ମଚାରୀ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବା ଅଭିଯୋଗ କରିଛନ୍ତି।




ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କର୍ମଚାରୀ।

ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରମିକଙ୍କୁ ସେମାନଙ୍କ ହକ୍ ମିଳିବାରେ ଏଠାରେ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି। ଶ୍ରମ ଆଇନ ଉଲ୍ଲଂଘନ ବନ୍ଦ କରିବା, ସମାନ କାମକୁ ସମାନ ଦରମା, ଶ୍ରମିକଙ୍କୁ ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସବୁ ସୁବିଧା ଯୋଗାଇବା, ଇପିଏଫ୍ ଓ ଇନ୍‌କ୍ରିମେଣ୍ଟ ନିୟମିତ ଭାବେ

**ସମାନ କାମକୁ ସମାନ ଦରମା ଦାବି**

ପ୍ରଦାନ କରିବା ଆଦି ଦାବି ସଂଘ ପକ୍ଷରୁ ରଖାଯାଇଛି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ କହିଛି। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ସଭାପତି ଏସ୍. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ୍. ପ୍ରଭାକର ରେଡ୍ଡୀ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ନାହାକ, ସହ ସମ୍ପାଦକ ପି.ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଆଇନ ପରାମର୍ଶଦାତା ଜ୍ୟୋତିରଞ୍ଜନ ମିଶ୍ରଙ୍କ ସହ ସଂଘର ଶତାଧିକ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ରାଜ୍ୟକୁ ବିଏସ୍‌ଏନ୍‌ଏଲ୍ ବକେୟା ମାଗିଲା କେନ୍ଦ୍ର | ବାକି ଟଙ୍କା ତୁରନ୍ତ ଫେରାଅ

**ଭୁବନେଶ୍ୱର,୩।୨ (ରବିନାରାୟଣ ଜେନା)**

ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ବକେୟା ଥିବା ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)ର ପ୍ରାୟ ୨୮.୫୪ କୋଟି ଟଙ୍କା ତୁରନ୍ତ ପଇଠ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ କୁହାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ପତ୍ରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସଂପୃକ୍ତ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଯୋଗାଯୋଗ ମନ୍ତ୍ରାଳୟ ପକ୍ଷରୁ ଏନେଇ ପୂର୍ବରୁ ଦୁଇଥର ପତ୍ର ଲେଖି ଅନୁରୋଧ କରାଯାଇଥିଲା। ବିଏସ୍‌ଏନ୍‌ଏଲ ଅଧ୍ୟକ୍ଷ ଏ. ରବର୍ଟ ଜେ ରବି ୨୦୨୪ ଅକ୍ଟୋବର ୧୦ରେ ପ୍ରଥମେ ପତ୍ର ଲେଖି ଅବଗତ କରାଇଥିବାବେଳେ ବିଭାଗୀୟ ସଚିବ ଡ. ନିରଜ ମିତ୍ତଲ ୨୦୨୫ ମେ'୧୪ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ୨୦୨୫ ସେପ୍ଟେମ୍ବର ପହିଲା ଓ ନଭେମ୍ବର ୨୫ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ବକେୟା ଅର୍ଥ ମାଗିଥିଲେ। ହେଲେ ଅଦ୍ୟାବଧି ସମ୍ପୂର୍ଣ୍ଣ ବକେୟା ବିଏସ୍‌ଏନ୍‌ଏଲ୍ ପାଇନାହିଁ। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଦାନ କରିଥିବା ପତ୍ରରେ ପୂର୍ବପତ୍ର ସଂଖ୍ୟା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବିଏସ୍‌ଏନ୍‌ଏଲ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହରେ ସହାୟକ ହେଉଛି। ଏହାସହିତ ପଦାତିକ ବାହିନୀ ଏବଂ ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ସେବା ଯୋଗାଇଆସୁଛି। ବିଏସ୍‌ଏନ୍‌ଏଲ୍ ଆର୍ଥିକ ଚାପରେ ରହିଥିବାରୁ ଏଥିରୁ ମୁକୁଳିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯, ୨୦୨୨ ଏବଂ ୨୦୨୩ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ ବିଏସ୍‌ଏନ୍‌ଏଲ୍ ଆଗକୁ ବଢ଼ିପାରୁନାହିଁ। ଏକ୍ଷେତ୍ରରେ ରାଜ୍ୟର ସହାୟତା ନିହାତି ଆବଶ୍ୟକ। ବିଏସ୍‌ଏନ୍‌ଏଲ୍‌ର ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗକୁ ବକେୟା ଅର୍ଥ ଦେବା ଦିଗରେ ଏକ ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ରମନ୍ତ୍ରୀ ପତ୍ରରେ ଅନୁରୋଧ କରିଛନ୍ତି।

# ୨ ମାସ ରହିଲା, ବଜେଟ ଅର୍ଥର ଖର୍ଚ୍ଚ ବଢ଼ାଅ: ମୁଖ୍ୟ ସଚିବ

**ଭୁବନେଶ୍ୱର, ୩।୨ (ସୁନିତ୍ ମିଶ୍ର)**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ସେସବୁ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟ ଅନୁସାରେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତିର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରଓ୍ୱାରି ସମୀକ୍ଷା କରାଯାଇଛି। କୃଷି, ମତ୍ସ୍ୟ ଓ ପ୍ରାଣିପାଳନ, ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ବୃଦ୍ଧି ପାଇଛି। ଅଧିକ ବ୍ୟୟ ବରାଦ ହୋଇଥିବା ବିଭିନ୍ନ ବିଭାଗ ସହ ଅନ୍ୟ ସମସ୍ତ ବିଭାଗର ଖର୍ଚ୍ଚ ସମୀକ୍ଷା କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ହେବାକୁ ୨ ମାସ ରହିଛି। ତେଣୁ ଏହା ଭିତରେ କାର୍ଯ୍ୟକୁ ତ୍ୱରାନ୍ୱିତକରି ବଜେଟ ଅର୍ଥର ଖର୍ଚ୍ଚ ବୃଦ୍ଧିକରିବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ ଧାର୍ଯ୍ୟ ଅନୁସାରେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ୧୫ କାର୍ଯ୍ୟସୂଚୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ଆଲୋଚନା ହୋଇଛି। ବିଭିନ୍ନ ବିଭାଗ ଏ ସମ୍ପର୍କରେ ନିଜର ବିବରଣୀ ପ୍ରଦାନ କରିଛନ୍ତି। କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ତଥା ଦୁର୍ନୀତିଗ୍ରସ୍ତ, ଅପାରଗ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ସମ୍ପର୍କିତ ବିବରଣୀ ଆସନ୍ତା ମାସରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକୁ ଅଧିକ ଦକ୍ଷ ଏବଂ ଉତ୍ତରଦାୟୀ କରିବା ପାଇଁ ବିଭାଗଗୁଡ଼ିକରେ ମିଶନ କର୍ମଯୋଗୀ ଆଇ ଜିଓଟି ପ୍ଲାଟ୍‌ଫର୍ମରେ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରଶିକ୍ଷଣ ସମ୍ପର୍କରେ ନିୟମିତ ସମୀକ୍ଷା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ସହ ଯେଉଁସବୁ ବିଭାଗର ୱେବ୍‌ସାଇଟ୍ ଇଂଲିଶରେ ରହିଛି ଏବଂ ଏପର୍ଯ୍ୟନ୍ତ ତାହା ନିୟମିତ କରାଇ ନାହିଁ ତାକୁ ତୁରନ୍ତ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଏନ୍‌ଏଲ୍‌ସିଆଇଏଲ୍ ତଲାବିରାରେ ସିବିଆଇ ଚଢ଼ାଉ


**ଖଣି ଖନନ ଓ କୋଇଲା ଉତ୍ତୋଳନରେ ଦୁର୍ନୀତି ନେଇ ଛାନ୍‌ଭିନ୍**

**୧୯ ଜଣଙ୍କୁ ପଚରାଉଚରା**

**ସମ୍ବଲପୁର,୩।୨ (ପ୍ରମୋଦ ବହିଦାର)**

ଦିଲ୍ଲୀରୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ)ର ଏକ ଟିମ୍ ମଙ୍ଗଳବାର ସମ୍ବଲପୁର ଜିଲା ଖିଣ୍ଡା ପଞ୍ଚାୟତସ୍ଥିତ ନେଭେଲି ଲିଗ୍ନାଇଟ୍ କର୍ପୋରେଶନ୍ ଇଣ୍ଡିଆ ଲିମିଟେଡ୍(ଏନ୍‌ଏଲ୍‌ସିଆଇଏଲ୍) ତଲାବିରା କୋଇଲା ଖଣି କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଚଢ଼ାଉକାରୀ ଦଳରେ ଦିଲ୍ଲୀ ଓ ଭୁବନେଶ୍ୱର ସିବିଆଇର ଜଣେ ଲେଖାଏ ଅଧିକାରୀଙ୍କ ସହିତ ସମ୍ବଲପୁର ଓ ଝାରସୁଗୁଡ଼ା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଞ୍ଚଳିକ ଅଧିକାରୀ ସାମିଲ ହୋଇଥିଲେ। କୋଇଲା ଖନନ ଏବଂ ଉତ୍ତୋଳନ ପ୍ରକ୍ରିୟାରେ ହୋଇଥିବା ଦୁର୍ନୀତି ଓ ଅନିୟମିତତା ତଥା ଅଞ୍ଚଳରେ ପ୍ରଦୂଷଣଜନିତ ସମସ୍ୟା ନେଇ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଏହି ଚଢ଼ାଉ ହୋଇଛି। ବିଶେଷକରି ତଲାବିରା-୧ କୋଇଲା ଖଣିରୁ ଅନୁମୋଦିତ ପରିମାଣଠାରୁ ବହୁ ଅଧିକ କୋଇଲା ଉତ୍ତୋଳନ କରାଯାଇଥିବା ନେଇ ସିବିଆଇ ବର୍ତ୍ତମାନ ଛାନ୍‌ଭିନ୍ କରୁଛି। ଏହାକୁ ନେଇ ଚଢ଼ାଉକାରୀ ସିବିଆଇ ଅଧିକାରୀମାନେ କୌଣସି ସୂଚନା ଦେଇ ନାହାନ୍ତି। ମାତ୍ର ଏହି ମାମଲାରେ ସିବିଆଇ ପକ୍ଷରୁ ତନାଘନା ଜାରି ରହିଥିବା ବେଳେ ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ୧୯ ଜଣଙ୍କୁ କମ୍ପାନୀର ବେଆଇନ ଖନନ ଓ ଉତ୍ତୋଳନ ସହିତ ପ୍ରଦୂଷଣ ସମ୍ପର୍କରେ ସିବିଆଇ ଅଧିକାରୀମାନେ ପଚରାଉଚରା କରିଥିଲେ। ତେବେ ୧୯ ଜଣଙ୍କୁ ସମନ ହୋଇଥିଲେ ମଧ୍ୟ ୧୪ ଜଣ ଉପସ୍ଥିତ ଥିଲେ ବୋଲି ସୂଚନା ମିଳିଛି। ଏନ୍‌ଏଲ୍‌ସିଆଇଏଲ ତଲାବିରା ଖଣି ସମ୍ପ୍ରସାରଣକୁ ନେଇ ୨୦୧୦ ମସିହାରେ ହୋଇଥିବା ଜନଶୁଣାଣିରେ ଲୋକଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ପୂର୍ବରୁ ଏହି କୋଇଲା ଖଣିକୁ ନେଇ ଏକ ମାମଲା ରୁଜୁ ହୋଇଥିଲେ ମଧ୍ୟ କୌଣସି କାରଣବଶତଃ ତାହା ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ କାଳରେ ୨୦୧୪ ମସିହାରେ ସ୍ଥାନୀୟ ଲୋକମାନେ ପୁଣିଥରେ ଖଣିକୁ ନେଇ ଅଭିଯୋଗ କରିଥିଲେ। ସେହି ସମୟରେ ସିବିଆଇ ପକ୍ଷରୁ କୋଇଲା ଖଣିରେ ଚଢ଼ାଉ ହୋଇଥିଲା। ତେବେ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ଖଣି ଅଞ୍ଚଳରେ ହେଉଥିବା ବେଆଇନ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସିବିଆଇ ପୁଣିଥରେ ଏହି ଫାଇଲ୍ ଖୋଲିଛି। ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲାର କୋଇଲା ଖଣିଗୁଡ଼ିକରେ ହେଉଥିବା ଅନିୟମିତତା ଉପରେ କେନ୍ଦ୍ରୀୟ ସଂସ୍ଥା ନଜର ରଖିଥିବା ବେଳେ ଆଗାମୀ ଦିନରେ ଏହି ତଦନ୍ତ ଆହୁରି ବ୍ୟାପକ ହେବାର ସମ୍ଭାବନା ରହିଛି।




# ଶିଶୁବାଟିକା ପିଲାଙ୍କୁ ପୋଷାକ ପାଇଁ ମିଳିବ ଟଙ୍କା

**ଭୁବନେଶ୍ୱର,୩।୨(ସୁଚିସ୍ମିତା ସାହୁ)**

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମାଗଣା ବିଦ୍ୟାଳୟ ପୋଷାକ ଯୋଗାଇ ଦିଆଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପୋଷାକ ପାଇଁ ୧,୦୦୦ ଟଙ୍କା ପ୍ରଦାନ କରାଯିବ। ଏନେଇ ବିଭାଗ ପକ୍ଷରୁ ସମସ୍ତ ଜିଲା କାର୍ଯ୍ୟାଳୟକୁ ଅର୍ଥ ଦିଆଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ ଶିଶୁବାଟିକା ପିଲାଙ୍କୁ ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ପ୍ରାଥମିକତା ଦେଇ ସମସ୍ତ ଡିଇଓ-କମ୍-ଡିସିପିଏସ୍‌ମାନେ ନିଜେ ନିରୀକ୍ଷଣ କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ମଙ୍ଗଳବାର ସମସ୍ତ ଡିଇଓ-କମ୍-ଡିସିପିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ, ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବାକୁ ଥିବା ୟୁନିଫର୍ମ 'ମାନଦଣ୍ଡ' ଶ୍ରେଣୀ-୧ ଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ନିୟମାବଳୀ ସହିତ କଡ଼ାକଡ଼ି ପାଳନ କରାଯିବ। ସେମାନଙ୍କ ପୋଷାକର ରଙ୍ଗ, ଗୁଣମାନ, ଲୋଗୋ ସବୁ ପ୍ରଥମଶ୍ରେଣୀ ପିଲାଙ୍କ ପୋଷାକ ଭଳି ରହିବ। ପ୍ରଥମରୁ ଅଷ୍ଟମଶ୍ରେଣୀ ପିଲାଙ୍କ ପୋଷାକ ବଣ୍ଟନ ବେଳେ ଯେପରି ପ୍ରଯୁଜ୍ୟ ଆର୍ଥିକ, କ୍ରୟ ଭଳି ମାନଦଣ୍ଡକୁ କଡ଼ାକଡ଼ି ପାଳନ କରାଯାଉଥିଲା, ସେହିପରି ଶିଶୁବାଟିକା ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ-କମ୍-ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ଏସ୍‌ଏଜି/ଏସ୍‌ଏମ୍‌ସି ମାଧ୍ୟମରେ ପୋଷାକ ବଣ୍ଟନ କରାଯିବ। ଚଳିତ ଶିକ୍ଷାବର୍ଷରେ ଏନେଇ କୌଣସି ନୂତନ ଟେଣ୍ଡରର ଆବଶ୍ୟକତା ନାହିଁ।



# ତଥ୍ୟ ଅସୁରକ୍ଷିତ

ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ବାରମ୍ବାର ଅପବ୍ୟବହାର କରାଯାଉଥିବାରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇଆସୁଛି। ବିଶେଷକରି ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା ବଢ଼ିଥିବାରୁ ତଥ୍ୟକୁ ନେଇ ସର୍ବଦା ଆଲୋଚନା ହେଉଛି। ନାଗରିକର ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟ ଆଦାନପ୍ରଦାନରେ ସୁରକ୍ଷା ରହିବା ଜରୁରୀ। ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଓ ତାହାର ମୂଳ କମ୍ପାନୀ ମେଟା, ଯାହା ଅଧୀନରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଅଛି, ତାହା ବ୍ୟବହାରକାରୀଙ୍କ ତଥ୍ୟରୁ ଲାଭ ପାଇଁ ଅନ୍ୟମାନଙ୍କ ସହ ଡାଟା ଶେୟାର କରିଦେଉଥିବାରୁ ସୁପ୍ରିମକୋର୍ଟ ୩ ଫେବୃଆରୀରେ ଏହାକୁ ନେଇ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ସର୍ବୋଚ୍ଚ ଅଦାଲତ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ଅପବ୍ୟବହାର କରିବାକୁ ଅନୁମତି ଦେବେ ନାହିଁ ବୋଲି କହିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ଙ୍କ ରାୟକୁ ଚ୍ୟାଲେଞ୍ଜ କରି ହ୍ୱାଟ୍ସଆପ୍ ଓ ମେଟା ସର୍ବୋଚ୍ଚ ଅଦାଲତରେ ଦାଏର କରିଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସୂଚନାଯୋଗ୍ୟ, ହ୍ୱାଟ୍ସଆପ୍‌ର ୨୦୨୧ ଗୋପନୀୟତା ନୀତିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ହ୍ୱାଟ୍ସଆପ୍ ଉପରେ ୨୧୩.୧୪ କୋଟି ଟଙ୍କାର ଜରିମାନା ଲଗାଇଥିଲା। ପରେ ଏନ୍‌ସିଏଲ୍‌ଏଟି ୪ ନଭେମ୍ବର ୨୦୨୫ରେ ଉକ୍ତ ଆଦେଶକୁ ବଳବତ୍ତର ରଖିଥିଲେ। ଏହା ପରେ ମେଟା ସୁପ୍ରିମକୋର୍ଟ ଯିବା ସହ ଉପରୋକ୍ତ ଅର୍ଥ ମଧ୍ୟ ଦାଖଲ କରିଥିବା କୋର୍ଟରେ ଦର୍ଶାଇଛି। ହେଲେ ସର୍ବୋଚ୍ଚ ଅଦାଲତ କହିଛନ୍ତି, କେବଳ ଅର୍ଥ ପଇଠ କରିଦେଲେ ହେବ ନାହିଁ, ବରଂ ନାଗରିକଙ୍କ ଅଧିକାର ସୁରକ୍ଷିତ ଓ ସୁନିଶ୍ଚିତ ରହିବା ଦରକାର।

> **ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।**

ତଥ୍ୟ ସୁରକ୍ଷା ଉପରେ ଶୀର୍ଷ ଅଦାଲତଙ୍କ ଟିପ୍ପଣୀ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ। କାରଣ ଆଜିର ଡିଜିଟାଲ ଯୁଗରେ ତଥ୍ୟ ସବୁଠାରୁ ମୂଲ୍ୟବାନ ପଦାର୍ଥ ହୋଇଗଲାଣି। ଏଭଳି କମ୍ପାନୀଗୁଡ଼ିକ ବିଭିନ୍ନ ସମୟରେ ଲାଭ ପାଇଁ ଲୋକଙ୍କ ତଥ୍ୟ ବିକ୍ରି କରିଦେଉଛନ୍ତି। ତେଣୁ ପ୍ରିଭେସି ସୁରକ୍ଷା ନେଇ ସ୍ୱତନ୍ତ୍ର ନିୟନ୍ତ୍ରଣ ଅଣାଯିବା ଉପରେ ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ତାହାର ସୁଫଳ ମିଳିପାରୁ ନାହିଁ। ଅନ୍ୟପଟେ ଭାରତ ସରକାରଙ୍କ ପାଖରେ ମଧ୍ୟ ନାଗରିକଙ୍କ ତଥ୍ୟ ସୁରକ୍ଷିତ ରହିପାରୁନାହିଁ। ଉଦାହରଣ ସ୍ୱରୂପ, ବିଭିନ୍ନ ସମୟରେ ସରକାରୀ ୱେବ୍‌ସାଇଟ୍ ଏବଂ ଡିଜିଟାଲ ପ୍ଲାଟଫର୍ମରୁ ତଥ୍ୟ ଚୋରି କଥା ଶୁଣିବାକୁ ମିଳିଛି। ସରକାର ବାରମ୍ବାର ଜୋର ଦେବା ଯୋଗୁ ପ୍ରାୟ ସବୁ ନାଗରିକ ନିଜ ଆଧାର ସହ ବ୍ୟାଙ୍କ, ପାନ୍‌କାର୍ଡ ଏବଂ ଅନ୍ୟସବୁ ସମ୍ବେଦନଶୀଳ ତଥ୍ୟ ଯୋଡ଼ି ସାରିଲେଣି। ବିଡ଼ମ୍ବନାର ବିଷୟ ହେଲା, ଆଧାର ତଥ୍ୟ ଲିକ୍ ହେବା ଘଟଣା ନୂଆ ନୁହେଁ। ଥରକୁ ଥର ଆଧାର ତଥ୍ୟ ଲିକ୍ ହେଉଛି ଓ ଲୋକଙ୍କ ପ୍ରିଭେସି ଉପରେ ଆଞ୍ଚ ଆସୁଛି। ଏହା ଉପରେ ମଧ୍ୟ ସୁପ୍ରିମକୋର୍ଟ ନିଜଆଡ଼ୁ ଟିପ୍ପଣୀ ଦେବା ଦରକାର। ନିକଟରେ ଭାରତ ସରକାର ପ୍ରତି ମୋବାଇଲରେ 'ସଞ୍ଚାର ସାଥୀ' ନାମକ ଏକ ଆପ୍ ବିକ୍ରି ପୂର୍ବରୁ ଇନ୍‌ଷ୍ଟଲ କରିବାକୁ ମୋବାଇଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆପଲ୍ ସମେତ ଅଧିକାଂଶ କମ୍ପାନୀ ସରକାରଙ୍କ ଏଭଳି ନିର୍ଦ୍ଦେଶ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟକୁ ବିପଦରେ ପକାଇବ ବୋଲି ଦର୍ଶାଇ ବିରୋଧ କରିଥିଲେ। ଏହି ବିରୋଧ ଯୋଗୁ କଥାଟି ଲୋକଲୋଚନକୁ ଆସିଲା ଓ ସାଧାରଣ ନାଗରିକଙ୍କ ଘୋର ସମାଲୋଚନା ଏବଂ ଚାପ ପଡ଼ିବା ପରେ ସରକାର ପଛଘୁଞ୍ଚା ଦେଇଥିଲେ। ଏଭଳି ସ୍ଥଳେ ଅନ୍ତର୍ଜାତୀୟ କମ୍ପାନୀ ଉପରେ କଟକଣା ଲଗାଇବା ସହଜ ହେଉ ନାହିଁ। ଅଷ୍ଟ୍ରେଲିଆ ସମେତ କେତେକ ୟୁରୋପୀୟ ଦେଶରେ ପିଲାମାନଙ୍କୁ ସୋସିଆଲ ମିଡିଆରୁ ବାରଣ କରିବା ଲାଗି ପଦକ୍ଷେପ ନିଆଯାଉଛି। ସେଥିପାଇଁ ଭାରତରେ ଅନୁରୂପ ବ୍ୟବସ୍ଥା କରାଯିବା ଉପରେ ଅନେକେ ଗୁରୁତ୍ୱ ଦେଉଛନ୍ତି। ହେଲେ ସାମାଜିକ ଗଣମାଧ୍ୟମର ପରିସର ଏତେ ବ୍ୟାପକ ହୋଇଛି ଯେ, ତାହାକୁ ଅତି ସହଜରେ ନିୟନ୍ତ୍ରଣ କରାଯାଇପାରୁ ନାହିଁ। ଦିନ ଥିଲା ସୋସିଆଲ ମିଡିଆ ବ୍ୟବହାର କରି ରାଜନୈତିକ ଦଳଗୁଡ଼ିକ ଅନେକ ଫାଇଦା ପାଉଥିଲେ। ଏବେ ଏହାର ପରିସର ବୃଦ୍ଧି ପାଉଥିବାରୁ ପ୍ରଶଂସା ସହ ସମାଲୋଚନା ମଧ୍ୟ ଘୋର ହେଉଛି। ସେଥିପାଇଁ ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବା ଯେକୌଣସି ସରକାର ପାଇଁ କ୍ରମାଗତ କଷ୍ଟକର ହୋଇପଡ଼ିଲାଣି। ଚାଇନା ଭଳି ଭାରତର ନିଜସ୍ୱ ସୋସିଆଲ ମିଡିଆ ପ୍ଲାଟଫର୍ମ ନ ଥିବାରୁ ଆମେରିକାର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, 'X' ଏବଂ ରୁଷିଆର ଟେଲିଗ୍ରାମ୍ ଉପରେ ନିର୍ଭର କରିବାକୁ ପଡ଼ୁଛି।

ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।

## su|do|ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 6 | 1 | | | 5 | | 3 |
| 2 | | | | | 5 | | 7 | |
| 9 | | 3 | | 7 | | | 1 | |
| 5 | | 7 | | | 1 | 3 | | |
| 3 | | | | | 9 | | 6 | 4 |
| | 9 | 2 | | | 8 | 7 | 5 | |
| | | | | | 7 | | 4 | |
| | | 9 | 5 | 8 | | 6 | 3 | 7 |
| | | 5 | 6 | | 3 | 1 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 2 | 8 | 6 | 5 | 3 |
| 9 | 6 | 8 | 5 | 3 | 1 | 2 | 4 | 7 |
| 3 | 5 | 2 | 6 | 4 | 7 | 8 | 1 | 9 |
| 5 | 1 | 4 | 7 | 8 | 6 | 3 | 9 | 2 |
| 8 | 2 | 9 | 4 | 5 | 3 | 1 | 7 | 6 |
| 7 | 3 | 6 | 1 | 9 | 2 | 4 | 8 | 5 |
| 2 | 8 | 5 | 3 | 7 | 4 | 9 | 6 | 1 |
| 1 | 4 | 7 | 2 | 6 | 9 | 5 | 3 | 8 |
| 6 | 9 | 3 | 8 | 1 | 5 | 7 | 2 | 4 |

ଗତକାଲିର ଉତ୍ତର

# ମଣିଷର ବିସର୍ଜନ



ସହଦେବ ସାହୁ

ତୁମେ ଭାବୁଛ ତୁମେ ଗୋଟିଏ ସ୍ୱଚ୍ଛ ପରିଷ୍କୃତ ବହୁ ଉଚ୍ଚ ସ୍ତରର ସୃଷ୍ଟି।ଭୁଲିଯାଅନି ମଣିଷ ଗୋଟିଏ ଛାଞ୍ଚ ଯହିଁରେ ଅନ୍ୟତ୍ର ବର୍ଜ୍ୟ ହୋଇଥିବା ବସ୍ତୁ (ମଇଳା) ବା ପୁନର୍ବାର ବ୍ୟବହାର ହେଉଥିବା (ରିସାଇକ୍ଲଡ୍) ଏଲିମେଣ୍ଟ(ମୌଳିକ ପଦାର୍ଥ) ଭର୍ତ୍ତି ହୋଇଛି। ଦୁନିଆର ସବୁ ଜିନିଷ ଏଇମିତି ହେଲେ ବି ମଣିଷ କଥା ନିଆରା, କାରଣ ମଣିଷ ହିଁ ମଇଳାକୁ କଣ୍ଟ୍ରୋଲ କରିପାରିବ।

ନଖଗୁଡ଼ିକୁ ଚାହିଁ କେଡ଼େ ସୁନ୍ଦର ବୋଲି କହୁଥିଲା ବେଳେ ଭାବିଛ କି ଏହାର ଅଧାଅଧି ଅଙ୍ଗାର, ଯାହା ରୋଷେଇଘର ଧୂଆଁରୁ ବା ଗାଡ଼ିର ଧୂଆଁନଳୀରୁ ବାହାରୁଥିବା ପ୍ରତି ଆଠ ଅଙ୍ଗାର ଅଣୁରୁ ଗୋଟିଏ ଲେଖାଏ ଆସିଛି! ତା' ସାଙ୍ଗରେ ଅଛି ଦୁଇଟି ଲେଖାଏ ଅମ୍ଳଜାନ ଅଣୁ! ଜୀବାଶ୍ମ (ଫସିଲ୍)ରୁ ବାହାରୁଥିବା ଅଙ୍ଗାରକାମ୍ଳ ଅଣୁରୁ ଯାହା କିଛି ସମୁଦ୍ର ବା ବାୟୁମଣ୍ଡଳ ଶୋଷିନେଇନାହିଁ ତାହା ଗଛଲତାମାନେ ଶୋଷିନିଅନ୍ତି, ଶର୍କରା ଓ ମଣ୍ଡ ତିଆରିରେ ଲଗାଇଦିଅନ୍ତି, ଯହିଁରୁ ମଣିଷ ରୁଟି, ପାଉରୁଟି, ମିଠେଇ ଆଦି କରିଥାଏ ବା ପରିବାପତ୍ର ଭାବେ ବ୍ୟଞ୍ଜନ କରିଥାଏ।ବହୁତ ଅଙ୍ଗାର ଅଣୁରୁ କିଛି କିଛି ପ୍ରାଣୀଙ୍କର ତନ୍ତୁ ହୁଏ ତ ଆଉ କିଛି ମାଂସ ଓ ଦୁଧ ଜାତୀୟ ଉପାଦାନ ତିଆରି କରେ।ଆଗ୍ନେୟଗିରି ଉଦ୍‌ଗିରଣ, ବନାଗ୍ନିର ପ୍ରଶସ୍ତି ଓ ପ୍ରାଣୀମାନଙ୍କ ଶ୍ୱାସକ୍ରିୟା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭର୍ତ୍ତି ହୁଏ।ଆଜିକାଲି ବାୟୁମଣ୍ଡଳରେ ଥିବା ଅଙ୍ଗାରକାମ୍ଳ ପରିମାଣର ଏକ ଚତୁର୍ଥାଂଶ କେବଳ ଖଣିଜ ତୈଳ ଜାଳେଣିରୁ ଆସୁଛି। ସମୁଦ୍ରଗର୍ଭରୁ ଉତ୍ତୋଳନ ବେଳେ ବି ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଆସିଥାଏ।କିଛି କିଛି ସମୁଦ୍ର ଜଳରେ ଦ୍ରବୀଭୂତ ହୋଇଯାଏ ତ ତାହା ପ୍ରାକୃତିକ ଉପାୟରେ ଦ୍ରବୀଭୂତ ହୋଇଥିବା ଅଙ୍ଗାରକାମ୍ଳକୁ ତଡ଼ିଦିଏ।ତୁମ ଦେହର ସବୁ ଅଙ୍ଗାର ଜୈବିକ ଖାଦ୍ୟରୁ ଆସିଥାଏ, ଭୋଜ୍ୟ ପ୍ରାଣୀ ଯେଉଁ ଉଦ୍ଭିଜ ପଦାର୍ଥ ଉପରେ ନିର୍ଭର କରନ୍ତି ସେସବୁ ବାୟୁମଣ୍ଡଳରୁ ଅଙ୍ଗାର ନେଇ ସୂର୍ଯ୍ୟରଶ୍ମିରେ ରାନ୍ଧି ତିଆରି କରିଥାନ୍ତି।ସେଠୁ ଗଛଲତାମାନେ ଅମ୍ଳଜାନକୁ ଛାଡ଼ିଦେଇ କେବଳ ଅଙ୍ଗାରକୁ ଶୋଷିନିଅନ୍ତି, ତହିଁରୁ ଶର୍କରା, ମଣ୍ଡ ଆଦି ତିଆରି କରନ୍ତି, ଯହିଁରୁ ଆମେ ରୁଟି, ବ୍ରେଡ୍, ଭାତ, ତରକାରି ଆଉ ମିଠା ପିଠା ଆଦି ତିଆରି କରୁ।ଆମେ ଆମିଷ ବୋଲି ଖାଉଥିବା ପ୍ରାଣୀମାନଙ୍କ (ଆମର ବି) ମାଂସ ଚମ ଆଦି ଅଙ୍ଗାରରେ ତିଆରି।ନିରାମିଶରେ ଗଣା କ୍ଷୀର ବି।ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପ୍ରତି ଲକ୍ଷେ ଭାଗରେ ୪୨ରୁ ୪୩ ଭାଗ (ପିପିଏମ୍ ୪୨୦ରୁ ୪୩୦)। ବାୟୁମଣ୍ଡଳର ଅଙ୍ଗାରକାମ୍ଳ ମୁଖ୍ୟତଃ ଆଗ୍ନେୟଗିରି ଉଦ୍‌ଗିରଣରୁ, ବନାଗ୍ନିରୁ ଓ ପ୍ରାଣିଜଗତର ଶ୍ୱାସକ୍ରିୟାରୁ ଆସେ।ଆମେ ଖାଉଥିବା ଜୈବିକ ପଦାର୍ଥରୁ ଆମ ଦେହର ସବୁ ଅଙ୍ଗାର ତିଆରି।ସବୁର ମୂଳ ବାୟୁ ନିର୍ଗମନ ବା ଏମିସନ୍।

ତୁମ ମୁକ୍ତା ଭଳି ଚିକ୍ ଚିକ୍ ମାରୁଥିବା ଦାନ୍ତ ତ ତେଜସ୍କ୍ରିୟ ଫୋପଡ଼ା ଜିନିଷରୁ



ତିଆରି ହୋଇଛି।୧୯୫୦ରୁ ୧୯୭୦ ଭିତରେ ବାୟୁମଣ୍ଡଳରେ ତାପଜ ପରମାଣବିକ ଅସ୍ତ୍ରର ପରୀକ୍ଷା ଏତେ ବେଶି ହେଲା ଯେ ବହୁ ପରିମାଣରେ ଅଙ୍ଗାର-୧୪ ବାୟୁମଣ୍ଡଳରେ ପଶିଲା, ପ୍ରାୟ ସବୁ ପ୍ରକାର ପରିବେଶକୁ ମାଡିଗଲା, ମଣିଷର ପରିବେଶକୁ ବି।ଏ ଗୁଡ଼ିକ ଅସ୍ଥିର ତେଜସ୍କ୍ରିୟ ଅଙ୍ଗାର (ରେଡିଓ କାର୍ବନ) ଅଣୁ: ଆମ କୋଷଗୁଡ଼ିକରେ ପ୍ରତି ସେକେଣ୍ଡରେ ହଜାର ହଜାର ସଂଖ୍ୟାରେ ରେଡିଓ କାର୍ବନ ପରମାଣୁ ପିଟିହେଉଛି।ଉଦ୍ଭିଦ ଓ ଅଣୁଜୀବମାନେ ଯେଉଁ ଆବର୍ଜନା ଛାଡ଼ନ୍ତି, ତାହା ବହୁ ପରିମାଣରେ ପ୍ରତିକ୍ରିୟାଶୀଳ (ରିଆକ୍ଟିଭ୍) ଅମ୍ଳଜାନ।ଗଛଲତା, ଗୁଳ୍ମ, ଶିଉଳି(ଆଲ୍‌ଜି) ଆଉ ନୀଳ-ସବୁଜ ବାକ୍ଟେରିଆ ଭାଶ୍ଳେଷଣ (ଫଟୋସିନ୍ଥେସିସ୍) ପ୍ରକ୍ରିୟାରେ ଜଳକଣିକାରୁ ଅମ୍ଳଜାନ କାଢ଼ିଦିଅନ୍ତି; ରହିଯାଉଥିବା ଗ୍ୟାସ୍‌ରୁ ଅଧିକ ଅଂଶ ସେମାନେ ନିଜ କାମରେ ଲଗାନ୍ତି।ସୁଖର କଥା ଲିକ୍ କରିଥିବା (ଗଳି ପଡ଼ିଥିବା) ଅମ୍ଳଜାନ ମଣିଷକୁ ବଞ୍ଚାଇ ରଖିଛି।ଆମ ଶ୍ୱାସରେ ଯାଉଥିବା ପବନର ମାତ୍ର ୨୦% ଅମ୍ଳଜାନ।ଆମ ଦେହର କୋଷଗୁଡ଼ିକ ଅମ୍ଳଜାନ ବ୍ୟବହାରକରି ଖାଦ୍ୟକଣିକାରେ ଥିବା ରାସାୟନିକ ବନ୍ଧନକୁ ଛିନ୍ନକରି ଅମ୍ଳଜାନ ଇଲେକ୍ଟ୍ରନ୍ ବାହାରକରନ୍ତି ଯାହା ଉଦ୍‌ଜାନ ଆୟନ୍ ସହ ମିଶି ଜଳକଣିକା ତିଆରିକରେ - ଏ ଜଳ ମଣିଷ ଦେହର ବର୍ଜ୍ୟବସ୍ତୁ: ଦେହର ଯେତେ ତରଳ ପଦାର୍ଥ ଅଛି ତାହାର ୧୦%।ସାଧାରଣ ମଣିଷ ଦେହରେ ୩.୬ କିଲୋରୁ ୪ କିଲୋ ଜଳ ଥାଏ।ଶ୍ୱାସକ୍ରିୟା ଓ ପାଚନକ୍ରିୟାରୁ ମେଟାବୋଲିକ୍ ଜଳ ଆସିଥାଏ।ଆଖିଲୁହର ୧୦% ଟୋପା ବି ମେଟାବୋଲିକ୍ ଜଳ।

ଆମ କେଶ କେଡ଼େ କୁଞ୍ଚୁକୁଞ୍ଚିଆ! ତା' ଯବକ୍ଷାରଜାନର କାମ। ବାୟୁରେ ଯବକ୍ଷାରଜାନ ତ ନିଷ୍କ୍ରିୟ, ତେବେ କେଶର କେରାଟିନ୍ କିପରି ତିଆରି କଲା, ତାକୁ ବଢ଼େଇଲା? ଶିମ୍ବ, ମଟର ତଥା ଡାଲିଜାତୀୟ ଫସଲରେ ବୁଦାମୂଳ ଗଣ୍ଠିରେ ଥିବା ଏକ ପ୍ରକାର ବାକ୍ଟେରିଆ ଯବକ୍ଷାରଜାନକୁ ସକ୍ରିୟକରେ, ସେମାନେ ବାୟୁର ଯବକ୍ଷାରଜାନକୁ ହଜମକରି ମଳ ଭାବେ ଆମୋନିଆ (ଆମ ଖତ) ଛାଡ଼ନ୍ତି।ବିଜୁଳି ମାରିଲେ ବା କାର୍ ଏଗ୍‌ଜଷ୍ଟ ନଳୀରୁ ବାୟୁ ବାହାରିଲେ ତାତିରେ ଯବକ୍ଷାରଜାନ ଅମ୍ଳ (ନାଇଟ୍ରିକ୍ ଅକ୍ସାଇଡ୍) ତିଆରି ହୁଏ, ବୃଷ୍ଟିଜଳରେ ମିଳେଇଯାଇ ଭୂଇଁରେ ସାର ରୂପରେ ପଡ଼େ।ସାର କାରଖାନାରେ ଯବକ୍ଷାରଜାନ ବାଷ୍ପରୁ ୟୁରିଆ, ଆମୋନିଅମ୍ ନାଇଟ୍ରେଟ୍ ଆଦି ତିଆରିକଲା ପରେ ସକ୍ରିୟ ଯବକ୍ଷାରଜାନ ମିଳିଲା।

ଆମ ରକ୍ତରେ ଯେଉଁ ଲୌହ ଅଣୁ ଅଛି ତାହା ଏକ ଧ୍ୱଂସପ୍ରାପ୍ତ ତାରକାରୁ ଆସିଛି।ଭୟଙ୍କର ବିସ୍ଫୋରଣ ସହ ଜଳିଯାଉଥିବା ତାରକା ତା'ପରେ କ୍ଷୁଦ୍ର କ୍ଷୁଦ୍ର ଏଲିମେଣ୍ଟକୁ ମିଶାଇ ବଡ଼ ବଡ଼ ଏଲିମେଣ୍ଟ ତିଆରିକରେ।ତାରକାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ବୃହତ୍ତର ଏଲିମେଣ୍ଟ ତିଆରି ହୁଏ, ଯଥା ସିଲିକନ୍, ସଲ୍‌ଫର ଆଉ କାଲ୍‌ସିଅମ୍।ଶେଷରେ ଲୌହ।ଲୁହା ଅଣୁ ତିଆରିର ମିଶ୍ରଣ-ପ୍ରକ୍ରିୟାରେ ଯେତିକି ଶକ୍ତି ବ୍ୟୟ ହୁଏ ଲୌହ ଅଣୁ ସେତିକି ଶକ୍ତି ହିଁ ତିଆରି କରେ - ଅର୍ଥାତ୍ ତାରକାଟି ଦୁର୍ବଳ ହୋଇଯାଏ।ତାରକାଟି ବହୁ ବଡ଼ ହୋଇଥିଲେ ନିଜ କେନ୍ଦ୍ର ଉପରେ ଲଦିହୋଇଯାଏ, ଭୁଶୁଡ଼ି ପଡ଼େ - ଏକ ସୁପରନୋଭା ବିସ୍ଫୋରଣ ହୁଏ, ସୁପରସୋନିକ୍ ଗତିରେ ଲୌହ ଅଣୁଗୁଡିକ ବିଚ୍ଛୁରିହୋଇଯାଏ, ଯାହା ନୂଆ ସୌରମଣ୍ଡଳ (ସୋଲାର ସିଷ୍ଟମ) ତିଆରିକରେ।ତୁମ କଡ଼େଇରେ, ତୁମ ତାଉଆରେ, ତୁମ ଚାବିକାଠିରେ ଆଉ ତୁମ ରକ୍ତରେ ଯେଉଁ ଲୁହା ଅଛି ସେସବୁ ଏହି ମହାକାଶୀୟ ସ୍ଫୋଟକର ଟିକି ଟିକି ଟୁକୁରା।ସେହି ସ୍ଫୋଟକ ବି ଅଙ୍ଗାର, ଯବକ୍ଷାରଜାନ, ଅମ୍ଳଜାନ ଆଦି ଜୀବନର ବିଭିନ୍ନ ଉପାଦାନ ତିଆରିକରେ, ଯାହା ସୂର୍ଯ୍ୟ, ପୃଥିବୀ ଓ ପରିଶେଷରେ ତୁମକୁ ତିଆରିକରେ।

ଏବେ ତୁମର ସୌଖୀନ ଜୀବନ ତୁମକୁ ଧ୍ୱଂସକରିପାରେ।କାମ ଗୋଟିଏ ଦିଗରେ ଭଲ ଫଳ ଦେଖାଉଥିଲେ ବି ଅନ୍ୟ କୌଣସି ଅଜଣା ଦିଗରେ ଖରାପ ହୋଇପାରେ- ଏହାକୁ ଅନିଚ୍ଛାକୃତ ପରିଣାମ କୁହାଯାଏ।ରଙ୍ଗ, ନମନୀୟତା, ଟାଣପଣିଆ ଆଉ ସୂର୍ଯ୍ୟାଲୋକରେ ନଷ୍ଟ ନ ହେବାର ଗୁଣ ମଣିଷକୁ ପ୍ଲାଷ୍ଟିକ୍‌ପ୍ରିୟ କରିଦେଇଛି।ପ୍ଲାଷ୍ଟିକ୍ ପ୍ରାୟ ୧୬୦୦୦ କେମିକାଲରେ ତିଆରି - ତହିଁରୁ ୪୨୦୦ କେମିକାଲ କର୍କଟ, ହୃଦ୍‌ରୋଗ, ହର୍‌ମୋନ୍ କ୍ଷରଣରେ ବ୍ୟତିକ୍ରମ ଆଣେ।କାଚ ଆଉ ଆଲୁମିନିୟମ ଯେପରି ନୂଆ ନୂଆ ରୂପରେ ବ୍ୟବହାର ହୋଇପାରେ, ପ୍ଲାଷ୍ଟିକ୍ ସେପରି ହୋଇପାରେନାହିଁ, ପ୍ଲାଷ୍ଟିକ୍ ହୋଇରହେ।ପ୍ଲାଷ୍ଟିକ୍‌ର ପରିମାଣ ବଢ଼ିଚାଲେ - ଦୁଇ ତିନି ଥର ବ୍ୟବହାର ପରେ କନା ପରି ହୋଇଯାଏ, ଶେଷରେ ପୋଡ଼ାଯାଏ ବା ଖାଲରେ ପୋତାଯାଏ, ହେଲେ ବି ପ୍ଲାଷ୍ଟିକ୍ ନଷ୍ଟ ହୁଏ ନାହିଁ, ବରଂ ପରିବେଶରେ ମିଶେ।ପ୍ଲାଷ୍ଟିକ୍ ଜିନିଷରୁ ଟିକି ଟିକି ଝଡ଼ୁଥିବା ପ୍ଲାଷ୍ଟିକ୍, ମାଇକ୍ରୋପ୍ଲାଷ୍ଟିକ୍ ଅଦୃଶ୍ୟ କଣିକା ରୂପେ ମଣିଷର ସବୁ ଅଙ୍ଗରେ ପଶିଲାଣି, କେବଳ ଫୁସ୍‌ଫୁସ୍, ରକ୍ତ, ମସ୍ତିଷ୍କ ନୁହେଁ, ପୁରୁଷର ଶୁକ୍ର ଓ ନାରୀର ଅଣ୍ଡକୋଷରେ ପଶିଲାଣି, ମାଆର ସ୍ତନ-କ୍ଷୀରରେ ବି।ଦ୍ୱାରକାରେ ଯଦୁବଂଶକୁ ଧ୍ୱଂସ କରିଥିବା ମୂଷଳ ଭଳି ଏ ପ୍ଲାଷ୍ଟିକ୍ ନୁହେଁ ତ! ଆମେ ଯେଉଁ ଲୋକଙ୍କୁ ନିର୍ବାଚିତ କରିଛୁ ସେହିମାନଙ୍କ ହାତରେ ଅଛି ଏ ମୂଷଳକୁ ନଷ୍ଟ କରିବାର କ୍ଷମତା, ସେମାନେ ହିଁ ଆଇନ ପ୍ରଣୟନକରି ପ୍ଲାଷ୍ଟିକ୍ ତିଆରି ବନ୍ଦ କରିପାରିବେ, ମହଜୁଦ ଥିବା ପ୍ଲାଷ୍ଟିକ୍‌କୁ ଗଭୀର ଗର୍ତ୍ତରେ ପୋତିଦେବାର ବନ୍ଦୋବସ୍ତ କରିପାରିବେ।ନ ହେଲେ ମଣିଷ ବଂଶ ବିକଳାଙ୍ଗ ହୋଇ ଏକ ନୂତନ ପ୍ରଜାତି ହୋଇଯିବନି ତ!

sahadevas@yahoo.com

# ଚାଷଜମିରେ ନଡ଼ାପୋଡ଼ି



ଡି. ଶୁଭମ୍

ସମୟ ଥିଲା ନଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଥିଲା। ସମୟକ୍ରମେ ଏହା ଅଦରକାରୀ ହୋଇଗଲା ଏବଂ ଲୋକେ ନଡ଼ାପୋଡ଼ିବା ଆରମ୍ଭକଲେ। ପ୍ରଦୂଷଣର ମାୟାଜାଲରେ ନଡ଼ାପୋଡ଼ି ଏକ ପ୍ରମୁଖ ଅଙ୍ଗ। ଖାଦ୍ୟ ଓ କୃଷିସଂସ୍ଥାର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ବାର୍ଷିକ ୪୫୦ ମିଲିୟନ ଟନ୍‌ର ଫସଲ ଅବଶେଷ ପୋଡ଼ାଯାଉଛି, ଯାହାର ୪୦-୫୦ ପ୍ରତିଶତ କେବଳ ଧାନ ଫସଲ; ଯାହାକି ୧.୨ ମିଲିୟନ ଟନ ମିଥେନ ଗ୍ୟାସ ନିର୍ଗତକରି ବାୟୁମଣ୍ଡଳରେ ମିଶାଉଛି।

ସବୁଜ ବିପ୍ଳବର ପରେ ପରେ ଯେବେ ଯନ୍ତ୍ର ସଭ୍ୟତା ଆମ ଅର୍ଥନୀତିରେ ମୁଣ୍ଡଟେକିଲା ସେବେ ଖାଦ୍ୟ ଖାଇବାର ଆବଶ୍ୟକତା ସେତିକି ବଢ଼ିଚାଲିଲା। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ୯ ବିଲିୟନ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୭୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଧାନଚାଷ ମୋଟ ଖରିଫ କ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ। ୨୦୧୯ -୨୦ ରେ ଧାନର ମୋଟ କ୍ଷେତ୍ର ୩୯.୪ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୪୦.୯ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଆମ ରାଜ୍ୟର ପ୍ରମୁଖ ଫସଲ ଭାବରେ ଧାନ ଯେତିକି ଆଦୃତ ହୋଇଛି, ଧାନ ଅମଳ ପରେ ନଡ଼ା ସେତିକି ପରିମାଣରେ ଆଦୃତି ଲାଭ କରିପାରୁନାହିଁ। ଭାରତରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ଓଡ଼ିଶା ତଥା ପୂର୍ବଭାରତର ଅନେକ ରାଜ୍ୟରେ ଏମିତି ନଡ଼ାପୋଡ଼ି ଅଧିକ ଦେଖାଯାଏ। ବର୍ତ୍ତମାନ ସମୟରେ ଚାଷକରିବା ଯେତିକି କଷ୍ଟ ଚାଷ ପରେ ବିକିଲାବେଳକୁ ଦି ଗୁଣା କଷ୍ଟ। ବୋଝ ଉପରେ ନଳିତାବିଡ଼ା। ଚାଷ ବେଳେ ସାର, କୀଟନାଶକ ଆଉ ଫସଲ ଅମଳ ପରେ ଅଧିକ ମଜୁରି, ପରବର୍ତ୍ତୀ ଫସଲ ପାଇଁ ସମୟ କମ୍ ତଥା ସଚେତନତା ଅଭାବରୁ ଚାଷୀମାନେ ବିକଳ୍ପ ସ୍ୱରୂପ ନଡ଼ାପୋଡ଼ିକୁ ଗ୍ରହଣ କରିଥାନ୍ତି। କିନ୍ତୁ ଏହା ପ୍ରଭାବରେ ଭାରତର ବାର୍ଷିକ ବାୟୁ ପ୍ରଦୂଷଣର ମାତ୍ରା ୧୫-୨୦ ପ୍ରତିଶତ ବଢ଼ିଥାଏ। ମାଟିର ଉପରଭାଗରେ ଉପକାରୀ ଅଣୁଜୀବମାନେ ରହି ମାଟିକୁ ହାଲୁକା କରନ୍ତି, ମାନ ବଢ଼ାନ୍ତି। କିନ୍ତୁ ନଡ଼ାପୋଡ଼ି ପ୍ରଭାବରେ ଯେଉଁ ଉତ୍ତପ୍ତ ତାପମାତ୍ରା ସୃଷ୍ଟିହୁଏ, ତାହା ଏହି ଅଣୁଜୀବଙ୍କ ବିନାଶର କାରଣ ସାଜେ। ଏହାର ପ୍ରଭାବରେ ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍ ପ୍ରଭୃତି ଗ୍ୟାସ ନିର୍ଗତହୁଏ ଯାହାକି ସବୁଜଗୃହ ଗ୍ୟାସ ଭାବେ ପରିଚିତ। ଏହା ପୃଥିବୀ ପୃଷ୍ଠର ତାପମାତ୍ରା ବୃଦ୍ଧିକରେ। ଏବେ ଋତୁଚକ୍ରରେ ଜଳବାୟୁ ପରିବର୍ତ୍ତନର ସଙ୍କଟ ଅନୁଭବ କରୁଛେ। ଜୈବ ବିବିଧତା ଆଜି ବିପର୍ଯ୍ୟସ୍ତ। ଏହି ନଡ଼ାପୋଡ଼ି ମାଟିର ପୋଷକତତ୍ତ୍ୱ ସନ୍ତୁଳନକୁ ବିଗାଡ଼ିଦିଏ। ଫଳସ୍ୱରୂପ ନାଇଟ୍ରୋଜେନ୍ ୮୦-୮୫ ପ୍ରତିଶତ, ଫସ୍‌ଫରସ୍ ୨୫-୩୦ ପ୍ରତିଶତ, ପୋଟାସିୟମ ୨୦-୨୫ ପ୍ରତିଶତ ତଥା ସଲ୍‌ଫର ୫୦ ପ୍ରତିଶତ ପାଖାପାଖି ନଷ୍ଟହୁଏ। ମାଟିର ଜୈବିକ ଅଙ୍ଗାରକର ମାତ୍ରା ମଧ୍ୟ ହ୍ରାସହୁଏ। ଏହା ପ୍ରଭାବରେ ନିର୍ଗତ ହେଉଥିବା ମିଥେନ ଓ ନାଇଟ୍ରସ୍ ଅକ୍ସାଇଡ୍ ଅଙ୍ଗାରକାମ୍ଳଠାରୁ ୨୫-୨୫୦ ଗୁଣ ଅଧିକ କ୍ଷତିକାରକ। ଜୈବିକଚାଷ



ଓ ଜୈବିକ ପ୍ରମାଣନ ଦିଗରେ ଏ ନଡ଼ା ପୋଡ଼ିକୁ କୌଣସି ପ୍ରକାରରେ ଅନୁମତି ଦିଆଯାଏ ନାହିଁ।

ମାଟିର ସ୍ୱାସ୍ଥ୍ୟର ଅବନତିଠାରୁ ଆରମ୍ଭକରି ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ମଧ୍ୟ ପଡ଼ିଥାଏ। ସମ୍ପ୍ରତି ଆପଣମାନେ ଦେଖୁଥିବେ ଗଣମାଧ୍ୟମରେ ପ୍ରତିଦିନ ବାୟୁ ଗୁଣବତ୍ତାର ମାତ୍ରା ଉପରେ ଅନେକ ଖବର ପରିବେଷଣ ହେଉଛି। କେବଳ ଦିଲ୍ଲୀ ନୁହେଁ, ଆମ ରାଜ୍ୟର ଭୁବନେଶ୍ୱର, ତାଳଚେର,ଅନୁଗୋଳ ପରି ଅଞ୍ଚଳରେ ମଧ୍ୟ ବାୟୁର ଗୁଣବତ୍ତା ଖରାପ ହେବାରେ ଲାଗିଲାଣି। ଏହି ପ୍ରଦୂଷଣର ପ୍ରଭାବରେ ସହରାଞ୍ଚଳରେ ଘନ କୁହୁଡ଼ି ଅନୁଭୂତ ହେଉଛି ଯାହା ମଧ୍ୟରେ କ୍ଷତିକାରକ ଗ୍ୟାସ୍ ମଧ୍ୟ ରହିଥାଏ। ଯେହେତୁ ଅଧିକ ମାତ୍ରାରେ ନଡ଼ାପୋଡ଼ି ହେଉଛି, ମାଟିର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି, ମାଟି ଅଧିକ ଖାଦ୍ୟ ଆବଶ୍ୟକ କରୁଛି। ଏଥିପାଇଁ ଫସଲ ଉତ୍ପାଦନ ସମୟରେ ଅଧିକ ସାରର ପ୍ରୟୋଗ ହେଉଛି। ଚାଷୀମାନେ ଏବେ ଧାନକଟା ମେସିନ ପାଇଁ ଘଣ୍ଟାକୁ ୨୫୦୦ ରୁ ୨୬୦୦ ଟଙ୍କା ଦେଉଛନ୍ତି। ମେସିନରେ ଧାନ କଟା କମ୍ ସମୟ ଲାଗୁଛି, କିନ୍ତୁ ନଡ଼ା ଅଧିକ ରହୁଛି। ସମୟ କମ୍ ଲାଗିବା ପାଇଁ ଏହାକୁ ଅନେକ ଚାଷୀ ଆପଣାଉଛନ୍ତି। ଫଳସ୍ୱରୂପ ନଡ଼ା ଅବ୍ୟବହୃତ ହୋଇ ପଡ଼ିରହୁଛି। ଆଉ ଏହି ମେସିନ ପ୍ରଭାବରେ ସେହି ନଡ଼ାଗୁଡ଼ିକରୁ ଆସୁଥିବା ଡିଜେଲ ବାସ୍ନା ପାଇଁ ଗୋରୁ ମଧ୍ୟ ଖାଇବାକୁ ପସନ୍ଦ କରୁନାହାନ୍ତି।

ଏହାର ବିକଳ୍ପ ସ୍ୱରୂପ ପ୍ରଥମରେ ଚାଷୀମାନେ ଏ ଦିଗରେ ସଚେତନ ହେବା ଆବଶ୍ୟକ। ଜମିରେ ରହୁଥିବା ନଡ଼ାକୁ ଆଚ୍ଛାଦନ ଭାବରେ ବ୍ୟବହାର କରିବା ଓ ରୋଟାଭୋଟର ମାଧ୍ୟମରେ ତାହାକୁ ମାଟିରେ ମିଶାଇ ଦେଇପାରିବେ। ଯାହା ମାଟିର ଜଳୀୟ ଅଂଶ ବଢ଼ାଇବା ସହ ଜୈବିକ ଅଙ୍ଗାରକ ନିୟନ୍ତ୍ରଣରେ ସାହାଯ୍ୟ କରିବ। ଦ୍ୱିତୀୟରେ ହାପିସିଡର ବ୍ୟବହାର ଦିଗରେ ଯତ୍ନବାନ୍ ହେବା ସହ ଶୂନ୍ୟକର୍ଷଣ ବା ଜିରୋଟିଲେଜ ଉପରେ ଚାଷୀମାନେ ଗୁରୁତ୍ୱ ଦେଇପାରିବେ। ଏକକ ଫସଲ ଉପରେ ଗୁରୁତ୍ୱ ନ ଦେଇ ଆମେ ଫସଲ ବିବିଧିକରଣକୁ ପ୍ରାଧାନ୍ୟ ଦେବା। ଅତ୍ୟଧିକ ଧାନ ପଛରେ ପାଗଳ ନ ହେଇ ଅନ୍ୟ ତୈଳବୀଜ ଓ ଡାଲିଜାତୀୟ ଫସଲ ଉପରେ ମଧ୍ୟ ଧ୍ୟାନ ଦେଇପାରିବା। ତୃତୀୟରେ ନଡ଼ାକୁ ଛତୁଭିତ୍ତିକ ଉଦ୍ୟୋଗରେ ବ୍ୟବହାର କରିପାରିବେ। ଚତୁର୍ଥରେ ଏ ନଡ଼ାଗୁଡ଼ିକୁ କମ୍ପୋଷ୍ଟ ତଥା ଅନ୍ୟ ଜୈବିକ ଖତ ତିଆରିରେ ବ୍ୟବହାର କରାଯାଇପାରିବ। ଚାଷୀମାନେ ନିଜେ ପ୍ୟାକେଜିଂକରି ଏହାକୁ ବିପଣନ କରିପାରିବେ। ପଞ୍ଚମରେ ଗୋରୁଙ୍କ ଖାଦ୍ୟ ଭାବରେ ଏହାକୁ ଆମେ ବ୍ୟବହାର କରିପାରିବା ସହ ବାୟୋଗ୍ୟାସ୍‌ରେ ମଧ୍ୟ ଏହାକୁ ଭାଗୀଦାରି କରିପାରିବା। ଷଷ୍ଠରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଏ ଦିଗରେ କର୍ମଶାଳା ଆୟୋଜନକରି ନଡ଼ାପୋଡ଼ିର କୁପ୍ରଭାବ ଉପରେ ଚାଷୀମାନଙ୍କୁ ଭିଡିଓଭିତ୍ତିକ ତଥ୍ୟ ଉପସ୍ଥାପନ କରିପାରିବେ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ: ୯୪୩୮୪୬୭୦୭୯**

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ରହୁଥିବା ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ ପକ୍ଷୀର ବ୍ୟାପକ ଶିକାର ହେତୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲା। ବିଶେଷକରି ମାଂସ ଓ ଅଣ୍ଡା ପାଇଁ ସ୍ଥାନୀୟ ଅଞ୍ଚଳର ନାଇଶି ସମ୍ପ୍ରଦାୟର ଆଦିବାସୀ ଏହି ଜାତୀୟ ପକ୍ଷୀଙ୍କୁ ଶିକାର କରିଥାନ୍ତି। ତେବେ ଏହି ପକ୍ଷୀଙ୍କ ଜୀବନ ରକ୍ଷା ଲାଗି ଘୋରା ଆଭେ ସୋସାଇଟି ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ତଥା ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ସାମିଲ ହୋଇଛନ୍ତି। ଏହା ସହ ସ୍ଥାନୀୟ ଆଦିବାସୀମାନେ ପକ୍ଷୀ ବାସସ୍ଥଳୀ ସଂରକ୍ଷକ ଭାବେ କାମ କରୁଛନ୍ତି। ଏମାନେ ହର୍ନବିଲ ଶିକାର ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସେମାନଙ୍କ ଛୁଆକୁ ବସାରୁ ଉଦ୍ଧାର କରି ଯତ୍ନ ନେଉଛନ୍ତି। ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି। କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷିତ ବାସସ୍ଥଳୀ ସକାଶେ ବନ ବିଭାଗ ଓ ଆଦିବାସୀମାନେ ଗଛ ଲଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ଫେବୃଆରୀ ୧୯୭୭

- ଭାରତ ସରକାର ୯୧ କୋଟି ଟଙ୍କା ଖର୍ଚ୍ଚରେ ସ୍ଥାପନ ହେବାକୁ ଯାଉଥିବା ମାଳାଞ୍ଜଖଣ୍ଡ ତମ୍ବା ପରିକଳ୍ପନାକୁ ମଞ୍ଜୁରୀ ଦେଇଛନ୍ତି।
- ଦୁର୍ନୀତି ଅଭିଯୋଗରେ ଦଣ୍ଡିତ ବ୍ୟକ୍ତିମାନେ ୬ ବର୍ଷ ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ରାଷ୍ଟ୍ରପତି ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟଇ ମୁଖ
ନବ ନବ ଗାନେ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲା କୁକୁରଙ୍କୁ ପୋଷ୍ୟ ଗ୍ରହଣ

ମହାଶୟ,

ଏବେ ଲୋକମାନେ ରାସ୍ତାଘାଟରେ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି। ସେମାନେ ଏବଂ ଅନ୍ୟମାନେ ସ୍ୱେଚ୍ଛାକୃତ ଭାବେ ବୁଲା କୁକୁରମାନଙ୍କୁ ପୋଷ୍ୟ ଗ୍ରହଣ କରିବାକୁ ଅଦାଲତଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିରେ ଦାୟିତ୍ୱ ରହିଛି। ଦ୍ୱିତୀୟତଃ ବୁଲା କୁକୁରଙ୍କୁ ଯେଉଁମାନେ ପୋଷ୍ୟ କରନ୍ତି ସେମାନେ ଛୁଆ କୁକୁର ପ୍ରତି ଆଗ୍ରହ ରଖି ତାକୁ ପୋଷନ୍ତି। ତେବେ ବନ୍ଧ୍ୟାକରଣ ବ୍ୟବସ୍ଥା ହେଲେ ଆଉ କୁକୁର ବଂଶ ରହିବ ତ? ଗୋଶାଳା ଭଳି ପଞ୍ଜୀକୃତ ବୁଲା କୁକୁର ଆଶ୍ରୟସ୍ଥଳ ପାଇଁ ଆର୍ଥିକ ପ୍ରୋତ୍ସାହନ ଅଛି ବୋଲି କୁହାଗଲା ବେଳେ ଗୋଟିକିଆ ବୁଲାକୁକୁର ରଖିବା ଲୋକଙ୍କୁ ଅର୍ଥ ମିଳିବ କି? ତୃତୀୟତଃ ରୋବୋଟିକ୍ କୁକୁର ଆଧୁନିକ ଜ୍ଞାନକୌଶଳ ଉପଯୋଗୀ ହେବା ବେଳେ ବୁଲା କୁକୁର ପାଳି ତା'ର ମଳମୂତ୍ରରେ ଘାଣ୍ଟିହେବାକୁ କେତେ ଜଣ ବା ପସନ୍ଦ କରିବେ। ଉପଦେଶ ଓ ପ୍ରସ୍ତାବ ଉପସ୍ଥାପନ ସହଜ, କିନ୍ତୁ ତା'ର ପରିପାଳନ ଭାରି କଷ୍ଟ।

**-ଡି. ପି. ତ୍ରିପାଠୀ, ଶ୍ରୀନିବାସ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୩।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା କଣ୍ଡାଳ ଗ୍ରାମର ଟୁକେନ ନାୟକଙ୍କୁ ସେହି ଗ୍ରାମର ସଞ୍ଜି ମାଝୀ ଆକ୍ରମଣ କରିଥିବା ଟୁକେନ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୪୦/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଟୁକେନ ଗାଁ ରାସ୍ତା ଦେଇ ଘରକୁ ଯାଉଥିବାବେଳେ କୌଣସି କାରଣ ନ ଥାଇ ତାଙ୍କୁ ଅଟକାଇ ସଞ୍ଜି ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା, ୩।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଠାକୁରଗଡ଼ ଅଞ୍ଚଳରେ ସୋମବାର ପୋଲିସ ଚଢ଼ାଉ କରି ମାଧବ ରଣାଙ୍କ ଠାରୁ ୭ ଲିଟର ଚୋରା ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଘରେ ଚୋରାରେ ମଦ ବିକ୍ରି କରିବା ପାଇଁ ନେଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଶିଶୁର ୪ ପ୍ରାଥମିକ ଅଧିକାର ଉପରେ ଆଲୋଚନା



କାର୍ଯ୍ୟକ୍ରମ ଅବସରରେ ସଚେତନତା ସୃଷ୍ଟି କରାଯାଉଛି।

ବଆଁରପାଳ, ୩।୨ (ସୁବାସ ସାହୁ)

ବିଶ୍ୱ ଯୁବକେନ୍ଦ୍ର ବାଣନାଳୀ ଅନୁଗୋଳ ଦ୍ୱାରା ପରିଚାଳିତ 'ଆକ୍ସେସ ଟୁ ଜଷ୍ଟିସ' ଦ୍ୱାରା ମଙ୍ଗଳବାର ଅନୁଗୋଳ ଜିଲା ବଆଁରପାଳ ବ୍ଲକର ବଆଁରପାଳ, ଅପର୍ତ୍ତିପୁର, ଗଡ଼ସନ୍ତ୍ରି, ନଳଚନ୍ଦ୍ରପୁର, ସିମିଳିଛୁଇଁ, ବଉଳିଗଡ, ଅରାହଟ ପଞ୍ଚାୟତଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ, ପିଇଓ, ଏମ୍‌ବିକେ, ସିଆର୍‌ପି, ଗ୍ରାମ ସଭାପତି, ୱାର୍ଡମେମ୍ବର, ଅଙ୍ଗନୱାଡି, ଆଶା ଓ ଗ୍ରାମର ଅନ୍ୟ କେତେଜଣ ମହିଳା ଉପସ୍ଥିତ ଥିଲେ। ଜିଲାରେ ଶିଶୁଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ ତଥା ଏହାର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ବାଲ୍ୟ ବିବାହର ଦଣ୍ଡବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ୪ଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ ତଥା ପରିଚାଳନା ହୋଇଥିଲା। ପ୍ରକଳ୍ପ ସହଯୋଗୀ ଲକ୍ଷ୍ମୀ ବେହେରା ସଭା ପରିଚାଳନା କରିଥିଲେ।

## ବରଗାଁରେ ଅଷ୍ଟପ୍ରହର ନାମଯଜ୍ଞ

ଆଠମଲ୍ଲିକ, ୩।୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍ଏସି ଅନ୍ତର୍ଗତ ୧୧ ନଂ. ୱାର୍ଡ ବରଗାଁ ଗ୍ରାମରେ ମାଘ ମାସ ପୂର୍ଣ୍ଣମୀ ତିଥିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ବିରାଟ କଳସଯାତ୍ରା ପରେ ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ, ବୁବୁନ ପାଣିଗ୍ରାହୀ ପୂଜା ରୀତିନୀତି କଲାପରେ ସଂକୀର୍ତ୍ତନର ଶୁଭାରମ୍ଭ ହୋଇଥିଲା। ଅଷ୍ଟପ୍ରହରରେ ୨୪ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଅଷ୍ଟପ୍ରହର ପୂଜା କମିଟି ସଭାପତି ରବି ଦେହୁରୀ, ସମ୍ପାଦକ ଅରବିନ୍ଦ ଦେହୁରୀ, କୋଷାଧ୍ୟକ୍ଷ ବିଜୟ ଦନ୍ତା, ବରିଷ୍ଠ ସଦସ୍ୟ ମିଲୁ ଭୁକ୍ତା, ଦେବାନନ୍ଦ ସେଠୀ, ଡିଲୁ ଭୁକ୍ତା, ବୃନ୍ଦାବନ ପ୍ରଧାନ, ପ୍ରଦୀପ ପ୍ରଧାନ, ରାଧା ଦେହୁରୀ, ଅନନ୍ତ ପ୍ରଧାନ, କୁନୁ ବିଶ୍ୱାଳ, ସୁରେଶ ଦନ୍ତାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ୫ରେ ଅନୁଗୋଳ ନଗର ହିନ୍ଦୁ ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଅନୁଗୋଳ, ୩।୨ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ନଗରସ୍ଥିତ ଦଶହରା ପଡ଼ିଆଠାରେ ଆସନ୍ତା ୫ ତାରିଖରେ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଶାନ୍ତିଯଜ୍ଞ, ଗୋମାତା ପୂଜନ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ତଥା ପ୍ରବଚନ ଆଦି କାର୍ଯ୍ୟକ୍ରମ କରାଯିବ। ଆରମ୍ଭରେ ଶ୍ରଦ୍ଧାଳୁ ହିନ୍ଦୁ ସମାଜ ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନଗର ପରିକ୍ରମା କରାଯିବ। ଏହାପରେ ଗୋମାତା ପୂଜନ ଓ ଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ଆୟୋଜନ ସମିତିର କାର୍ଯ୍ୟକର୍ତ୍ତା ଅଭୟ ରାୟ, ବିଶନ ଦୟାଲ ତୁଲସିୟାନ, ପୁରୁଷୋତ୍ତମ ଅଗ୍ରୱାଲ, ଅଶୋକ କୁମାର ମୋଦି ପ୍ରମୁଖ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଗୋଳ ମାରୱାଡି ପଞ୍ଚାୟତ ଧର୍ମଶାଳାଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ବିଭିନ୍ନ ମତ, ପନ୍ଥ, ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ତଥା ଜାଗ୍ରତ ହିନ୍ଦୁ ସମାଜର ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସହସ୍ରାଧିକ ସଂଖ୍ୟାରେ ହିନ୍ଦୁ ସମାଜ ଯୋଗଦେଇ ସମ୍ମିଳନୀକୁ ସଫଳ କରିବାକୁ ଆୟୋଜନ ମଣ୍ଡଳୀ ନିବେଦନ କରିଛନ୍ତି।

## ବେଆଇନ ଲିଙ୍ଗ ନିରୂପଣ ଅଭିଯୋଗ, କ୍ଲିନିକ୍ ସିଲ୍

ଅନୁଗୋଳ, ୩।୨ (ଦିବ୍ୟଶାନ୍ତନୁ ନାଥ)

ବେଆଇନ ଲିଙ୍ଗ ନିରୂପଣ ଅଭିଯୋଗରେ ଅନୁଗୋଳ ସହର ଅମଲାପଡ଼ାସ୍ଥିତ ଷଷ୍ଠ ଗଳିରେ ଥିବା ୟେସ୍ ହସ୍ପିଟାଲର ଆଲଟ୍ରାସାଉଣ୍ଡ କ୍ଲିନିକ୍‌କୁ ମଙ୍ଗଳବାର ସିଲ୍ କରିଛି ଜିଲା ସ୍ୱାସ୍ଥ୍ୟ ପ୍ରଶାସନର ଟାସ୍କ ଫୋର୍ସ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନମୋହନ ପ୍ରଧାନ ସୂଚନା ଦେବା ସହ ଆଉ ଗୋଟିଏ/ ଦୁଇଟି କ୍ଲିନିକ୍ ଟାସ୍କଫୋର୍ସ ନଜରରେ ଥିବା କହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସୂଚନା ଅନୁଯାୟୀ, ପିସିପିଏନ୍‌ଡିଟି ବା ଗର୍ଭଧାରଣ ସମସ୍ୟା ଏବଂ ପ୍ରସବ ପୂର୍ବବର୍ତ୍ତୀ ନିଦାନ ଅଧିନିୟମକୁ ଅବମାନନା କରି ଏହି କ୍ଲିନିକରେ ବେଆଇନ ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହେଉଥିଲା। ଫଳରେ ସ୍ୱାସ୍ଥ୍ୟ ବିଭାଗର ଟାସ୍କ ଫୋର୍ସ ଉକ୍ତ କ୍ଲିନିକ୍ ଉପରେ ନଜର ରଖିଥିଲା। ସେହିପରି ସହରରେ ଦୁଇଟି କ୍ଲିନିକ୍ ସିଲ୍ ହୋଇଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗୋଟିଏ କ୍ଲିନିକ୍ ସିଲ୍ ହୋଇଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏପରି ଅଭିଯୋଗକୁ ଉକ୍ତ ହସ୍ପିଟାଲ ପକ୍ଷରୁ ଖଣ୍ଡନ କରାଯାଇଛି। ୟେସ୍ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଆଶିଷ କୁମାର ମିଶ୍ର କହିଛନ୍ତି, ହସ୍ପିଟାଲ ପକ୍ଷରୁ ଅଲଟ୍ରାସାଉଣ୍ଡ ମେଶିନ କିଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗରୁ ଅନୁମତି ମିଳିଥିଲା। ଉକ୍ତ ମେଶିନ ଚଳାଇବା ପାଇଁ ମଧ୍ୟ ଅନୁମତି ମଗାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ବିଭାଗ ଅନୁମତି ଦେବା ବଦଳରେ ଚଢ଼ାଉ କରିଛନ୍ତି। ଚଢ଼ାଉ କରିବାକୁ ଆସିଥିବା ଅଧିକାରୀମାନେ ଅନୁମତି ମିଳିବା ପର୍ଯ୍ୟନ୍ତ ମେଶିନ ନ ଚଳାଇବାକୁ କହିଛନ୍ତି। କିଣାଯିବା ଦିନଠାରୁ ଉକ୍ତ ମେଶିନ କେବେ ହେଲେ ଖୋଲାଯାଇ ନାହିଁ।

## ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ସହ ଠକେଇ, ଆକ୍ରମଣ

### ଅଭିଯୁକ୍ତଙ୍କୁ ଗିରଫ କଲା ଟାଉନ ଥାନା ପୋଲିସ

ଅନୁଗୋଳ, ୩।୨ (ଜ୍ୟୋତିରଞ୍ଜନ ସାହୁ)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଦୀର୍ଘ ଦିନ ଧରି ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କୁ ପ୍ରତାରଣା, ଲୁଟପାଟ୍ ଓ ଆକ୍ରମଣ କରିବା ଅଭିଯୋଗରେ ଟାଉନଥାନା ପୋଲିସ ଅଭିଯୁକ୍ତ ପ୍ରେମିକ ପ୍ରତାପ ସାହୁ (୨୭)ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଘର ବଆଁରପାଳ ଥାନା ଅଞ୍ଚଳରେ। ପୋଲିସର ସୂଚନା ଅନୁଯାୟୀ, ୨୩ ବର୍ଷୀୟା ପୀଡ଼ିତା ଅନୁଗୋଳ ସହରର ବାସିନ୍ଦା। ପ୍ରାୟ ୫ ବର୍ଷ ପୂର୍ବେ ଖଲାରୀ ଛକ ନିକଟରେ ରହୁଥିବା ଅଭିଯୁକ୍ତ ପ୍ରତାପ ତାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନୁଗୋଳ ସହରର ବିଭିନ୍ନ ହୋଟେଲ, ପୁରୀ, ତାଳଚେର ଆଦି ସ୍ଥାନକୁ ନେଇ ଭିନ୍ନ ଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ବିବାହ କଥା ଉଠାଇଲେ ଅଭିଯୁକ୍ତ ତାହାକୁ ଏଡ଼ାଇ ଚାଲିଥିଲେ। ଏହାପରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ପୀଡ଼ିତାଙ୍କୁ ଖଲାରୀ ଛକ ସ୍ଥିତ ଭଡ଼ାଘରକୁ ଡାକିଥିଲେ। ଚେନ୍ନାଇ ପଳାଇବା କଥା କହି ସୁନା ଗହଣା ଓ ଟଙ୍କା ନେଇ ଆସିବାକୁ ଅଭିଯୁକ୍ତ କହିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ପୀଡ଼ିତା ଭଡ଼ାଘରେ ପହଞ୍ଚିଥିବାବେଳେ ଅଭିଯୁକ୍ତ ତାଙ୍କଠାରୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଲୁଟିନେବା ସହ ଛୁରିରେ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପୀଡ଼ିତା ସେଠାରୁ ପଳାଇ ଆସିଥିଲେ। ଏହି ଘଟଣା ସମ୍ପର୍କରେ ଗତ ଡିସେମ୍ବର ୧୨ ତାରିଖରେ ପୀଡ଼ିତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲା ରୁଜୁ କରି ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ପବିତ୍ରନଗରଠାରେ ପାଳନ ହେବ ପବିତ୍ରମୋହନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

### ଯୋଗଦେବେ ରାଜ୍ୟପାଳ, କେନ୍ଦ୍ର ଶିକ୍ଷାମନ୍ତ୍ରୀ

ପବିତ୍ରନଗର, ୩।୨ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ଠାରେ ଆଗାମୀ ୮ ତାରିଖରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ତାଳଚେର ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯିବ। ଏହି ରାଜ୍ୟସ୍ତରୀୟ ଜୟନ୍ତୀରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରିବେ ବୋଲି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ପ୍ରସ୍ତୁତି ତଦାରଖ କରିବାକୁ ଜିଲାପାଳ, ଏସ୍‌ପି, ଉପଜିଲାପାଳଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ପବିତ୍ରନଗରକୁ ଘନ ଘନ ଗସ୍ତ କରୁଛନ୍ତି। ବିଧାୟକ ମହାନ୍ତି ମଧ୍ୟ ବାରମ୍ବାର ପବିତ୍ରନଗର ଆସି ବୈଠକ କରିବା ସହିତ ସ୍ଥିତି ଓ ପ୍ରସ୍ତୁତି ତଦାରଖ କରୁଥିବା ଦେଖାଯାଉଛି। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ ମଧ୍ୟ କରାଯିବାର ସୂଚନା ମିଳିଛି। ବିଶେଷକରି ବହୁ ପ୍ରତୀକ୍ଷିତ ପବିତ୍ର ମୋହନ ସ୍ମୃତି ମଣ୍ଡପର ଉଦ୍‌ଘାଟନ ରାଜ୍ୟପାଳଙ୍କ ଦ୍ୱାରା କରାଯିବ। ଅପରାହ୍ନରେ କଣିହାଁ ବ୍ଲକ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ପବିତ୍ର ମୋହନ ହାଇସ୍କୁଲର ପ୍ଲାଟିନମ ଜୁବୁଲିରେ ରାଜ୍ୟପାଳଙ୍କ ଯୋଗଦାନ କାର୍ଯ୍ୟକ୍ରମ ରହିଛି।

## କୃତୀ ଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା


ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବଇଣ୍ଡା, ୩।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ସାନହୁଲାସ୍ଥିତ ଶ୍ରୀ ଗଣେଶ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ର ସୁଦୀପ୍ତ ପ୍ରଧାନ ମେଧାବୃତ୍ତିରେ ସଫଳତା ପାଇଥିବାରୁ ତାଙ୍କୁ ମଙ୍ଗଳବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟା ବିଜୟନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ସମ୍ପାଦକ ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରଙ୍କୁ ସମ୍ବର୍ଦ୍ଧିତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଳତି ବେହେରା, ରଶ୍ମିତା ସାହୁ, ଲକି ପ୍ରଧାନ, ନିବେଦିତା ନାୟକ, ଗୀତା ସାମଲ, ସ୍ୱପ୍ନା ସାଗରିକା ବାରିକ, ଶୁଭକାନ୍ତ ସାହୁ, ଶ୍ରୀପତି ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବସ୍ ମାଲିକ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

ତାଳଚେର, ୩।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳସ୍ଥିତ ରାଣୀପାର୍କ ବସ୍‌ଷ୍ଟାଣ୍ଡ ବର୍ଦ୍ଧିତ ପାର୍କିଂ ଫି ଆଦାୟ ନେଇ ତାଳଚେର ବସ୍ ମାଲିକ ସଂଘ ପକ୍ଷରୁ ମଙ୍ଗଳବାର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଚଳିତ ଫେବୃଆରୀ ପ୍ରଥମରୁ ପୌର ପ୍ରଶାସନ ପକ୍ଷରୁ ଟେଣ୍ଡରଧାରୀଙ୍କୁ ବସ୍‌ଷ୍ଟାଣ୍ଡରେ ପ୍ରତ୍ୟେକ ବସ୍‌ଠାରୁ ପାର୍କିଂ ଫି ବାବଦରେ ୨୦ ଟଙ୍କା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟେଣ୍ଡର ହେବା ପରେ ଏହା ଚଞ୍ଚକତା କରି ପାର୍କିଂ ଫି ୨୦ ଟଙ୍କାକୁ ବୃଦ୍ଧି କରାଇଛନ୍ତି। ପୂର୍ବରୁ ଏହା ୧୦ ଟଙ୍କା ଥିଲା। କିନ୍ତୁ ପରିତାପର ବିଷୟ ପୌର ପ୍ରଶାସନ ପକ୍ଷରୁ ବସ୍‌ଷ୍ଟାଣ୍ଡ ଭିତରେ ଯାତ୍ରୀମାନଙ୍କ ଏବଂ ବସ୍ କର୍ମଚାରୀମାନଙ୍କ ପାଇଁ କୌଣସି ପ୍ରକାରର ମୌଳିକ ସୁବିଧା ଯଥା ବିଜୁଳି, ପରିଶ୍ରାଗାର, ପାନୀୟ ଜଳର ବ୍ୟବସ୍ଥା, ବିଶ୍ରାମାଗାର ଆଦି କରାଯାଇ ନାହିଁ। ଏଣେ ଫି ବୃଦ୍ଧି କରାଯାଇଥିବାରୁ ବସ୍ ମାଲିକ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏ ବିଷୟରେ ସୋମବାର ତାଳଚେର ପୌର ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଫି ବୃଦ୍ଧି ବନ୍ଦ କରା ନ ଗଲେ ଆଗାମୀ ଦିନରେ ବସ୍‌ଷ୍ଟାଣ୍ଡ ଭିତରକୁ ବସ୍ ନେବା ବର୍ଜନ କରାଯିବ ବୋଲି ତାଳଚେର ବସ୍ ମାଲିକ ସଂଘ ସଭାପତି ଶ୍ରୀକାନ୍ତ କୁମାର ପାଣି ଲିଖିତ ଭାବେ ଜଣାଇଛନ୍ତି।

## ରେଡ୍‌କ୍ରସ୍‌ର ମୂଳ ଆଦର୍ଶ ଜାଣିଲେ ଛାତ୍ରୀଛାତ୍ର

### ଜିଲାସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ

ଅନୁଗୋଳ, ୩।୨ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ରେଡ୍‌କ୍ରସ୍‌ର ମୂଳ ଆଦର୍ଶ, ସେବା ମନୋଭାବ ଓ ମାନବିକ ମୂଲ୍ୟବୋଧ ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଲୋପାମୁଦ୍ରା ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ପ୍ରିୟବ୍ରତ ମାଝୀ, ପ୍ରିୟରଞ୍ଜନ ପ୍ରଧାନ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଜୁନିୟର ରେଡ୍‌କ୍ରସ୍ ଛାତ୍ରୀଛାତ୍ରମାନେ ସିଷ୍ଟାଚାର, ସାମାଜିକ ଦାୟିତ୍ୱରେ ଅଂଶଗ୍ରହଣ କରିବା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଆମ୍ବୁଜ କୁମାର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜୁନିୟର ରେଡକ୍ରସ ସମ୍ପାଦକ ତଥା ଡିପିଇଓ ବିନୋଦ ଦେହୁରୀ, ଦୁର୍ଯ୍ୟୋଧନ ଗୁରୁ, ରବୀନ୍ଦ୍ର ନାଥ ସାହୁ, ବିଜୟ କୁମାର ସାହୁ, ଦିବ୍ୟରଞ୍ଜନ ମିଶ୍ର, ଅବିନାଶ ସାମଲ ଓ ପ୍ରମୋଦ କୁମାର ଦେହୁରୀ ସାଧନ କର୍ମୀ ଭାବରେ ଯୋଗ ଦେଇଥିଲେ।

## ବ୍ୟାଗ୍ ବିହୀନ ଦିବସରେ ପରିବା କିଣିଲେ ଛାତ୍ରୀଛାତ୍ର

ଆଠମଲ୍ଲିକ, ୩।୨ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୧୦ ଦିନ ଧରି ଚାଲିବାକୁ ଥିବା ବ୍ୟାଗ ବିହୀନ ଦିବସର ପ୍ରଥମ ଦିନରେ ଛାତ୍ରୀଛାତ୍ରମାନେ ପରିବା ବଗିଚା ବୁଲିବା ସହିତ ଦ୍ୱିତୀୟ ଦିନରେ ସ୍ଥାନୀୟ ଦୁର୍ଗା ବଜାର ସ୍ଥିତ ସାପ୍ତାହିକ ହାଟକୁ ଯାଇ ପରିବା କିଣିଥିଲେ। ଆଗକୁ କୁମ୍ଭକାର ମାଟି ପାତ୍ର ନିର୍ମାଣ କରୁଥିବା ସ୍ଥାନ, ବାଉଁଶ କାରିଗରଙ୍କ ଦ୍ୱାରା ବାଉଁଶ ସାମଗ୍ରୀ ନିର୍ମାଣ ହୋଉଥିବା ସ୍ଥାନ ସହିତ ଅନେକ ସ୍ଥାନ ପରିଦର୍ଶନରେ ଯିବାକୁ ସ୍ଥିର ହୋଇଛି ବୋଲି ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବୁଦାମୂଳରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ପାଲଲହଡା, ୩।୨ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଚଷାଗୁରୁଜାଙ୍ଗ ଗ୍ରାମ ଖେଳ ପଡ଼ିଆ ନିକଟରୁ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୮ଟାରେ ସ୍ଥାନୀୟ ଲୋକେ ଶିଶୁଟିର କାନ୍ଦ ଶୁଣି ଖେଳପଡ଼ିଆ ନିକଟ ଏକ ବୁଦାମୂଳରେ ପିଲାଟି ପଡ଼ିଥିବା ଦେଖିଥିଲେ। ଶିଶୁଟିକୁ ଉଦ୍ଧାର କରିବା ସହ ପ୍ରଶାସନକୁ ଖବର ଦେଇଥିଲେ। ପାଲଲହଡା ସିଡିପିଓ ଏବଂ ଏକ ଟିମ୍ ଗ୍ରାମରେ ପହଞ୍ଚି ଶିଶୁଟିକୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁଟିକୁ ଏବେ ଏନ୍‌ବିଏସ୍‌ୟୁରେ ରଖାଯାଇଛି। ଶିଶୁଟି ସୁସ୍ଥଥିବା ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଶ୍ୱନାଥ ମୁର୍ମୁ ସୂଚନା ଦେଇଛନ୍ତି।

## ରାସ୍ତାରେ ଗତିରୋଧକ କରିବାକୁ ଦାବି

ଆଠମଲ୍ଲିକ, ୩।୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ଧଳପୁର ମହାନଦୀ ସେତୁର ସଂଯୋଗୀକରଣ ରାସ୍ତାରେ ଗତିରୋଧକ କରିବାକୁ ଦାବି କରି କାଉନସିଲର ନୂତନ ବେହେରାଙ୍କ ନେତୃତ୍ୱରେ ଲିପ୍ତିଙ୍ଗା ଗ୍ରାମବାସୀ ଉପଜିଲାପାଳ ଉପେନ୍ଦ୍ର ଲୁହାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଲିପ୍ତିଙ୍ଗା ଗ୍ରାମବାସୀ ସେତୁର ସଂଯୋଗୀକରଣ ରାସ୍ତା ଦେଇ ଡାକ୍ତରଖାନା, ସ୍କୁଲ, ସରକାରୀ କାର୍ଯ୍ୟାଳୟକୁ ଯିବା ଆସିବା କରୁଥିବାବେଳେ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାକୁ ଏଡାଇବା ପାଇଁ ପୂର୍ତ୍ତ ବିଭାଗ ତରଫରୁ ଅତିଶୀଘ୍ର ଉଭୟ ପାର୍ଶ୍ୱ ରାସ୍ତାରେ ଗତିରୋଧକ କରିବାକୁ ଦାବି ହୋଇଛି।

## ଦକ୍ଷତା ବିକାଶ ପ୍ରଶିକ୍ଷଣର ଲାଭ ଉଠାଇବାକୁ ପରାମର୍ଶ



ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅବସରରେ ଅଧିକାରୀମାନେ।

ବଆଁରପାଳ, ୩।୨ (ସୁବାସ ସାହୁ)

ଅନୁଗୋଳ ଜିଲାର ନିଯୁକ୍ତି ଆଶାୟୀ ଯୁବତୀ ଯୁବକଙ୍କ ପାଇଁ ଅନୁଗୋଳ ଜିଲା ଖଣିଜ ପାଣ୍ଠି ସହାୟତାରେ ମାଗଣାରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯାଉଛି। ଏ ନେଇ ବଆଁରପାଳ ବ୍ଲକ ସଭାଗୃହଠାରେ ଏକ ପ୍ରଶିକ୍ଷଣ ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ନିଯୁକ୍ତି ଆଶାୟୀ ଯୁବତୀ ଯୁବକଙ୍କୁ ଅନୁଗୋଳ ସ୍ଥିତ ଲଜିଷ୍ଟିକ ଦକ୍ଷତା ବିକାଶ କେନ୍ଦ୍ରଠାରେ ପ୍ରଶିକ୍ଷଣ ଦିଆଯିବ। ଶିଳ୍ପ ଓ ଖଣି ପ୍ରଭାବିତ ଜିଲାର ୫ଟି ବ୍ଲକ୍ ଅଞ୍ଚଳର ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ଏଥିରେ ଯୋଗଦେଇଥିଲେ। ବିଭିନ୍ନ କମ୍ପାନୀର ଲଜିଷ୍ଟିକ ସେକ୍ଟରରେ ନିଯୁକ୍ତି ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲା ଖଣିଜ ପାଣ୍ଠି ସହାୟତାରେ ସୁଯୋଗ ସୃଷ୍ଟି କରାଯାଇଛି। ପ୍ରଶିକ୍ଷଣ ସମୟରେ ରହିବା, ଖାଇବା ଓ ଆନୁଷଙ୍ଗିକ ପାଠ୍ୟ ଉପକରଣ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ପରେ ଆସେସ୍‌ମେଣ୍ଟ ସାର୍ଟିଫିକେଟ ପ୍ରଦାନ କରାଯିବ। ଟ୍ରେନିଂ ପରେ ଇଚ୍ଛୁକ ପ୍ରଶିକ୍ଷଣାର୍ଥୀ ପସନ୍ଦ ମୁତାବକ ଲଜିଷ୍ଟିକ କମ୍ପାନୀ ଚୟନ କରିବେ। ଡିଏମ୍‌ଏଫ୍‌ର ସ୍କିଲ୍ ଏକ୍ସପୋର୍ଟ ମନୋରଞ୍ଜନ ମୁଦୁଲି, ଟ୍ରେନିଂ ସେଣ୍ଟର ଇନ୍‌ଚାର୍ଜ ତଥା ଦକ୍ଷତା ବିକାଶ ଉପଦେଷ୍ଟା ସ୍ୱର୍ଣ୍ଣଲତା ପାଢ଼ୀ, ପ୍ରଶିକ୍ଷକ ଚିନ୍ମୟୀ ସାମଲ ପ୍ରମୁଖ କର୍ମଶାଳାରେ ଯୋଜନାର ବିସ୍ତୃତ ଲାଭ ଉଠାଇବାକୁ ଯୁବପିଢିଙ୍କୁ ଆହ୍ୱାନ ଦେଇଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ସନ୍ନିଛକ, ୩।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ମହୀଧରପୁର ଗ୍ରାମର ଦୋଳଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମହିଧରପୁର ଗ୍ରାମବାସୀଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ନାମଯଜ୍ଞରେ ୨୦ରୁ ଅଧିକ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଶେଷ ଦିବସରେ ନାମ ସଙ୍କୀର୍ତ୍ତନ ସହ ନଗର ପରିକ୍ରମା କରାଯାଇଥିଲା। ସଭାପତି ଭରତ କୁମାର ଜେନା, ସମ୍ପାଦକ ସୁଧୀର କୁମାର ସାହୁ, ତ୍ରିପୁର କୁମାର ଜେନା, ଚିନୁ ନାୟକ, ସ୍ୱପ୍ନେଶ୍ୱର ସାହୁ, ମଙ୍ଗୁଲୁ ସାହୁ, ଭଗବାନ ନାୟକ, ବସନ୍ତ ନାୟକ, ନାରାୟଣ ଦେହୁରୀ, ସଞ୍ଜୟ କୁମାର ପାଳ ଓ ଗ୍ରାମବାସୀଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା।



## ପିଲାଙ୍କ ଭବିଷ୍ୟତ ଗଠନରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ସମାଧାନ ଶିକ୍ଷା ନିକେତନର ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥିମାନେ।

ଆଠମଲ୍ଲିକ, ୩।୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତରେ ଅବସ୍ଥିତ ସମାଧାନ ଶିକ୍ଷା ନିକେତନର ପ୍ରତିଷ୍ଠା ଦିବସ ତଥା ନବମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଉପେନ୍ଦ୍ର କୁମାର ଲୁହା, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟୋସ ମହାନନ୍ଦିଆ, ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆ, ସମାଧାନ ସଙ୍ଗଠନର ସଭାପତି ସୁଧାଂଶୁ ଶେଖର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗଦେଇ ଶିଶୁଙ୍କ ଭବିଷ୍ୟତ ଗଠନରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭଞ୍ଜନ କ୍ଷେତି, ବିଦ୍ୟାଳୟ ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ମାତୃମଞ୍ଚ କମିଟି ସଭାନେତ୍ରୀ ମାନସୀ ରାଜ, ସମ୍ପାଦିକା ନିବେଦିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ବିଦ୍ୟାଳୟ ନିର୍ମାଣ ନିମନ୍ତେ ଜମି ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ପ୍ରଭାତ ନଳିନୀ କ୍ଷେତି, ଭୂମିସୁତା ସାହୁ, ଚିନ୍ମୟୀ କ୍ଷେତି, ସସ୍ମିତା ଦେହୁରୀ, ପ୍ରଭାତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ବାଇକ୍ ଜବତ, ଜଣେ ଗିରଫ**

ବଇଣ୍ଡା, (ପରିକ୍ଷିତ ସାହୁ): ଅନୁଗୋଳ ଜିଲା କିଶୋରନଗର ପୋଲିସ କିଶୋରନଗର ଅଞ୍ଚଳରେ ଗାଡ଼ି ଯାଞ୍ଚ କରିବା ସମୟରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ କିଶୋରନଗର ଥାନା ଅଞ୍ଚଳର ସୁନୀଲ ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ଅମୀୟ ଚାନ୍ଦ ଏସିଆନ୍ ବୁକସ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଲେ

ଢେଙ୍କାନାଳ,୩।୨(ରତନ ନାୟାର)

ଓଡ଼ିଶାର ଖ୍ୟାତିସମ୍ପନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଡ. ଅମୀୟ ଚାନ୍ଦ ଏସିଆ ମହାଦେଶର ପ୍ରଥମ ଭାରତୀୟ ଭାବେ ଏସିଆନ ବୁକସ୍ ଅଫ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛନ୍ତି। ଚାନ୍ଦ ବହୁବର୍ଷ ଧରି ଜିଲା, ରାଜ୍ୟ, ଦେଶ ଓ ବିଦେଶରେ ଘୋଷକ ଭାବେ କାର୍ଯ୍ୟ କରି ଦେଶ ବିଦେଶରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ପାଇଛନ୍ତି। ସେଥିମଧ୍ୟରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ କଟକଠାରେ ହୋଇଥିବା ଦୁଇଟି ବିଶ୍ୱକପ୍ (ପୁରୁଷ ଓ ମହିଳା) ସହିତ ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ, ଏକଦିବସୀୟ, ଟି-୨୦, ଆଇପିଏଲ୍, ଓପିଏଲ୍ ମ୍ୟାଚ୍‌ମାନଙ୍କରେ ଭାଷ୍ୟକାର ଭାବେ କାର୍ଯ୍ୟ କରିଛନ୍ତି। ଏଥିସହିତ ଏସିଆନ୍ ଜୁନିଅର ଆଥଲେଟିକ୍, ଏସିଆନ୍ ଆଥଲେଟିକ୍, ଆଫ୍ରୋ ଏସିଆନ୍ ଗେମ୍ସ ଆଥଲେଟିକ୍, ରାଜ୍ୟ ଗୋଷ୍ଠୀ କ୍ରୀଡା ଆଥଲେଟିକ୍, ଅନ୍ତର୍ଜାତୀୟ ମାଷ୍ଟର ଆଥଲେଟିକ୍‌ମାନଙ୍କରେ ସଫଳ ଭାବେ କାର୍ଯ୍ୟ କରିଛନ୍ତି। ତତ୍‌ସହିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ତଥା ଫୁଟ୍‌ବଲ୍, ବାସ୍କେଟ୍ ବଲ୍, ହ୍ୟାଣ୍ଡବଲ୍, ସଫ୍ଟବଲ୍, ଥ୍ରୋ ବଲ୍, ସୁଟିଙ୍ଗ୍ ବଲ୍, ତୀରନ୍ଦାଜ, ଫେନ୍‌ସିଙ୍ଗ୍, ଟଗ୍ ଅଫ୍ ୱାର୍, ସେପାକ୍‌ଟାକ୍ରୋ, ପାରା ଆଥଲେଟିକ୍ସ ଆଦି ଖେଳରେ ଘୋଷକ ଭାବେ କାର୍ଯ୍ୟ କରିବା ସହିତ ୩ଟି ଅନ୍ତର୍ଜାତୀୟ ସମ୍ମାନ ଓ ୫ଟି ଜାତୀୟ ସମ୍ମାନ ପାଇଛନ୍ତି। ଗତବର୍ଷ ମେ' ମାସରେ ଚାନ୍ଦ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଶଂସିତ ହୋଇ କେନ୍ଦ୍ର ସାମାଜିକ ନ୍ୟାୟ ସଶକ୍ତୀକରଣ ବିଭାଗ ତରଫରୁ 'ଏଜିଙ୍ଗ୍ ଉଇଥ୍ ଡିଗ୍ନିଟି'ର ପ୍ରଶଂସାପତ୍ର ପାଇ ସୁନାମ ଆଣିଛନ୍ତି।

# ସମାଜ ଗଠନରେ ଶିଶୁମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଇନ୍ଦିପୁର ସରସ୍ୱତୀ ଶିଶୁ ମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ

ଢେଙ୍କାନାଳ,୩।୨(ରତନ ନାୟାର)/ ଓଡ଼ାପଡ଼ା (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ସମାଜ ଗଠନରେ ଶିଶୁମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ୩ନଂ ଜିଲା ପରିଷଦ ସଭ୍ୟ ରାଜକିଶୋର ରାଉତ ଓ ଇନ୍ଦିପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଲଳିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଜିଲା ଧର୍ମ ଜାଗରଣ ବିଭାଗ ପ୍ରମୁଖ ଶରତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଦ୍ୟାଳୟର ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ମହେଶ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସଭାପତି ଶେଷଦେବ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ, ଗୁରୁଜୀ ଗୁରମା, ପରିଚାଳନା ସମିତିର ସଦସ୍ୟ, ମାତୃଭାରତୀର ସଦସ୍ୟ, ପୂର୍ବତନ ଛାତ୍ରୀଛାତ୍ର ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସାମାଜିକ କଟକଣାରୁ ମୃତଦେହ ଛୁଇଁଲେନି ସାହି ବାସିନ୍ଦା

## ସରପଞ୍ଚଙ୍କ ସହାୟତାରେ ସମ୍ପନ୍ନ ହେଲା ଶେଷକୃତ୍ୟ

ପାଲଲହଡ଼ା,୩।୨ (ଦିବ୍ୟଜ୍ୟୋତି ଦାଶ)

ସାମାଜିକ କଟକଣା ପାଇଁ ମୃତଦେହକୁ ଛୁଇଁଲେନି ସାହି ବାସିନ୍ଦା। ପରେ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଶେଷକୃତ୍ୟ କରାଯାଇଥିଲା। ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ପେଚାମୁଣ୍ଡି ପଞ୍ଚାୟତ ଶିମିଳିପାଳ ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଶିମିଳିପାଳ ଗ୍ରାମର ଖଗେଶ୍ୱର ଗୁରୁ ଦୀର୍ଘ ଦିନରୁ ଶଯ୍ୟାଶାୟୀ ଥିବାବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ସାମାଜିକ କଟକଣା ପାଇଁ ତାଙ୍କ ମୃତଦେହକୁ ସାହି ବାସିନ୍ଦା ଛୁଇଁ ନ ଥିଲେ। ଫଳରେ ଖଗେଶ୍ୱରଙ୍କ ରୋଗଗ୍ରସ୍ତ ପୁଅ ସୁବ୍ରତ ଗୁରୁ ଓ ଝିଅ ସନ୍ଧ୍ୟାରାଣୀ ଗୁରୁ ଅସହାୟ ହୋଇପଡ଼ିଥିଲେ। ଖବରପାଇ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ କେନ୍ଦୁଝର ସୀମାବର୍ତ୍ତୀ ବିଞ୍ଝବହାଲ ଗ୍ରାମରୁ କେତେଜଣ ସାମାଜିକ କର୍ମୀଙ୍କୁ ଡକାଇ ଏକ ଜେସିବି ମେଶିନ ସାହାଯ୍ୟରେ ମୃତଦେହ ସତ୍କାର କରିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପରିବାର ଲୋକଙ୍କୁ ପ୍ରଦାନ କରିଥିଲେ। ଖବରପାଇ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ ପହଞ୍ଚି ମୃତକଙ୍କ ପରିବାର ସହିତ ଆଲୋଚନା କରିବା ସହ ସମସ୍ତ ପ୍ରକାର ସରକାରୀ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ।

# ଗୋମାଂସ ଜବତ, ୨ ଅଟକ

ମୋରଡ଼ା/ ରାସଗୋବିନ୍ଦପୁର, ୩।୨ (ସ୍ମାରକ ମାଝୀ/ସତ୍ୟବାଦୀ ପରିଡ଼ା)

ଗୋ ମାଂସ ଚାଲାଣ ଅଭିଯୋଗରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ପୋଲିସ ମଙ୍ଗଳବାର ୨ଜଣଙ୍କୁ ଥାନାରେ ଅଟକ ରଖି ପଚାରାଉଚୁରା କରୁଛି। ଏନେଇ ଥାନାରେ ଏକ ମାମଲା(ନଂ.୪୪/୨୬) ରୁଜୁ ହୋଇଛି। ଅଟକ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଖୁଣ୍ଟା ଥାନା ଅଞ୍ଚଳର ରଘୁନାଥ ମାହାଲି ଏବଂ ଅନ୍ୟ ଜଣେ ନାବାଳକ ବୋଲି ପୋଲିସ ସୂଚନା ଦେଇଛି। ରଘୁନାଥଙ୍କ ମା', ବାପା ନ ଥିବାରୁ ସେ ବେଳାଝୁରି ଗ୍ରାମରେ ଥିବା ମାମୁ ରବି ମାହାଲିଙ୍କ ଘରେ ରହି ଆସୁଛନ୍ତି। ତେବେ ମଙ୍ଗଳବାର ଏକ ବାଇକ୍ ଯୋଗେ ରଘୁନାଥ ଜଣେ ୧୩ ବର୍ଷର ନାବାଳକଙ୍କ ସହିତ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳରୁ ଏକ ବସ୍ତାରେ ଗୋମାଂସ ଆଣୁଥିବା ସମୟରେ ରାସଗୋବିନ୍ଦପୁର ଥାନା ଅଧୀନ ଯୋଡ଼ାପୋଡ଼ା ହାଟପଦାଠାରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଥାନାକୁ ନେଇ ପଚାରାଉଚୁରା କରିବା ସହିତ ବାଇକ୍‌କୁ ଜବତ କରିଛି।

# ଠକେଇ ମାମଲାରେ ୨ ବର୍ଷ ଜେଲ

ବାରିପଦା,୩।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଏସ୍‌ଡିଜେଏମ କୋର୍ଟରେ ଏକ ଠକେଇ ମାମଲାର ରାୟ ପ୍ରକାଶ ପାଇଛି। ଜଜ ଜ୍ୟୁତ୍ସ୍ନା ପଟ୍ଟନାୟକ ଏହାର ବିଚାର କରି ଦୋଷୀଙ୍କୁ ୨ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ମହାରାଷ୍ଟ୍ର ମୁମ୍ବାଇ କନିକାମାରୋଲ ଅଞ୍ଚଳର ନବୀଲ ଅବଦୁଲ ଶେଖ(୩୧)। ସୂଚନାଯୋଗ୍ୟ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ,କଟକ ଆଦି ଅଞ୍ଚଳରୁ ମକ୍କା ମଦିନା ଯାତ୍ରା ପାଇଁ ନବୀଲ ଅବଦୁଲ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ୨୦୨୦ କୋଭିଡ୍ ସମୟରେ ୧୯ଲକ୍ଷ ୬୪ ହଜାର ୭ଶହ ଟଙ୍କା ଆଦାୟ କରି ବୁଲାଇବା ପାଇଁ ଲୋକଙ୍କୁ ନେଇ ନ ପାରି ମୁମ୍ବାଇ ପଳାଇଥିଲେ। ଏନେଇ ବାରିପଦା ଶ୍ରୀରାମଚନ୍ଦ୍ରପୁର ଅଞ୍ଚଳର ସେଖ ବେଲାଲ ଅହମ୍ମଦ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲାକୁ ସରକାରୀ ଅତିରିକ୍ତ ପିପି ସରୋଜ କୁମାର ଦାସ ପରିଚାଳନା କରୁଥିଲେ।

# ଟୁସୁ ମହାମିଳନ ମହୋତ୍ସବ ଉଦ୍‌ଯାପିତ

କେନ୍ଦୁଝର,୩।୨(ଦୀପକ ମିଶ୍ର):

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ରଘୁନାଥପୁର ପଞ୍ଚାୟତର ଢୁମୁରିଆ ହାଟପଡ଼ିଆରେ ଚାଲିଥିବା ବିରାଟ ଟୁସୁ ମହାମିଳନ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ସୁନ୍ଦର ଟୁସୁ ମୂର୍ତ୍ତି ଓ ଚିତ୍ତାକର୍ଷକ ମେଢ଼ ସାଜସଜ୍ଜା, ଆଲୋକମାଳା ସହ କାଳିଞ୍ଜିଆ ନଦୀ କୂଳରେ ଟୁସୁ ଦଳଗୁଡ଼ିକ ଏକାଠି ହୋଇ ଟୁସୁ ମେଳଣ କଲା ପରେ ଟୁସୁଗୀତ ଓ ପାରମ୍ପରିକ ଝୁମର ଗୀତର ତାଳେ ତାଳେ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ। କିମ୍ବଦନ୍ତୀ ବର୍ଣ୍ଣିତ କୁଡୁମୀ କୂଳର ଅଲିଅଳି କନ୍ୟା ଟୁସୁଙ୍କର ନିଜ ସତୀତ୍ୱ, ସ୍ୱାଭିମାନ, ନାରୀ ଜାତିର ମର୍ଯ୍ୟାଦା ରକ୍ଷା ପାଇଁ ଆତ୍ମ ବଳିଦାନ ଦେଇଥିବା ମହାନ ସ୍ମୃତିକୁ ଟୁସୁ ଦଳର ମହିଳାମାନେ ଟୁସୁ ଗୀତ ମାଧ୍ୟମରେ ପରିବେଷଣ କରିଥିଲେ। ୧ମ ଦିନ ୧୧ଟି ଟୁସୁ ଦଳ ଭାଗ ନେଇଥିଲେ। ଟୁସୁ ମେଢ଼ ସାଜସଜ୍ଜା ଓ ଟୁସୁ ଦଳଗୁଡ଼ିକର ଗୀତ, ନୃତ୍ୟ ପରିବେଷଣକୁ ବିଚାରକୁ ନେଇ ଝିଲିଆପଡା ଟୁସୁ ଦଳ ୧ମ, ଖଡ଼ିବେଡା ଦଳ ୨ୟ, ମୂଷାନାଳି ଦଳ ୩ୟ ଓ କୁଆପଶି ଦଳ ୪ର୍ଥ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଗାୟକ ଯୋଗେନ୍ଦ୍ର ମହାନ୍ତ ପାଲା ପରିବେଷଣ କରିଥିଲେ। ଦ୍ୱିତୀୟ ଦିବସର ସନ୍ଧ୍ୟାରେ ମଧ୍ୟ ଝୁମର ଦଳଗୁଡ଼ିକ ଚିତ୍ତାକର୍ଷକ ଝୁମର ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ କୁଡୁମୀ ସମାଜର ରାଜ୍ୟ ସଭାପତି କ୍ଷୀରୋଦ ମହାନ୍ତ, ମୁଖ୍ୟବକ୍ତା କୁଡୁମୀ ସମାଜର ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ମହାନ୍ତ ଏବଂ ସମ୍ମାନିତ ଅତିଥି ଭାବେ ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗୀରଥି ସିଂହ, ରଘୁନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ସାମାଜିକ କର୍ମୀ ଦ୍ୱାରିକା ନାଥ ନାଏକ, ଭାରତୀୟ କିଷାନ ପରିଷଦର ରାଜ୍ୟ ଉପସଭାପତି ପ୍ରଦୀପ କୁମାର ମହାନ୍ତ, ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ତାମଣି ମହାନ୍ତ, ରଘୁନାଥପୁର ପଞ୍ଚାୟତ ସରପଞ୍ଚ ଗୌରୀ ନାଏକ, ନାଏବ ସରପଞ୍ଚ କବିତା ମହାକୁଡ଼, ସାମାଜିକ କର୍ମୀ ପ୍ରହ୍ଲାଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ମହିଳାମାନଙ୍କ ମଧ୍ୟରେ ଶଙ୍ଖ ଫୁଙ୍କା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଢୁମୁରିଆର ପୂଜାରାଣୀ ମହାନ୍ତ ୧ମ, ଝିଲିଆପଡାର ସୁକାନ୍ତି ମହାନ୍ତ ଦ୍ୱିତୀୟ ଓ ଢୁମୁରିଆର ହୀରାମଣି ମହାନ୍ତ ୩ୟ ପୁରସ୍କାର ପାଇଥିଲେ। ଏହାପରେ ମହିଳା ଟୁସୁ ଦଳ ଦ୍ୱାରା ଝୁମର ଓ ରେକର୍ଡ ଡ୍ୟାନ୍ସ ପରିବେଷଣ ହୋଇଥିଲା। ଉଭୟ ବିଭାଗରେ ଭୋଦବାହାଳୀ ସୋନାଲି ଦଳ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। କନିଷ୍ଠ ବର୍ଗରେ ଉଖୁଣ୍ଡା ବଡ଼ପଶିର ଟ୍ୱିଙ୍କିଲ ମହାକୁଡ଼ ଓ ଢୁମୁରିଆର ବର୍ଷାରାଣୀ ମଣ୍ଡଳଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାଲୁ ଆକ୍ରମଣରେ ବୃଦ୍ଧ ମୃତ

ଢେଙ୍କିକୋଟ,୩।୨ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ବିନିଦା ଗ୍ରାମପଞ୍ଚାୟତ ନୂଆପଡ଼ା ସାହିରେ ସୋମବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ବଳରାମ ମୁଣ୍ଡା(୫୫)। ଅପରାହ୍ନ ୩ଟା ୩୦ରେ ଘର ପଛପଟ ଜଙ୍ଗଲକୁ ବଳରାମ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ହଠାତ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ବଳରାମଙ୍କ ଚିତ୍କାର ଶୁଣି ପରିବାର ଲୋକ ଘର ପଛ ପଟ ଜଙ୍ଗଲକୁ ଦୌଡ଼ି ଯାଇଥିଲେ। ଲୋକଙ୍କୁ ଦେଖି ଭାଲୁ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲା। ପରିବାର ଲୋକେ ବଳରାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ସାଢେ ୮ ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପଣ୍ଡାପଡ଼ା ଥାନା ଆଇଆଇସି ରବିଶଙ୍କର ଭଇସାଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ବୀରେନ୍ଦ୍ର ମାରାଣ୍ଡି ମଙ୍ଗଳବାର ପୂର୍ବାହ୍ନ ୧୦ ଟାରେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧/୨୬) ରୁଜୁ ହୋଇଛି। ମୃତ ବଳରାମ ଜଣେ ଗରିବ ଆଦିବାସୀ ଦିନ ମଜୁରିଆ ଅଟନ୍ତି। ଘରେ ତାଙ୍କ ସ୍ତ୍ରୀ ଓ ୩ଟି ଛୋଟ ପିଲା ଅଛନ୍ତି। ଗରିବ ପରିବାରକୁ ବନ ବିଭାଗ ତରଫରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବିନିଦା ଗ୍ରାମପଞ୍ଚାୟତ ସରପଞ୍ଚ ଦାବି କରିଛନ୍ତି। ଏ ସମ୍ପର୍କରେ ଦେଓବନ୍ଧ ଫରେଷ୍ଟର ଶରଣ ବାରିକଙ୍କୁ ପଚାରିବାରୁ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଗୁରୁ ରବି ଦାସଙ୍କ ଜୟନ୍ତୀରେ ରୋଗୀଙ୍କୁ ଫଳବଣ୍ଟନ

ଓଡ଼ାପଡ଼ା,୩।୨(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ପୋଡ଼ାପଡ଼ା ଶରସାହି ଠାରେ ସନ୍ଥ ଶିରୋମଣି ଗୁରୁ ରବିଦାସଙ୍କ ୬୪୯ ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକଙ୍କ ପ୍ରତିନିଧି ସନ୍ତୋଷ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭାଜପା ନେତା ସହଦେବ ପୃଷ୍ଟି ଯୋଗଦେଇ ଦଳିତ ଲୋକଙ୍କ ପାଇଁ ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଭାଜପା ନେତା ସୁଜନ ନାଏକ, ସତ୍ୟସ୍ୱରୂପ ମିଶ୍ର, ଶିବଶକ୍ତି ମହାନ୍ତି, ପ୍ରଦୀପ କୁମାର ସାହୁ, ସୁଜତା ଦାସ, ପଙ୍କଜ ଲୋଚନ ଦାସ, ହଟକିଶୋର ରାଉତ, ସରୋଜ କୁମାର କରଣ ପ୍ରମୁଖ ଯୋଗଦେଇ ଗୁରୁ ଦାସଙ୍କ ଗୁଣଗାନ କରିଥିଲେ। ପ୍ରଦୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ସ୍ୱାମୀଙ୍କୁ ମାଡ଼ ମାରିବା ଅଭିଯୋଗ

ସନ୍ତ୍ରୀଛକ,୩।୨(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଟପାଳ ଥାନା ଅନ୍ତର୍ଗତ ସନ୍ତ୍ରୀ ପଞ୍ଚାୟତ ନଳଚନ୍ଦ୍ରପୁର ଗ୍ରାମର ମୋହନ ଭୁକ୍ତାଙ୍କୁ ବିନା କାରଣରେ ତାଙ୍କ ସାନଭାଇ ତଥା ଦିଅର ସିଲୁ ଭୁକ୍ତା ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ସରୋଜିନୀ ଭୁକ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ସ୍ୱାମୀ ମୋହନଙ୍କୁ ଦିଅର ସିଲୁ ବିନା କାରଣରେ ମାରପିଟ କରି କ୍ଷତାକ୍ତ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୫୭/୨୬ରେ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

ଚମ୍ପୁଆ,୩।୨(ମହେଶ୍ୱର ଦାସ)

ଚମ୍ପୁଆ ଥାନା ପତଳା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସକାଳେ ପତଳା ଗ୍ରାମର ରସାନନ୍ଦ ନାଏକଙ୍କ ପୁଅ ଜିତେନ୍ଦ୍ର (ଜିତୁ) ଚମ୍ପୁଆ ବିଦ୍ୟୁତ ବିଭାଗରେ କାର୍ଯ୍ୟସାରି ଘରକୁ ଫେରିବା ବେଳେ ଘର ନିକଟରୁ ଅନତି ଦୂରରେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ହଠାତ୍ ରାସ୍ତା ଉପରକୁ ଚାଲି ଆସିବାରୁ ଜିତେନ୍ଦ୍ର ତାଙ୍କ ବାଇକ୍ ଛାଡ଼ି ଦୌଡ଼ି ପଳାଉଥିବାବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା।

# ୨୫ ଘନଫୁଟ ଶାଳଗଣ୍ଡି ଜବତ

ପରଜଙ୍ଗ, ୩।୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ମହାବିରୋଡ଼ ରେଞ୍ଜ ଦଦରାଘାଟି ସେକ୍ସନ ଘାଗରାମୁଣ୍ଡା ବିଟ୍ ଅଧୀନସ୍ଥ ବିରିବୋଲେଇ ଗ୍ରାମରୁ ବନ ବିଭାଗ ଚଢାଉ କରି ମଙ୍ଗଳବାର ୨୫ ଘନଫୁଟର ଶାଳଗଣ୍ଡି ଜବତ କରି ମହାବିରୋଡ ରେଞ୍ଜ କାର୍ଯ୍ୟାଳୟକୁ ଆଣାଯାଇଛି। ସୂଚନା ମୁତାବକ ବିରିବୋଲେଇ ଗ୍ରାମର ଜନୈକ ବ୍ୟକ୍ତି ଶାଳ ଗଛ ବେଆଇନ ଭାବେ କାଟି ଗଛିତ ରଖିଥିବା ଖବର ପାଇ ରଙ୍ଗଥଳି ବିଟ ଫରେଷ୍ଟ ଗାର୍ଡ ପାର୍ଥସାରଥୀ ଶତପଥୀଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଦୀପକ ନାୟକ, ବିଶ୍ୱରଞ୍ଜନ ସାହୁ ଚଢ଼ାଉ କରି ୮ ଖଣ୍ଡ ଶାଳଗଣ୍ଡି ଜବତ କରିଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୩୫ ହଜାର ଟଙ୍କା ହେବ। କାଠ ମାଫିଆଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନରକ୍ଷୀ ଶତପଥୀ କହିଛନ୍ତି। ସୂଚନାଥାଉକି, ଦୀର୍ଘ ଦିନ ହେବ ଦଦରାଘାଟି ଫରେଷ୍ଟ ସେକ୍ସନରେ ଫରେଷ୍ଟର ନିଯୁକ୍ତି ହୋଇ ନ ଥିବା ବେଳେ କର୍ମଚାରୀ ଅଭାବ ଯୋଗୁ ସେହି ଅଞ୍ଚଳରେ ବର୍ତ୍ତମାନ କାଠ ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ଫଳରେ ସଂରକ୍ଷିତ ଜଙ୍ଗଲରୁ ବହୁ ପୁରାତନ ଶାଳଗଛଗୁଡ଼ିକ ଲୋପ ପାଇବାକୁ ବସିଲାଣି। ଏଥିପ୍ରତି ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବାକୁ ପରିବେଶବିତ୍‌ମାନେ ନିବେଦନ କରିଛନ୍ତି।



## ଅପରେଶନ ଅନ୍ୱେଷଣ-୨

# ୧୪୦ ମହିଳା ଓ ୪୬ ଶିଶୁ ଉଦ୍ଧାର

ଢେଙ୍କାନାଳ,୩।୨(ରତନ ନାୟାର)

ଢେଙ୍କାନାଳ ପୋଲିସ ପକ୍ଷରୁ ଅପରେଶନ ଅନ୍ୱେଷଣ-୨ରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬୦ଜଣ ମହିଳା ଓ ୪୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଶିଶୁଙ୍କ ମଧ୍ୟରେ ଉଭୟ ବାଳିକା ବାଳକ ରହିଥିବା ଜଣାଯାଇଛି। ଶିଶୁ ଓ ମହିଳା ୱିଙ୍ଗସ୍‌ର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଏହି ଚଢ଼ାଉରେ ଢେଙ୍କାନାଳ ଜିଲା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସୂଚନା ଦିଆଯାଇଛି।

# ସାତକୋଶିଆ ଅଭୟାରଣ୍ୟ ୟୁଥ୍ ହଷ୍ଟେଲ ଆସୋସିଏଶନର ୩୧ତମ ଟ୍ରେକିଂ କ୍ୟାମ୍ପ



ଟ୍ରେକିଂ କ୍ୟାମ୍ପରେ ଯୋଗଦେଇଥିବା ଅତିଥିବୃନ୍ଦ।

ଅନୁଗୋଳ ୩।୨(ମାନସ ବିଶ୍ୱାଳ)

ୟୁଥ ହଷ୍ଟେଲ ଅଫ ଇଣ୍ଡିଆ ଆସୋସିଏଶନ ଓଡିଶା ଶାଖାର ଦୁଇ ଦିନିଆ ଟ୍ରେକିଂ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନର ରାଜ୍ୟ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ମିଶ୍ର ,ସମ୍ପାଦକ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇଥିଲେ। ଏହି ଶିବିରରେ ଅନୁଗୋଳ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ସ୍ଥାନୀୟ ଟିକରପଡା ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ଢେଙ୍କାନାଳ, କଟକ, ଆଠଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତି ଅଞ୍ଚଳର ପ୍ରକୃତିପ୍ରେମୀ ତଥା ୟୁଥ ଆସୋସିଏଶନର ସଦସ୍ୟ ସାମିଲ ହୋଇଥିଲେ। ଏଡିଏମ ପ୍ରତାପ ପ୍ରୀତିମୟ ଜଙ୍ଗଲ ଟ୍ରାକିଂ ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମସ୍ତ ପରିବେଶପ୍ରେମୀ ଜଙ୍ଗଲ ମଧ୍ୟରେ ୧୦କିମି ପଦଯାତ୍ରାରେ ଯାଇ ବିଭିନ୍ନ ବୃକ୍ଷଲତା, ଗୁଳ୍ମ, ଜୀବଜନ୍ତୁଙ୍କ ଚଲାପଥ, ୱାଚ୍ ଟାୱାର ସମ୍ବନ୍ଧରେ ଅବଗତ ହୋଇଥିଲେ। ସାତକୋଶିଆ ଗଣ୍ଡରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ର, ମହାନଦୀରେ ନୌକା ବିହାର କରିଥିଲେ। ଏହି ଶିବିରରେ ୩ଶହରୁ ଉର୍ଦ୍ଧ୍ୱ ପରିବେଶପ୍ରେମୀ ସାମିଲ ହୋଇଥିଲେ। ଅନୁଗୋଳ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଂହ, ୟୁଥ ହଷ୍ଟେଲ ଓଡ଼ିଶା ୟୁନିଟ ଅଧ୍ୟକ୍ଷ ପଦ୍ମନାଭ ଡାଭେ, ସମ୍ବଲପୁର ୟୁନିଟ ଚେୟାରମ୍ୟାନ ସୁରଜ କୁମାର ଦାସ ପ୍ରମୁଖଙ୍କ ସମେତ ଆସୋସିଏଶନର ଆଜୀବନ ସଦସ୍ୟ ପଦ୍ମଲୋଚନ ପ୍ରଧାନ, ବିପ୍ଳବ ମହାପାତ୍ର, ପର୍ଶୁରାମ ଦାସ, ଶତ୍ରୁଘ୍ନ ସାହୁ, ବ୍ରହ୍ମଜ୍ୟୋତି ମିଶ୍ର, ପଦ୍ମଲୋଚନ ପ୍ରଧାନ, ଆଇନଜୀବୀ ଉଦୟ ଶଙ୍କର ମିଶ୍ର, ସରୋଜ ପଟ୍ଟନାୟକ ଯୋଗଦେଇ ସହଯୋଗ କରିଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, JAJPUR**
No.O-2156
Letter No.682/ Date 02.02.2026

**1st Corrigendum** to Bid Identification No. Tender Online **17 JJPT** of 2025-26 invited this office **Letter No.310, Dtd.15.01.2026.**
**The change as detailed below are hereby made in the above N.I.T.**
**1. Corrigendum to Change Date & Time.**

| Procurement Officer | Bid Identification No. | Availability of Tender On-line for bidding | | | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| | | From | | To | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur | Tender Online 17 JJPT of 2025-26 | 27.01.2026 at 10.00 AM | 03.02.2026 at 10.00 AM | 06.02.2026 upto 05.00 PM | 09.02.2026 upto 05.00 PM | 05.02.2026 upto 5.00 PM | 07.02.2026 upto 5.00 PM | 07.02.2026 at 11.30 AM | 10.02.2026 at 11.30 AM |

**Note:- If situation arises the transparent lottery will be held on 12.02.2026, At 11.30 AM.**
OIPR-
Sd./- Superintending Engineer, R.W.Division, Jajpur

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail : rw_rourkela@yahoo.co.in
**No.25001/16/2526**
**TENDER CALL NOTICE**
**BID IDENTIFICATION NO. ONLINE-EERKL-28 of 2025-26**

1. Name of the work : Road Work, 2. Total No. of work : 01 (One) No., 3. Estimated Cost : Rs.63.38 Lakhs, 4. Class of Contractor : 'B' Class, 5. Period of Completion : 01 (One) Calendar month, 6. Type of Tender : Double Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-28 of 2025-26** | **02.02.2026 from 10.00 AM** | **10.02.2026 upto 4.00 PM** |

Further details can be seen from the website : www.tendersorissa.gov.in.
Sd./- Executive Engineer
RW Division-II, Sundargarh
OIPR-25001/25193/1/25-26/0016

**GOVERNMENT OF ODISHA**
**No.25001/16/2526**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404
**SHORT TENDER CALL NOTICE FOR AMP ROAD WORKS IN ODISHA**
**Bid Identification No. AMP Road Online AGL-34/2025-26**
**No. 457//** **Dt. 30.1.2026//**

1. Name of the work : AMP Road works, 2. Total No. of work : 02 Nos., 3. Estimated cost : Rs.126.36 to Rs.149.98 Lakhs (Approx.), 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | AMP Road Online - AGL-35/25-26 | 04.02.2026 at 10.00 A.M. | 10.02.2026 up to 5.00 P.M. | 09.02.2026 up to 1.00 P.M. | 10.02.2026 at 5.30 P.M | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
Sd./- Chief Construction Engineer,
Rural Works Circle, Angul
OIPR-25001/25180/1/25-26/0016

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୨୦ ତା.୧୫.୦୧.୨୬
**ବିଜ୍ଞାପନ**

**No.CAD**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏଏମ୍-୪୨-(AM-42), ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ବିମଳ କୁମାର ଦାସ, ପିତା-ସ୍ୱ ବ୍ରଜ ବଲ୍ଲଭ ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, ସ୍ୱାମୀ-ଶ୍ରୀ ପଞ୍ଚାନନ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ, ପିତା-ସ୍ୱ ବ୍ରଜ ବଲ୍ଲଭ ଦାସ, ସା-ଜେଏ-୩୯, ଶକ୍ତିନଗର, ପୋ-ଜଗଡ଼ା, ଥାନା-ରାଉରକେଲା-୧୪, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଶ୍ରୀ ବିମଳ କୁମାର ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅଜୟ କୁମାର ଅଗରୱାଲ, ପିତା-କହ୍ନେୟାଲାଲ ଅଗରୱାଲ, ସା/ପୋ- କନିନା ଖାସ୍, ଜିଲ୍ଲା- ମହେନ୍ଦ୍ରଗଡ଼ (ହରିୟାଣା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION, BHUBANESWAR**
E-Mail: eebbsrrwss@gmail.com
**REQUEST FOR PROPOSAL (RFP)**
**BID No.05/2025-26**

No.25001/16/2526:Superintending Engineer, RWS&S Division, Bhubaneswar on behalf of the Governor of Odisha invites Request For Proposal (RFP) in sealed covers for Engagement of **2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard** through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | **Request for proposal (RFP) For Hiring of Agency for Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar.** |
| 2 | No. of Item | 01 (One) |
| 3 | Period of Contract | 12 (Twelve) Months |
| 4 | Availability of RFP | **04.02.2026 to 11.02.2026 upto 03.00 PM** |
| 5 | Last date & time for submission of RFP | 11.02.2026 upto 03.00 PM |
| 6 | Last date & time for seeking clarification | 09.02.2026 upto 5.00 PM |
| 7 | Bid Security (E.M.D.) | Rs.30,000.00 |
| 8 | Cost of Bid Document | Rs.6,000.00 |
| 9 | Mode of submission of RFP | Online through e-procurement portal only in website www.tendersorissa.gov.in |
| 10 | Date & Time of opening of RFP | Dt.12.02.2026 at 11.30 A.M. in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in.
Superintending Engineer,
RWS&S Division, Bhubaneswar
OIPR-25001/25011/1/25-26/0016

## ଫୁଲ ଚାଷ



**ସେ**ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଭେଣ୍ଡିର ଉନ୍ନତ କିସମ



**ଭେଣ୍ଡି**ର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା–ଏ–୪। ୬୦ ସେ.ମି. x ୩୦ ସେ.ମି. ଦୂରତାରେ ଭେଣ୍ଡି ଗଛ ଲଗାନ୍ତୁ। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତ କରିବା ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫–୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ।

## ସବୁଜ ଗୋଖାଦ୍ୟ ଫସଲ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ଡାଲୁଅ ଧାନ ରୋଇବା ପରେ ସାର ପ୍ରୟୋଗ

ଡାଲୁଅ ଧାନ ରୋଇବାର ୧୫–୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।



### ଏ ମାସର କୃଷି ସୂଚନା

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର। ଫସଲ ବୁଣିବାର ୩୫ରୁ ୪୫ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦–୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

**ତୈଳବୀଜ ଜାତୀୟ ଫସଲ ଚିନାବାଦମ** ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସାକରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶୁଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ସୋରିଷ:** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃଆରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରେପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

**ପନିପରିବା:** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨–୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ:** ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଖରାଦିନିଆ ପନିପରିବା**
ଖରାଦିନିଆ ପନିପରିବା ଯଥା – କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା – ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଗୋପାଳନ:** ଗୋରୁଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଆକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।

**ଛେଳି ପାଳନ:** ଛେଳିମାନଙ୍କୁ ଏଣ୍ଟରୋଟକ୍ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ



**ଖ**ରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା– ମୁଗ କିସମ – ଆଇପିଏମ୍–୦୨–୧୪ (୬୫ ଦିନ), ଆଇପିଏମ୍–୦୨–୩ (୬୫ ଦିନ), ପିଡିଏମ୍–୧୧ (୬୫ ଦିନ), ପିଡିଏମ୍–୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ–୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ – ସାରଳା (୬୫ ରୁ ୭୦ ଦିନ), ପିୟୁ–୩୧ (୭୦ ଦିନ), ପିୟୁ–୩୦ (୬୫ ରୁ ୭୦ ଦିନ), ପିୟୁ–୩୫ (୬୫ ରୁ ୭୦ ଦିନ), ପିୟୁ–୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

## ପୋଟଳରେ ଫୁଲଫଳ ଧରୁଥିଲେ...



**ପୋଟଳ** ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରି ରଖେ। ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ଆଖୁ ହୁଡ଼ା ଭାଙ୍ଗିବା ସମୟରେ...



**ଆ**ଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ଏକ କିଗ୍ରା କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଉଚିତ ।

## ହଳଦୀ ଲଗାଇବା ପୂର୍ବରୁ...

**ରୋ**ମା, ସୁରମା, ରଙ୍ଗ, ରଶ୍ମି ନାମକ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ୧ଏକର ଜମି ପାଇଁ ୮–୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨–୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ଏକ ମିଟର ଓସାର, ୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ, ୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରେଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



## କୁକୁଡ଼ା ପାଳନ



**ବା**ର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁକୁଡ଼ା ଚିଆଁ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍)। କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ କରିଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ। ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବା ସୂଚନା ମିଳିଥାଏ। କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହି ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ସଘନ ମାଛଚାଷ

**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାରର ଜାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାରର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାରର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହାଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ ଟି ଏବଂ ବିଲାତି ରୋହି ୪୦୦ ଟି (୨୧–୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାରର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ।



# ୪ ବନ୍ଧୁକ, ୧୨୫ ଗୁଳି ଜବତ: ୨ ଗିରଫ

## ବନ ବିଭାଗର ଅପରେଶନ ଜୀବେଦୟା

ଛେଣ୍ଡିପଦା,୩।୨(ଅଜିତ ଧଳ)

ଅପରେଶନ ଜୀବେଦୟା ମିଶନରେ ବନବିଭାଗ ଓ ପୋଲିସକୁ ସଫଳତା ମିଳିଛି। ଅନୁଗୋଳ ଜିଲା ଜରପଡ଼ା ଓ ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ୪ ଦେଶୀ ବନ୍ଧୁକ, ୧୫ ଜୀବନ୍ତ ଗୁଳି, ୧୧୦ ସୀସାଗୁଳି, ବାରୁଦ, ଜିଆଇ ତାର ଫାଶ ଆଦି ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ବିକାଶ କୁମାର ଦାସ ଓ ତାଙ୍କ ସମ୍ପର୍କୀୟ ଜିତୁ ରାଏ।

ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବରପାଇ ଅନୁଗୋଳ ଏସିଏଫ୍‌ଓ ସିଦ୍ଧାର୍ଥ ଜୈନ, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ ଓ ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଓଗୀ ଗାଁରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଶିକାରୀମାନେ ଫେରାର ହୋଇଯାଇଥିବା ବେଳେ ଓଗୀ ଗ୍ରାମର କିଶୋରୀ କୁମାର ସାହୁଙ୍କ ଘରେ ସର୍ଚ୍ଚ ୱାରେଣ୍ଟ ବଳରେ ଯାଞ୍ଚ କରାଯାଇଥିଲା। ଉକ୍ତ ଘର ଭିତରୁ ୨ଟି ବନ୍ଧୁକ, ୪ଟି ହରିଣ ଶିଙ୍ଗ, ୧୫ ଜୀବନ୍ତ ଗୁଳି, ବାରୁଦ, ଭୁଜାଲି ସହିତ ଶିକାର ପାଇଁ ବ୍ୟବହୃତ ଜିଆଇ ଫାଶ ଜବତ କରାଯାଇଥିଲା। ପୂର୍ବରୁ ମଧ୍ୟ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭ଟି ହରିଣ ଶିଙ୍ଗ, ୪ଟି ବନ୍ଧୁକ, ଜୀବନ୍ତ ଗୁଳି, ବୋମା ଜବତ କରାଯାଇଥିଲା। ଏ ନେଇ ବନାଞ୍ଚଳ ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇଥିବାବେଳେ ଜରପଡ଼ା ପୋଲିସ ଆର୍ମ ଆକ୍ଟରେ ଏକ ମାମଲା ରୁଜୁ କରି ଶିକାରୀମାନେ ବନ୍ଧୁକ ଓ ବାରୁଦ କେଉଁଠୁ ଆଣୁଛନ୍ତି ସେ ନେଇ ତଦନ୍ତ ଜାରି ରଖିଛି। ସେହିପରି ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ର ଜନ୍ତୁ ମାଂସ ରୋଷେଇ ହେଉଥିବା ଖବରପାଇ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ଚିତ୍ତରଞ୍ଜନ ଦାସଙ୍କ ଘରେ ଚଢ଼ାଉ କରିଥିଲେ। ଉକ୍ତ ଘର ଭିତରେ ରୋଷେଇ ଚାଲିଥିବା ୪ କିଲୋ ରନ୍ଧା ମାଂସ ସହ ଘରେ ଥିବା ୭ କିଲୋ କଞ୍ଚା ମାଂସ, ୨ଟି ଦେଶୀ ବନ୍ଧୁକ, ବନ୍ଧୁକ ପାଉଡ଼ର, ୧୧୦ ସୀସା ଗୁଳି, ଏକ ହାତ ତିଆରି ବୋମା ଓ ୧୮ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଥିଲା। ଚିତ୍ତରଞ୍ଜନଙ୍କ ପୁଅ ବିକାଶ ଓ ସମ୍ପର୍କୀୟ ଜିତୁଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଛେଣ୍ଡିପଦା ବନାଞ୍ଚଳରେ ୨୧ ସିଏର୍‌ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।



ଜବତ ବନ୍ଧୁକ, ଗୁଳି ଆଦି ଶିକାର ସାମଗ୍ରୀ ସହ ଚଢ଼ାଉ କରିଥିବା ଟିମ୍।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

## ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ

ଅମ୍ବାଦଳା, ୩।୨ (ରବୀନ୍ଦ୍ର ପଣ୍ଡା)

ଗୁଣି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦୁର୍ବୃତ୍ତ ବୃଦ୍ଧଙ୍କ ମୁଣ୍ଡକୁ କାତି ସାହାଯ୍ୟରେ ହାଣିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ରାୟଗଡ଼ା ଜିଲା ଅମ୍ବାଦଳା ଥାନା ସରଧାପୁର ପଞ୍ଚାୟତ ଶୁଣ୍ଡିପଦର ଗ୍ରାମରେ ମଙ୍ଗଳବାର ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଚିଁଚିରାମ ବାଗ (୮୧)। ମୃତକଙ୍କ ପରିବାର ଲୋକେ ଏ ନେଇ ଅମ୍ବାଦଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପୋଲିସ ତଦନ୍ତବେଳେ ଗିରଫ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇଯାଇଥିବା ବେଳେ ମହିଳା ମୁହଁ ଖୋଲୁ ନ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ଗୁଣିଗାରେଡ଼ି ପାଇଁ ଗ୍ରାମରେ ବିବାଦ ହୋଇଥିବାରୁ ଗୁଣିକୁ ନେଇ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରୁଛି। ମୃତଦେହ ନିକଟରୁ ପୋଲିସ ଏକ ଟର୍ଚ୍ଚଲାଇଟ, ଏକ କାତି ଜବତ କରିଛି।

ମୃତ ପରିବାର ଲୋକଙ୍କ କହିବା ଅନୁଯାୟୀ, ଚିଁଚିରାମ ରବିବାର ସନ୍ଧ୍ୟାରୁ ତୁପାପଦର ଗ୍ରାମକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳୁ ଧାନ ବିଲ ନିକଟ ଏକ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ଅମ୍ବାଦଳା ପୋଲିସକୁ ଖବର ଦିଆଯାଇଥିଲା। ଅପରପକ୍ଷେ ଗତ ୬ ମାସ ପୂର୍ବରୁ ଗୁଣି ଗାରେଡ଼ି ସନ୍ଦେହ କରି ଚିଁଚିରାମଙ୍କ ସହ କେତେଜଣ ଲୋକଙ୍କ ପାଟିତୁଣ୍ଡ ହୋଇଥିଲା। ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଅମ୍ବାଦଳା ଆଇଆଇସି କଳ୍ପନା ବେହେରା କହିଛନ୍ତି। ଘଟଣାସ୍ଥଳରେ ମୁନିଗୁଡ଼ା ଆଇଆଇସି କେଶବ ଷଡ଼ଙ୍ଗୀ ମଧ୍ୟ ଯାଇ ତଦନ୍ତ କରିଛନ୍ତି।

# ବାଂଲାଦେଶୀ ସନ୍ଦେହରେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼

ଚାନ୍ଦବାଲି,୩।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ହରିପୁର ଗ୍ରାମରେ ରବିବାର ରାତିରେ ବାଂଲାଦେଶୀ କିମ୍ବା ଚୋର ସନ୍ଦେହରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଚାନ୍ଦବାଲି ଥାନା ଅଧୀନ ଭୂଇଁବୃତ୍ତି ଅଞ୍ଚଳର ମାନସିକ ବିକାରଗ୍ରସ୍ତ ଭଗବାନ ସେଠୀ(୨୦)। ଏନେଇ ତାଙ୍କ ବାପା ଅମୂଲ୍ୟ ସେଠୀ ମଙ୍ଗଳବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଅମୂଲ୍ୟ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ହରିପୁର ଗ୍ରାମର କେତେଜଣ ଲୋକ ବାଂଲାଦେଶୀ ସନ୍ଦେହ କରି ଭଗବାନଙ୍କ ହାତଗୋଡ଼ ବାନ୍ଧି ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ତେବେ ଗୁରୁତର ଥିବା ଯୁବକଙ୍କୁ ପୋଲିସ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ନ କରି କିମ୍ବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ ଅଧାବାଟରେ ଛାଡ଼ି ଦେଇଥିଲା। ପରଦିନ ଚାପ ପଡ଼ିବା ପରେ ପୋଲିସ ପୁଣିଥରେ ତିହିଡ଼ି ଅଞ୍ଚଳର ପୀରହାଟ ନିକଟରୁ ଭଗବାନଙ୍କୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ ପରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଯୁବକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

# ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

- ପ୍ରଥମ ଥର ଓଡ଼ିଶାରେ ବାଂଲା ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡାଦେଶ
- ସ୍ୱଦେଶ ନ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ବାଂଲାଦେଶ ହାଇକମିଶନର

ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୧୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ବର୍ଷ ଲେଖାଏ ଜେଲ ଓ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଏମ୍‌ଡି ହାସିମ୍, ସଞ୍ଜୀବ ଖାନ, ଆଲ୍ଲାମ ସକିଲ, ଏମ୍‌ଡି ଆଜମ, ଅଲତାଫ, ସୋଆ ତାଲୁଫଦାର, କରିମ ବେଗମ, ମୋନିରା ବେଗମ, ସାହାନା ବେଗମ ଏବଂ ଜଣେ ନାବାଳକ। ୨୦୨୫ ମାର୍ଚ୍ଚ ୮ରେ ଭୁବନେଶ୍ୱର ରେଳଷ୍ଟେଶନରୁ ଏହି ୧୦ ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିଲା। ଗିରଫ ବ୍ୟକ୍ତିମାନଙ୍କୁ ସ୍ୱଦେଶ ନ ଛାଡ଼ିବା ପାଇଁ ବାଂଲାଦେଶ ହାଇକମିଶନର ଭୁବନେଶ୍ୱର କୋର୍ଟ ଏବଂ କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଅନୁରୋଧ ଜଣାଇଥିଲେ।

ସୂଚନା ଅନୁଯାୟୀ, ସମ୍ପୃକ୍ତ ବାଂଲାଦେଶୀମାନେ ବେଆଇନ ଭାବେ ଭାରତକୁ ଆସି ଭୁବନେଶ୍ୱରରେ ରହୁଥିଲେ। ସେମାନେ ଏଠାରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ଏଠାରୁ ଲୁଟ୍‌ପାଟ, ଚୋରି, ହତ୍ୟା ଭଳି ଅପରାଧ ଘଟାଇ ବାଂଲାଦେଶକୁ ଫେରାର ହୋଇଯାଉଥିଲେ। କିଛିଦିନ ସେଠାରେ ରହିବା ପରେ ପୁଣି ଓଡ଼ିଶାକୁ ଫେରି ବିଭିନ୍ନ ଆପରାଧିକ କାର୍ଯ୍ୟରେ ସାମିଲ ହେଉଥିଲେ। ଭୁବନେଶ୍ୱର ରେଳଷ୍ଟେଶନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସେମାନଙ୍କୁ ଧରିଥିଲା। ଯାଞ୍ଚ କରାଯିବା ପରେ ସେମାନେ ନକଲି ଆଧାରକାର୍ଡ ମାଧ୍ୟମରେ ଓଡ଼ିଶା ଆସିଥିବା ସ୍ପଷ୍ଟ ହୋଇଥିଲା। ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା, ଭାରତୀୟ ଟଙ୍କା ଏବଂ ମୋବାଇଲ ଫୋନ୍ ଜବତ କରାଯାଇଥିଲା। ଫଳରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏହାର ଶୁଣାଣି ଜାରି ରହିଥିଲା। ୬ଜଣ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରରେ କୋର୍ଟ ମଙ୍ଗଳବାର ରାୟ ଶୁଣାଇଛନ୍ତି।

# ଭାଜପା ନେତା ଶିବରାମଙ୍କ ଘର ଉପରେ ଆକ୍ରମଣ, ୮ ଗିରଫ

## ଗାଁ ପରିଦର୍ଶନ କରି ଶାନ୍ତି ପ୍ରତିଷ୍ଠା ପାଇଁ ଏସ୍‌ପିଙ୍କ ନିବେଦନ

ମୋହନା,୩।୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ସୁଆରଙ୍କ ଘର ଉପରେ ସୋମବାର ସନ୍ଧ୍ୟାରେ ଆକ୍ରମଣ ହୋଇଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏପରି ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆକ୍ରମଣର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରି ମଙ୍ଗଳବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାନ୍ଦିପୁଟ ଗାଁ ଖ୍ରୀଷ୍ଟିଆନ ସାହିର ପ୍ରମୋଦ ପରିଚ୍ଛା, ସୁଜନ ମାଳି, ତପନ ମାଳି, ଅଭନ ପାଇକ, ଜୁଏଲ ଲିମା, ରାଜନ ପାଇକ, ଇସ୍ରାଏଲ ନାୟକ ଓ ନୀଳମାଧବ ନାୟକ। ଏ ନେଇ ପୋଲିସ ଏକ ମାମଲା (ନଂ ୧୯/୨୬) ରୁଜୁ କରିଛି। ଏସ୍‌ଆଇ ବି.ନୀଳମାଧବ ରେଡ୍ଡୀ ଏହାର ତଦନ୍ତ କରୁଛନ୍ତି। ତେବେ କେଉଁ କାରଣରୁ ଏପରି ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ରାଜନୈତିକ ଶତ୍ରୁତା ନା ଆଉ କିଛି କାରଣ ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ମଙ୍ଗଳବାର ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଗାଁରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଗାଁରେ ଶାନ୍ତି ଫେରିବ ଓ ଦୋଷୀ ନିଶ୍ଚିତ ଦଣ୍ଡ ପାଇବେ ବୋଲି ଏସ୍‌ପି କହିଛନ୍ତି।

## Business

# ଇଲେକ୍ଟ୍ରୋନିକ୍ସ ସେକ୍ଟର ପାଇଁ ଗେମ୍‌ଚେଞ୍ଜର

## ଭାରତ-ଆମେରିକା ବାଣିଜ୍ୟକ ଚୁକ୍ତି

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)



ଭାରତ ଓ ଆମେରିକା ମଧ୍ୟରେ ଦୀର୍ଘଦିନ ଧରି ଅଟକି ରହିଥିବା ବ୍ୟବସାୟ ଚୁକ୍ତି ଉପରେ ମୋହର ଲାଗିଛି। ଏହି ଚୁକ୍ତିକୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନକାରୀ ବା ଗେମଚେଞ୍ଜର ଭାବେ ବିଶେଷଜ୍ଞମାନେ ବର୍ଣ୍ଣନା କରୁଛନ୍ତି। ଉଭୟ ଦେଶ ମଧ୍ୟରେ ପ୍ରସ୍ତାବିତ ୫୦୦ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟରେ ଇଲେକ୍ଟ୍ରୋନିକ୍ସ ସେକ୍ଟରର ଅଂଶ ଆଗାମୀ ବର୍ଷଗୁଡ଼ିକରେ ୧୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭାବନା ରହିଛି। ଅନେକ ମାସ ଧରି ଚାଲିଥିବା ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବ୍ୟବସାୟ ଚୁକ୍ତିର ଔପଚାରିକ ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଚୁକ୍ତି ତୁରନ୍ତ ପ୍ରଭାବରେ ଲାଗୁହେବ ଏବଂ ଭାରତ ଉପରେ ଲଗାଯାଇଥିବା ମୋଟ ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରାଯାଇଛି। ଏହି ନିଷ୍ପତ୍ତିରେ ଭାରତୀୟ ରପ୍ତାନିକାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। ବିଶେଷକରି ଗତ ୨ ବର୍ଷ ଧରି ବର୍ଦ୍ଧିତ ଶୁଳ୍କ ଯୋଗୁ ପ୍ରତିଯୋଗିତାରେ ପଛରେ ରହିଯାଇଥିବା ସେକ୍ଟରଗୁଡ଼ିକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଶୁଳ୍କ ବୃଦ୍ଧି ଯୋଗୁ ଆମେରିକୀୟ ବଜାରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଭଳି ବିଭିନ୍ନ ଭାରତୀୟ ଉତ୍ପାଦର ସ୍ଥିତି ଦୁର୍ବଳ ହୋଇଯାଇଥିଲା। ସୂଚନା ଥାଉକି, ଗତ କିଛି ବର୍ଷରେ ଭାରତର ଇଲେକ୍ଟ୍ରୋନିକ୍ସ ଉଦ୍ୟୋଗ କ୍ଷେତ୍ରରେ ଅଭିବୃଦ୍ଧି ହେବା ସହ ଏହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଓ 'ପିଏଲ୍‌ଆଇ ସ୍କିମ୍'ର ଏକ ମୁଖ୍ୟ ସ୍ତମ୍ଭ ହୋଇପଡ଼ିଛି। ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଆସେମ୍ବଲି ଓ କମ୍ପୋନେଣ୍ଟ ଉତ୍ପାଦନରେ ଭାରତର ଉପସ୍ଥିତି ନିରନ୍ତର ବୃଦ୍ଧି ପାଉଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ଭାରତ ପ୍ରାୟ ୩.୨୭ ଲକ୍ଷ କୋଟି ଟଙ୍କା (ଆନୁମାନିକ ୩୮ ବିଲିୟନ ଡଲାର)ର ଇଲେକ୍ଟ୍ରୋନିକ୍ସ ରପ୍ତାନି କରିଛି। ଏଥିରେ ଆମେରିକା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସବୁଠାରୁ ବଡ଼ ବଜାର ରହିଛି। ଟାରିଫ ହ୍ରାସ ପରେ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ନିଜର ଅଂଶ ବଢ଼ାଇବା ଓ ସେଠାକାର ସପ୍ଲାଇ ଚେନ୍ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ବହୁ ସହଜ ହୋଇପଡ଼ିବ ବୋଲି ଆଶା କରାଯାଉଛି। ଅନ୍ୟପଟେ କେନ୍ଦ୍ର ବଜେଟ ୨୦୨୬-୨୭ରେ ଘରୋଇ ଉତ୍ପାଦନ ଓ ନିବେଶକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଯୁକ୍ତରାଜ୍ୟ, ୟୁରୋପୀୟ ସଂଘ ଓ ଅନ୍ୟାନ୍ୟ ଦେଶ ସହ ମଧ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଉଛି। ଆମେରିକା ସହ ଏହି ଚୁକ୍ତି ଭାରତକୁ ବିଶ୍ୱବ୍ୟାପୀ ମୂଲ୍ୟ ଚେନ୍‌ରେ ଆହୁରି ଗଭୀର ଭାବେ ଯୋଡ଼ିବାରେ ସହାୟକ ହେବ। ବିଶେଷକରି ଇଲେକ୍ଟ୍ରୋନିକ୍ସ, ଟେକ୍ନୋଲୋଜି ଓ ସପ୍ଲାଇ ଚେନ୍ ରେଜିଲିଏନ୍ସ ଭଳି ରଣନୈତିକ କ୍ଷେତ୍ରରେ ଏହା ଉପଯୋଗୀ ହେବ।

# ବଢ଼ିଲା ସୁନା ଦର

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଗତ କିଛି ଦିନ ଧରି ସୁନା ଓ ରୂପା ମୂଲ୍ୟ ହ୍ରାସ ପାଉଥିବାବେଳେ ମଙ୍ଗଳବାର ଏହି ଧାରାରେ ବଦଳିଛି। ଭୁବନେଶ୍ୱର ବଜାରରେ



୨୪ କ୍ୟାରେଟ ସୁନାଦର ସୋମବାର ୧,୫୩,୧୭୦ଟଙ୍କା ଥିବାବେଳେ ଏଥିରେ ୭୬୦ ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ଏହା ୧,୫୩,୯୩୦ ଟଙ୍କା ହୋଇଛି। ୨୨ କ୍ୟାରେଟ୍ ସୁନାଦର ସୋମବାର ୧,୪୦,୪୦୦ ଟଙ୍କା ଥିବାବେଳେ ଏଥିରେ ୭୦୦ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ୧,୪୧,୧୦୦ଟଙ୍କାରେ ପହଞ୍ଚିଛି। ୧୪ କ୍ୟାରେଟ ସୁନାଦର ସୋମବାର ୧,୧୪,୮୮୦ ଟଙ୍କା ଥିବାବେଳେ ମଙ୍ଗଳବାର ଏଥିରେ ୫୭୦ ଟଙ୍କା ବୃଦ୍ଧି ହୋଇ ଏହି ଦର ୧,୧୫,୪୫୦ ଟଙ୍କା ହୋଇଛି। ଅନ୍ୟପଟେ ରୁପା କିଲୋଗ୍ରାମ ପ୍ରତି ଦର ୩ ଲକ୍ଷ ଟଙ୍କା ରହିଛି।

# ରେଙ୍ଗାଲିରେ ଓଏଚ୍‌ପିସି ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ



ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍ (ଓଏଚ୍‌ପିସି) ପକ୍ଷରୁ ନିକଟରେ ରେଙ୍ଗାଲି ଡ୍ୟାମ୍ ସାଇଟ, ରେଙ୍ଗାଲି ଜଳବିଦ୍ୟୁତ୍ ପ୍ରକଳ୍ପ (ଆର୍‌ଏଚ୍‌ଇପି)ଠାରେ ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ସମାରୋହରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବରେ ଓଏଚ୍‌ପିସିର ନିର୍ଦ୍ଦେଶକ(ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଏବଂ କଣିହାଁ ତହସିଲଦାର ଚିନ୍ମୟ ଦାସ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଦେଇ ଆର୍‌ଏଚ୍‌ଇପିର ବରିଷ୍ଠ ମହାପ୍ରବନ୍ଧକ (ବିଦ୍ୟୁତ୍) ଏବଂ ୟୁନିଟ୍ ମୁଖ୍ୟ ସରୋଜ କୁମାର ବୋହିଦାର ଦଳଗତ କାର୍ଯ୍ୟ, ସୁସ୍ଥତା ଏବଂ ସାଂଗଠନିକ ବନ୍ଧନକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ କହିଥିଲେ। ପୁରୁଷ ଡବଲ୍ସ ସୀମାଞ୍ଚଳ ସୁବୁଦ୍ଧି ଏବ ତାପସ କୁମାର ପଲ ବିଜେତା ହୋଇଥିବାବେଳେ ଯଶୋବନ୍ତ ନାଏକ ଏବଂ ଜ୍ୟୋତିରଞ୍ଜନ ବେହେରା ଉପବିଜେତା ହୋଇଥିଲେ। ମହିଳା ଡବଲ୍ସରେ ନିର୍ମଳା ସମାଦ ଏବଂ ସୁଶ୍ରୀ ସୁନୀତା ମୁଣ୍ଡା ବିଜେତା ହୋଇଥିବାବେଳେ ଜ୍ୟୋତି ଟୋପ୍ପୋ ଏବଂ ମୋନାଲିସା ଜାତ ଉପବିଜେତା ହୋଇଛନ୍ତି। ଆର୍‌ଏଚ୍‌ଇପିର ମହାପ୍ରବନ୍ଧକ (ବିଦ୍ୟୁତ୍) ଏବଂ ବୈଷୟିକ ୱିଙ୍ଗ୍ ମୁଖ୍ୟ ସୁବ୍ରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ 'ଷ୍ଟଲ୍‌ୱାର୍ଟ ଜିମ୍'ର ୨ୟ ଶାଖା




ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଅବସ୍ଥିତ ଷ୍ଟଲ୍‌ୱାର୍ଟ ଜିମ୍‌ର ଦ୍ୱିତୀୟ ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଅଭିନେତ୍ରୀ ଭୂମିକା ଦାସ, ସୁରଭି ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୦,୦୦୦ ବର୍ଗଫୁଟ ପରିମିତ ଏହି ଅଞ୍ଚଳରେ ଜିମ୍‌ଟି ଇଟାଲୀ, ଯୁକ୍ତରାଷ୍ଟ୍ର, ଜର୍ମାନୀ ଓ ଦକ୍ଷିଣ କୋରିଆର ପ୍ରସିଦ୍ଧ ବ୍ରାଣ୍ଡ ପାନାଟ୍ଟା, ହୋଇଷ୍ଟ, ସ୍ପୋର୍ଟସ ଆର୍ଟ, ଥୋର୍, ଶୁଆ, ଅକ୍ଟେନ ଓ ଆକ୍ୟୁନିକ ଦ୍ୱାରା ନିର୍ମିତ ଅଲିମ୍ପିକ ଖେଳାଳିମାନଙ୍କ ବିଶ୍ୱସ୍ତରୀୟ ମନ ପସନ୍ଦର ଉପକରଣ ଉପଲବ୍ଧ ହେଉଛି। ଏଠାରେ ନିୟମିତ କାର୍ଡିଓ, ଷ୍ଟ୍ରେଙ୍ଗ ଟ୍ରେନିଂ ଓ କ୍ରସ୍‌ଫିଟ ସହିତ ଫୁଲ୍‌ବଡି କମ୍ପୋଜିସନ ଆନାଲିସିସ୍, ଯୋଗ, ଜୁମ୍ବା ଓ ପିଲାଟିସ ଭଳି ବିଭିନ୍ନ ସୁବିଧା ଅଛି। ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରକୁ ପୋଷଣ ବିଶେଷଜ୍ଞ, ଫିଜିଓଥେରାପିଷ୍ଟ ଓ ଇଞ୍ଜୁରି ମ୍ୟାନେଜମେଣ୍ଟ ଏକ୍ସପର୍ଟମାନେ ସହଯୋଗ କରୁଛନ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଜିମ୍‌ରେ ଆଇସ୍ ବାଥ୍, ଷ୍ଟିମ୍ ବାଥ୍ ଓ ଫୁଲ୍‌ବଡି ମସାଜ ସୁବିଧା ମଧ୍ୟ ରହିଥିବା ମୁଖ୍ୟ ପୃଷ୍ଠପୋଷକ ପ୍ରୀତମ ଚୌଧୁରୀ, ପ୍ରକାଶ ସିଂ ଓ ଶିଶିର ସିଂ ପ୍ରମୁଖ କହିଛନ୍ତି।

# ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟିର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)




ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ମଙ୍ଗଳବାର ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ସେଥି ମଧ୍ୟରୁ ଏମ୍‌ଏସ୍‌ଏମ୍‌ଇର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଓ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି। ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ଋଣ ଆଦି କ୍ଷେତ୍ରରେ ରହିଛି। ସେମିନାରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିବାବେଳେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଉପସ୍ଥିତ ଥିଲେ। ଅନୁ ଗର୍ଗ କହିଥିଲେ, ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡ଼ା। ଓଡ଼ିଶାର ଭିଜନ ୨୦୩୬ ଆକାଂକ୍ଷା ପୂରଣ ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଉଦ୍ୟମ ଆବଶ୍ୟକ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ 'ମିସିଂ ମିଡିଲ'ର ଆହ୍ୱାନ ଉପରେ ଆଲୋକପାତ କରିଥିଲେ। କୃଷି ଭିତ୍ତିଭୂମି, ପଣ୍ୟାଗାର, ଆନୁଷଙ୍ଗିକ କୃଷି ଉଦ୍ୟୋଗ କ୍ଷେତ୍ର ଏବଂ ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ପାଇଁ ଋଣ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସହଯୋଗ ପାଇଁ ସେ ପରାମର୍ଶ ଦେଇଛନ୍ତି। ଜନଜାତି ଏବଂ ଅବହେଳିତ ଅଞ୍ଚଳରେ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି କହିଛନ୍ତି, ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଫୋକସ ପେପରରେ ଧାର୍ଯ୍ୟ କରାଯାଇଥିବା ଆକଳନକୁ ଗ୍ରହଣ କରିବା ଉଚିତ୍। ଏସ୍‌ବିଆଇର ସିଜିଏମ୍ ଏ.ଡି. ରତ୍ନାତେଜା, ପରାମର୍ଶ ଏବଂ ବଟମ-ଅପ୍ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟ ଫୋକସ ପେପର ପ୍ରସ୍ତୁତ କରିବାରେ ନାବାର୍ଡର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏଏସ୍‌ଏଲ୍‌ବିସିର ସଂଯୋଜକ ଗୌତମ ପାତ୍ର କହିଛନ୍ତି, ବ୍ୟାଙ୍କଗୁଡିକ ଜମା ଏବଂ ଋଣ ଅଭିବୃଦ୍ଧିରେ ପ୍ରଭାବଶାଳୀ ଅଗ୍ରଗତି କରିଛନ୍ତି। ଅସମାନ କ୍ରେଡିଟ ଡିପୋଜିଟ ଅନୁପାତ, ସ୍ୱଳ୍ପ ମିଆଦୀ ଋଣ ଏବଂ କେସିସି କଭରେଜରେ ବ୍ୟବଧାନ ସମେତ ଚ୍ୟାଲେଞ୍ଜ ରହିଛି। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟ କହିଛନ୍ତି, ଓଡ଼ିଶାର ବିଶାଳ ଭୌଗୋଳିକ ସ୍ଥିତି, ବିବିଧ କୃଷି-ପରିବେଶ ଏବଂ ବିଗତ ଦଶନ୍ଧି ମଧ୍ୟରେ ଦୃଢ଼ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଋଣ ଅଭିବୃଦ୍ଧିରେ ବ୍ୟାପକ ସମ୍ଭାବନା ରହିଛି।

# ଭୁବନେଶ୍ୱର ଏନ୍‌ଏଚ୍‌ରେ ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ ରଣନୀତି

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଭୁବନେଶ୍ୱରରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସ୍ୱତନ୍ତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜପଥର ବିପଜ୍ଜନକ ସ୍ଥାନ (ବ୍ଲାକ୍ ସ୍ପଟ୍)ଗୁଡ଼ିକୁ ଚିହ୍ନଟକରିବା ଏବଂ ସେଗୁଡ଼ିକର ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏଆଇର ଅଧିକାରୀ ଏବଂ ରାଜପଥ ନିର୍ମାଣ କରୁଥିବା ଠିକାଦାରମାନେ ଯୋଗଦେଇଥିଲେ। ଭାରତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାପ୍ରବଣ ଅଞ୍ଚଳ କିପରି କମାଯାଇପାରିବ, ସେଥିପାଇଁ କ୍ଷେତ୍ର ସ୍ତରରେ ପରୀକ୍ଷିତ ବିଭିନ୍ନ ବ୍ୟବହାରିକ ପଦ୍ଧତି ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ କାଟାଲାଇନ୍ ଲିମିଟେଡ୍‌ର ସହଯୋଗରେ ଏହି ଅଧିବେଶନଟି ଆୟୋଜନ ହୋଇଥିଲା। ସାରା ଭାରତରେ ପାଳନ କରାଯାଉଥିବା ଏହି ମାସ ପାଇଁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ (ଏମ୍‌ଓଆର୍‌ଟିଏଚ୍)ର ମୁଖ୍ୟ ବିଷୟବସ୍ତୁ 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ରହିଛି। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ସରକାରୀ ଅଧିକାରୀ ଯୋଗଦେଇଥିଲେ, ଯେଉଁଥିରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ଓଡ଼ିଶା ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ଏବଂ ଏନ୍‌ଏଚ୍‌ଏଆଇ ଓଡ଼ିଶାର ମ୍ୟାନେଜର (ଟେକ୍) ତଥା ଆଞ୍ଚଳିକ ସଡ଼କ ସୁରକ୍ଷା ଅଧିକାରୀ ଅବିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝର: ୨୨ ମାସରେ ୧୪ ତୀରନ୍ଦାଜ

**କେନ୍ଦୁଝର,୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**



ଓଡ଼ିଶା ଟାଟା ଆର୍ଚେରୀ ହାଇ ପର୍ଫରମାନ୍ସ ସେଣ୍ଟରରେ ପ୍ରଶିକ୍ଷାର୍ଥୀ ଅଭ୍ୟାସ କରୁଛନ୍ତି।

କେନ୍ଦୁଝରଜିଲ୍ଲାଶଙ୍କରପୁରସ୍ଥିତଓଡ଼ିଶା ଟାଟା ଆର୍ଚେରି ହାଇ ପର୍ଫରମାନ୍ସ ସେଣ୍ଟର(ଓଟିଏଫଏସ) ଏବେ ଦେଶର ଭବିଷ୍ୟତର ଧନୁର୍ଦ୍ଧରମାନଙ୍କ କ୍ରୀଡ଼ା ଭୂମି ସାଜିଛି। ଓଡ଼ିଶା ସରକାର ଏବଂ ଟାଟାଷ୍ଟିଲର ମିଳିତ ପ୍ରଚେଷ୍ଟାରେ ଏହି ସେଣ୍ଟରରୁ ମାତ୍ର ୨୨ ମାସରେ ୧୪ଜଣ ଜାତୀୟସ୍ତରର ତୀରନ୍ଦାଜ ସୃଷ୍ଟି ହୋଇପାରିଛନ୍ତି। ୨୦୨୪ରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ଜଣ କ୍ୟାଡେଟ (୧୨ ବାଳକ ଓ ୧୨ ବାଳିକା)ଙ୍କୁ ନେଇ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ସମଗ୍ରକ୍ରମେ ଏହା ଗ୍ରାମାଞ୍ଚଳ ଓ ଜନଜାତି ସମ୍ପ୍ରଦାୟରୁ ଆସୁଥିବା ପ୍ରତିଭାମାନଙ୍କୁ ଉଚ୍ଚକୋଟୀର ଆଥଲେଟ ଭାବେ ଗଢ଼ି ତୋଳିବାର ମାଧ୍ୟମ ପାଲଟିଛି। ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିବା ମାଲକାନଗିରି ଜିଲ୍ଲା ଦୁର୍ଗମ ଗ୍ରାମର ଜଣେ ଚାଷୀଙ୍କ ପୁଅ ଅର୍ଜୁନ ଖରା(୨୨)୨୦୨୪ରେ ଓଟିଏଫଏସ୍ ପାଇଁ ମନୋନୀତ ହୋଇଥିଲେ। ଆଜି ସେ ସିନିୟର ନ୍ୟାଶନାଲ ଆର୍ଚେରି ଚାମ୍ପିୟନଶିପ୍, ନ୍ୟାଶନାଲ ଗେମ୍ସ ଏବଂ ଏନ୍‌ଟିପିସି ନ୍ୟାଶନାଲ ତୀରନ୍ଦାଜୀ ଟୁର୍ଣ୍ଣାମେଣ୍ଟ ଭଳି ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ପିଲାଦିନରୁ ବାପା, ମା' ଏବଂ ଭାଉଙ୍କୁ ହରାଇଥିବା ଯାଜପୁର ଜିଲ୍ଲାର ସାତ୍ତା ହେମ୍ବ୍ରମ(୧୭) ସାନ ଭଉଣୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେନ୍ଦୁଝରସ୍ଥିତ ସେଣ୍ଟରରେ ଟ୍ରାଏଲ ଦେଇ ମନୋନୀତ ହୋଇଥିଲେ। ୨୦୨୪ରୁ ଓଟିଏଫଏସ ସହ ଯୋଡ଼ିହେବା ପରେ ଧନୁର୍ବିଦ୍ୟା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ଗତ ଡିସେମ୍ବର ୨୭-୨୮ରେ କଟକଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଆର୍ଚେରି ଟୁର୍ଣ୍ଣାମେଣ୍ଟ-୨୦୨୫ରେ ଭଗବତ ବଳିୟାରସିଂହ ଏବଂ ମୋନାଲିସା ନାୟକ ୧୫ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଏକାଡେମୀର ସୁନିତା ନାୟକ(୧୬) ଓ ସାବିତ୍ରୀ ପାତ୍ର(୧୭) ଛତିଶଗଡ଼ ରାୟପୁରଠାରେ ଗତ ଡିସେମ୍ବରରେ ଅନୁଷ୍ଠିତ ୪୪ତମ ଏନ୍‌ଟିପିସି ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ୬୯ତମ ଜାତୀୟ ସ୍କୁଲ ଗେମ୍ସ-୨୦୨୫-୨୬ରେ ଇଣ୍ଡିଭିଜୁଆଲ ଅଲିମ୍ପିକ ରାଉଣ୍ଡରେ ସୁନୀତା ନାୟକ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ସାବିତ୍ରୀ ପାତ୍ର ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ଏହି କେନ୍ଦ୍ରରେ ୧୬ଜଣ କ୍ୟାଡେଟ ଅଛନ୍ତି, ଯେଉଁଥିରେ ଓଡ଼ିଶା ବାହାରୁ ୪ଜଣ ସାମିଲ ଅଛନ୍ତି। ଟାଟାଷ୍ଟିଲ ସ୍ପୋର୍ଟସ ଚିଫ୍ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି, ଏହି ସେଣ୍ଟର ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭାଙ୍କୁ ଖୋଜି ଜାତୀୟସ୍ତରର ଶ୍ରେଷ୍ଠ ଖେଳାଳି ଭାବେ ଗଢ଼ି ତୋଳିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏକାଡେମୀର ପ୍ରଶିକ୍ଷକ ବିକାଶ ଉପାଧ୍ୟାୟ କହିଛନ୍ତି ଉନ୍ନତ ପ୍ରଶିକ୍ଷଣ ସହ କ୍ୟାଡେଟମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ ସେମାନେ ଅନେକ ପଦକ ଜିତିବାରେ ସଫଳ ହୋଇଛନ୍ତି।

## ୨୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ

**ମାଲକାନଗିରି,୩।୨ (ଦୁର୍ଯ୍ୟୋଧନ ପାତ୍ର)**

ବିଦ୍ୟୁତ୍ ସଂଯୋଗ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଟିପିଏସ୍‌ଓଡିଏଲ୍ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ। ମାଲକାନଗିରି ଜିଲା ସଦର ମହକୁମା ଟିପିଏସ୍‌ଓଡିଏଲ୍‌ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନାୟକ ଏକ ଇଟା ତିଆରି କାରଖାନାକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଭି.କିଶୋର ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଛନ୍ତି। ତାଙ୍କଠାରୁ ୨୦ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି। କୋରାପୁଟ ଭିଜିଲାନ୍ସ କେସ୍ ନଂ. ୧।୨୦୨୬, ୭ ପିସି (ସଂଶୋଧନ) ଆଇନ, ୨୦୧୮ରେ ମାମଲା ରୁଜୁ କରାଯାଇଛି।

# ଏସ୍‌ଏଫ୍‌ଡିଆର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ

**ବାଲେଶ୍ୱର, ୩।୨(ବାଞ୍ଛାନିଧି ଦେ)**



ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆରଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୪୫ରେ ଡିଆରଡିଓ ପକ୍ଷରୁ କଠିନ ଇନ୍ଧନଯୁକ୍ତ ରାମଜେଟ୍ ଜ୍ଞାନକୌଶଳ ସଲିଡ ଫୁଏଲ ଡକ୍ଟେଡ୍ ରାମଜେଟ୍ (ଏସ୍‌ଏଫ୍‌ଡିଆର) ଇଞ୍ଜିନର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ ହୋଇଛି। ଏହାପରେ ଭାରତ ଶତ୍ରୁପକ୍ଷଠାରୁ ଅଧିକ ଦକ୍ଷତାସମ୍ପନ୍ନ ଦୂରଗାମୀ ଆକାଶରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ବିକାଶ ନିମିତ୍ତ ଜ୍ଞାନକୌଶଳ ହାସଲକାରୀ ପ୍ରମୁଖ ଦେଶ ମଧ୍ୟରେ ସାମିଲ ହୋଇଯିବ ବୋଲି ଡିଆରଡିଓ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏକ ନିର୍ଦ୍ଦିଷ୍ଟ ମାପକ ପହଞ୍ଚିବା ପର୍ଯ୍ୟନ୍ତ ପ୍ରାରମ୍ଭିକ ଭୂମିଗତ ବୁଷ୍ଟର ମୋଟର ମାଧ୍ୟମରେ ଗତି ଦିଆଯିବା ପରେ ଏସ୍‌ଏଫ୍‌ଡିଆର୍‌ର ନୋଜଲ ଲେସ୍ ବୁଷ୍ଟର, ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍ ମୋଟର, ଫୁଏଲ ଫ୍ଲୋ କଣ୍ଟ୍ରୋଲର ଆଦି ସହଯୋଗୀ ଉପକରଣ ଆଶାନୁରୂପକ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛି। ଆଇଟିଆର ଦ୍ୱାରା ବଙ୍ଗୋପସାଗର ଉପକୂଳରେ ନିୟୋଜିତ ସଂଖ୍ୟାଧିକ ନିରୀକ୍ଷଣ ଉପକରଣରୁ ମିଳିଥିବା ଫ୍ଲାଇଟ ଡାଟାର ବିଶ୍ଳେଷଣ ଅନୁସାରେ ଏସ୍‌ଏଫ୍‌ଡିଆର ଜ୍ଞାନକୌଶଳର ଦକ୍ଷତା ପ୍ରମାଣିତ ହୋଇଛି । ପ୍ରତିରକ୍ଷା ଅନୁସନ୍ଧାନ ଓ ଉନ୍ନୟନ ଗବେଷଣାଗାର (ଡିଆରଡିଏଲ୍), ଉଚ୍ଚଶକ୍ତି ସାମଗ୍ରୀ ଅନୁସନ୍ଧାନ ଗବେଷଣାଗାର (ଏ ଚ୍ ଇ ଏ ମ ଆ ର ଏ ଲ ), ହାଇଦ୍ରାବାଦର ଅନୁସନ୍ଧାନ କେନ୍ଦ୍ର ଭବନ (ଆରସିଆଇ) ଏବଂ ଆଇଟିଆର ଆଦି ଡିଆରଡିଓର ବିଭିନ୍ନ ଗବେଷଣାଗାରର ବରିଷ୍ଠ ବୈଜ୍ଞାନିକମାନେ ଏହି ପ୍ରଦର୍ଶନକୁ ଅନୁଧ୍ୟାନ କରିଥିଲେ। ଏସ୍‌ଏଫ୍‌ଡିଆର ଜ୍ଞାନକୌଶଳର ସଫଳ ପ୍ରଦର୍ଶନ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ସହିତ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗ ସଚିବ ତଥା ଡିଆରଡିଓର ଚେୟାରମ୍ୟାନ ଡ. ସମୀର ଭି. କାମତ ଏହି ପ୍ରଦର୍ଶନରେ ଜଡିତ ସମସ୍ତ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

# ମାଓବାଦୀ ପ୍ରଭୁଙ୍କ ଆତ୍ମସମର୍ପଣ

**ରାଉରକେଲା,୩।୨(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ସକ୍ରିୟ ହାର୍ଡକୋର୍ ମାଓବାଦୀ ଅମ୍ବେଲେନ୍ ହୋନହାଗା ଓରଫ୍ ପ୍ରଭୁ(୧୮) ମଙ୍ଗଳବାର ଅପରାହ୍ନ ୨ଟାରେ ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ରାଉରକେଲା ପୋଲିସ ମୁଖ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏବଂ ଏସ୍‌ପି ନିତେଶ ୱାଧୱାନୀଙ୍କ ଉପସ୍ଥିତିରେ ସେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ 'ବି' ବର୍ଗରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡିଆଇଜି ରାୟ ସୂଚନା ଦେଇ କହିଲେ, ପ୍ରଭୁ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଛୋଟାନାଗରା ହାଲାମୁଲି ଗ୍ରାମର ବାସିନ୍ଦା ଏବଂ ଦକ୍ଷିଣ ଛୋଟାନାଗରା ଡିଭିଜନର ଲୋକାଲ ଗୁରିଲା ସ୍କ୍ୱାଡ୍ ମେମ୍ବର (ଏଲ୍‌ଜିଏସ୍‌ଏମ୍) ଥିଲେ। ପ୍ରାୟ ୨ ବର୍ଷ ତଳେ ସେ ଏଥିରେ ଯୋଗଦାନ କରି ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିଲେ। ଗତ କିଛିଦିନ ତଳେ ଝାଡ଼ଖଣ୍ଡରେ ବଡ଼ଧରଣର ଅଭିଯାନରେ ମାଓବାଦୀଙ୍କୁ ନିପାତ କରାଯିବା ସହ ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ପ୍ରେରିତ ହୋଇ ପ୍ରଭୁ ଆତ୍ମସମର୍ପଣ ରାସ୍ତା ବାଛିଥିଲେ। ତାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ଆବଶ୍ୟକ ସହାୟତା ବାବଦରେ ପ୍ରାୟ ୨ ଲକ୍ଷ ୬୫ ହଜାର ଟଙ୍କାର ରାଶି ପ୍ରଦାନ କରାଯିବ ବୋଲି ଡିଆଇଜି ରାୟ କହିଥିଲେ। ସେହିପରି ଏସ୍‌ପି ୱାଧୱାନୀ କହିଲେ, ପ୍ରଭୁ ସରଣ୍ଡା ଜଙ୍ଗଲରେ ସଙ୍ଗଠନରେ ରାଶନ ସଂଗ୍ରହ ଓ ଅନ୍ୟ ଛୋଟ ବଡ଼ କାମର ତାଲିମ ନେଉଥିଲେ। ୨୦୨୪ରେ ବିର୍ସା ନାମକ ମାଓବାଦୀଙ୍କ ସଂସ୍ପର୍ଶରେ ଆସିବା ପରେ ସେ ସଙ୍ଗଠନରେ ସାମିଲ ହୋଇଥିଲେ। ଦେଶର ସବୁଠାରୁ ଓଡ଼ିଶାରେ ମାଓବାଦୀ ଆତ୍ମସମର୍ପଣ ନୀତି ସର୍ବଶ୍ରେଷ୍ଠ ଓ ସହଜସାଧ୍ୟ ରହିଛି। ପ୍ରଭୁ ମାଓବାଦୀଙ୍କ ନୀତିରେ ଅତିଷ୍ଠ ହୋଇପଡିଥିଲେ। ସେ ଅନ୍ୟ ସଦସ୍ୟଙ୍କଠାରୁ ମାନସିକ, ଶାରୀରିକ ନିର୍ଯାତନା ପାଉଥିଲେ। ଶେଷରେ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ। ତାଙ୍କୁ ବିବାହ, ରୋଜଗାର ପାଇଁ ଷ୍ଟାଇପେଣ୍ଡ, ଖାଦ୍ୟ ସୁରକ୍ଷା କାର୍ଡ, ଆବାସ ଆଦି ପ୍ରଦାନ କରାଯିବ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

# ବ୍ୟୋମକେଶ ଭଦ୍ରକ ଜିଲା ବିଜେଡି ସଭାପତି

- ଗଞ୍ଜାମ, ରାୟଗଡ଼ା ଓ ମୟୂରଭଞ୍ଜ-୨ ପାଇଁ କାର୍ଯ୍ୟକାରୀ ସଭାପତି ଚୟନ
- ଖୋର୍ଦ୍ଧା, ବାଲେଶ୍ୱର ସମସ୍ୟା ତୁଟାଇପାରୁନି ଦଳ

**ଭୁବନେଶ୍ୱର, ୩।୨(ସୁନିତ୍ ମିଶ୍ର)**

ପୂର୍ବତନ ବିଜୁ ଯୁବ ଜନତା ଦଳ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ମଙ୍ଗଳବାର ଦଳ ପକ୍ଷରୁ ନୂଆ ନିଯୁକ୍ତି ଦିଆଯାଇଛି। ବ୍ୟୋମକେଶଙ୍କୁ ଦଳ ପକ୍ଷରୁ ଭଦ୍ରକ ଜିଲା ସଭାପତି ଭାବେ ନୂଆ ଦାୟିତ୍ୱ ମିଳିଛି। ତାଙ୍କ ହାତରେ ଦଳର ଯୁବ ବ୍ୟାପାର ଦାୟିତ୍ୱ ମଧ୍ୟ ରହିଛି। ରାଜନୈତିକ ଦୃଷ୍ଟିକୋଣରୁ ଭଦ୍ରକକୁ ବର୍ତ୍ତମାନ ବହୁ ଗୁରୁତ୍ୱପୂର୍ଣ୍ଣ ଜିଲା ଭାବେ ପରିଗଣିତ କରାଯାଉଛି। ଯେହେତୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଜିଲା ଭଦ୍ରକ, ସେଥିଲାଗି ଏହା ରାଜନୈତିକ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଚାନ୍ଦବାଲି ଆସନରୁ ମନମୋହନଙ୍କୁ ଗତ ସାଧାରଣ ନିର୍ବାଚନରେ ବ୍ୟୋମକେଶ ପରାଜିତ କରିଥିଲେ। ସେହି ଦୃଷ୍ଟିରୁ ବ୍ୟୋମକେଶଙ୍କୁ ଜିଲା ସଙ୍ଗଠନର ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ଭଦ୍ରକ ଛଡ଼ା ଗଞ୍ଜାମ ସାଙ୍ଗଠନିକ ଜିଲାରେ ବିଜେଡି ପକ୍ଷରୁ ୨ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଭଗବାନ ଗନ୍ତାୟତଙ୍କୁ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ରାୟଗଡ଼ା ଜିଲା କାର୍ଯ୍ୟକାରୀ ସଭାପତି ଭାବେ ପି.ଗୌରୀ ଶଙ୍କରଙ୍କୁ ନୂଆ ନିଯୁକ୍ତି ମିଳିଛି। ମୟୂରଭଞ୍ଜ-୨ ସାଙ୍ଗଠନିକ ଜିଲାରେ ରାଇସେନ ମୁର୍ମୁଙ୍କୁ ଦଳ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପ୍ରଦାନ କରିଛି। ଏନେଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି।

ବିଜେଡି ପକ୍ଷରୁ ବିଭିନ୍ନ ଜିଲାର ସାଙ୍ଗଠନିକ ନିଯୁକ୍ତି ଚାଲିଥିବା ବେଳେ ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲାରେ ସଭାପତି ଚୟନ ଏପର୍ଯ୍ୟନ୍ତ ଦଳ ପକ୍ଷରୁ କରାଯାଇନାହିଁ। ଏହି ଦୁଇ ଜିଲାର ସଭାପତି ଚୟନ ବିଷୟ ମଧ୍ୟ ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଖୋର୍ଦ୍ଧା ଜିଲାରେ ଦଳ କାହାକୁ ସଭାପତି କରିବ ସେନେଇ ଏପର୍ଯ୍ୟନ୍ତ ଚୟନ କରିପାରୁନାହିଁ। ଏହି ଜିଲା ଅଧୀନରେ ଆସୁଥିବା ବିଭିନ୍ନ ବିଧାନସଭା କ୍ଷେତ୍ରର ନେତାମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିବା ଚର୍ଚ୍ଚା ହେଉଛି, ଯେଉଁଥିଲାଗି ଦଳ କାହାକୁ ଏଯାଏଁ ସଭାପତି କରିପାରି ନାହିଁ। ଅନ୍ୟପଟେ ବାଲେଶ୍ୱର ଜିଲାର ସଭାପତି ଦାୟିତ୍ୱ ନେବାକୁ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ଆଗ୍ରହୀ ଅଛନ୍ତି। ଦଳର ଶୀର୍ଷରୁ ତାଙ୍କୁ ଏହି ପଦ ଦେବାକୁ ରାଜି ନାହିଁ। ଅନ୍ୟପଟେ ଜିଲାର ବହୁ ନେତା ମଧ୍ୟ ତାଙ୍କୁ ବିରୋଧ କରୁଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ କିଛିଦିନ ହେଲା ରବୀନ୍ଦ୍ର ଜେନା ଭାଜପାରେ ମିଶିବା ଲାଗି ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି। ହେଲେ ଭାଜପା କୁଆଡେ ଏଯାଏଁ ତାଙ୍କ ମିଶିବା ନେଇ ଗ୍ରୀନ୍ ସିଗ୍ନାଲ ଦେଉ ନ ଥିବା ଜିଲାରେ କୁହାକୁହି ହେଉଛନ୍ତି।

## ଆଜି ବିଶ୍ୱ କ୍ୟାନ୍ସର ଦିବସ



# ଅଭିନବ ଭାବରେ ଏକତ୍ର ହେବା

ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ କ୍ୟାନ୍ସର ବା କର୍କଟ ରୋଗ ଅନ୍ୟତମ। ପ୍ରାରମ୍ଭରୁ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇପାରିଲେ ପ୍ରଥମ ଷ୍ଟେଜ୍‌ରୁ ହିଁ କେତେକ କ୍ୟାନ୍ସରରୁ ଆରୋଗ୍ୟ ମିଳିପାରୁଛି। ହେଲେ ଯଦି ବିଳମ୍ବରେ ଏହାର କାରଣ ଜଣାପଡେ ତେବେ ତାହା ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ତେଣୁ କ୍ୟାନ୍ସର ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ 'ବିଶ୍ୱ କ୍ୟାନ୍ସର ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଘୋଷିତ ଚଳିତ ବର୍ଷର ସ୍ଲୋଗାନ ହେଲା- 'ଅଭିନବ ଭାବରେ ଏକତ୍ର ହେବା'। ପ୍ରତିବର୍ଷ କ୍ୟାନ୍ସର ଦିବସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ପକ୍ଷରୁ ଏହି ସ୍ଲୋଗାନ ଘୋଷଣା କରାଯାଇଥାଏ।

କଥାରେ ଅଛି- କ୍ୟାନ୍ସର ନୋ ଆନ୍ସର। କିନ୍ତୁ ଯଦି ଠିକ୍ ସମୟରେ ଏହାର କାରଣ ବିଷୟରେ ଅବଗତ ହେବା ଆଉ ତାହାର ଠିକ୍ ଉପାୟରେ ଚିକିତ୍ସା କରିବା ତେବେ ଏଥିରୁ ଆରୋଗ୍ୟ ଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଯୁବପିଢ଼ି ଏହାର ଅଧିକ ଶୀକାର ହେଉଛନ୍ତି। ତେବେ କ୍ୟାନ୍ସରର ଲକ୍ଷଣଗୁଡିକ କ'ଣ ? ଏହାର ପ୍ରମୁଖ ଲକ୍ଷଣ ହେଲା- ଶରୀରର କୌଣସି ସ୍ଥାନରେ ଆବୁ ପରି ଗୁଳି ହେବା, ହଠାତ୍ ଓଜନ କମିଯିବା, ଆଦୌ କିଛି କାମ ନ କରି ହାଲିଆ ଲାଗିବା, ଚର୍ମ ରଙ୍ଗରେ ପରିବର୍ତ୍ତନ ଦେଖାଦେବା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେବା ଏବଂ ଏହି ଅବସ୍ଥା ଲାଗି ରହିବା। ଏହାବ୍ୟତୀତ ନିଶାଦ୍ରବ୍ୟ ସେବନ କରୁଥିଲେ କ୍ୟାନ୍ସର ଆଶଙ୍କା ମଧ୍ୟ ରହିଛି। ବିଶେଷଭାବରେ ପାନ, ସିଗାରେଟ୍, ବିଡ଼ି, ତମାଖୁଜାତୀୟ ଦ୍ରବ୍ୟ ଖାଇବା ଅଭ୍ୟାସରେ ପଡିଯାଇଥିଲେ ଭବିଷ୍ୟତରେ ମୁଖଗହ୍ୱର କ୍ୟାନ୍ସର ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଯଦି ଏସବୁ ଲକ୍ଷଣ ବିଷୟରେ ଅବଗତ ହେଲେ ତେବେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍ସର ଡାକ୍ତରଙ୍କ ନିକଟକୁ ଯାଇ ତାଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ଯଦି ବିଳମ୍ବରେ ଏହାର କାରଣ ଜଣାପଡିଲା, ତେବେ ଚିକିତ୍ସା ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ଅନେକ ସମୟରେ କ୍ୟାନ୍ସର ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁବରଣ କରିଥାଆନ୍ତି। ତେଣୁ ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ସହ ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ଆଜିକାଲି କ୍ୟାନ୍ସରର ଚିକିତ୍ସା ପାଇଁ ବିଭିନ୍ନ ଅତ୍ୟାଧୁନିକ ପ୍ରଣାଳୀ ଅନୁସରଣ କରାଯାଉଛି। ତେଣୁ ଠିକ୍ ସମୟରେ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇ ଚିକିତ୍ସା କରାଇ ନେବା ଦରକାର। ଏହାଦ୍ୱାରା ଆମେ କ୍ୟାନ୍ସରଜନିତ ମୃତ୍ୟୁହାରକୁ କେତେକାଂଶରେ ରୋକି ପାରିବା।

ଫର୍ମ ନଂ.୧୩
**ଋଣ ଅସୁଲି ପ୍ରାଧିକରଣ, କଟକ**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ.୫୦୧/୨୦୨୫
ବ୍ୟାଙ୍କ ଅଫ୍ ଇଣ୍ଡିଆ ............................ ଆବେଦନକାରୀ
ବନାମ
ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍ ଏବଂ ଅନ୍ୟମାନେ...........ପ୍ରତିବାଦୀମାନେ
୧.ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍, ଏହାର ଏକମାତ୍ର ସତ୍ତ୍ୱାଧିକାରୀ ଶ୍ରୀ ଚିତ୍ତରଞ୍ଜନ ମିଶ୍ରଙ୍କ ମାଧ୍ୟମରେ ପ୍ରତିନିଧିତ୍ୱ କରାଯାଉଛି, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।
୨. ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।
୩. ଶ୍ରୀମତୀ ଏ. ସରୋଜିନୀ, ସ୍ୱା: ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।
**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**
ଏହି ନୋଟିସ୍ ଦ୍ୱାରା ଜଣାଇଦିଆଯାଉଛି କି, ଆବେଦନକାରୀ ଓ.ଏ. ନଂ.୫୦୧/୨୦୨୫ ଦ୍ୱାରା ଟ.୨୦,୭୮,୭୩୦/- (କୋଡିଏ ଲକ୍ଷ ଅଠସ୍ତୋରି ହଜାର ସାତ ଶହ ତିରିସି ଟଙ୍କା ମାତ୍ର) ଋଣ ରାଶି ଓ ତତ୍ ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛିକି, ସେମାନେ ଏହି ଖବରକାଗଜ ପ୍ରକାଶନ ତାରିଖର ୩୦ଦିନ ମଧ୍ୟରେ କିମ୍ବା ତା.୧୭.୦୪.୨୦୨୬ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ।
ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ଆପଣମାନେ ଏଥିରେ ଖିଲାପ କରନ୍ତି, ତେବେ ଆପଣମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।
ଏହି ଟ୍ରିବ୍ୟୁନାଲ୍‌ର ମୋହର ସହ ମୋ ସ୍ୱାକ୍ଷର ଦିନାଙ୍କ ୨୧ ଜାନୁୟାରୀ ୨୦୨୬ରେ ଆଦିଷ୍ଟ।
ସ୍ୱା/-
ରେଜିଷ୍ଟ୍ରାର (ଭାରପ୍ରାପ୍ତ)

**OFFICE OF THE NOTIFIED AREA COUNCIL, BOUDHGARH**
e-mail: boudhgarhnac@yahoo.co.in, Ph. No.: 06841-222024
No. 315 **EXPRESSION OF INTEREST** Date: 31.1.26
No. 13001/15/2526: Boudhgarh NAC proposes to undertake **"Providing Consultancy Service for preparation of DPR for different projects"**.
Proposals are invited to conduct the assignment and submit the deliverables from consulting registered architectural firms that have requisite experience in preparation of DPR for different infrastructure project.
The details of EOI may be accessed and the EOI can be downloaded from the website **www.nacboudhgarh.in** or in person on payment of the required paper cost.
The completed application as per the instructions in the EOI document, should reach the following address by Speed Post/Registered Post/ Courier latest by **3.30 P.M. on dated 11.02.26**.
Boudhgarh NAC reserves the sole right to accept or reject any or all proposals without assigning any reason whatsoever.
Sd./- Executive Officer
NAC, Boudhgarh
OIPR-13001/13155/1/25-26/0015

**ପୌର ପରିଷଦ ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୪୪୨୦
At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 14420
Email: hinjilicutmunicipality@gmail.com, hinjilimunicipality@gmail.com,
Facebook: Hinjilicut Municipality, Twitter: Hinjilicutmunicipality
Letter No. 558/Dev. Date: 31.01.2026
**QUOTATION CALL NOTICE**
No. 13001/16/2526: Sealed quotations are invited from the Authorized Dealers/Agencies/Suppliers/ Manufactures/for supply of following items for Hinjilicut Municipality.
The rate should be quoted against the item excluding taxes. The quotationers are essentially required to enclose their GST Clearance Certificate, PAN Card, Warranty/Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.
The quotationer should submit EMD in shape of Cash/B.D./D.D./T.D.A. pledged in favour of Executive Officer, Hinjilicut Municipality as mentioned detailed below. The quotation paper will be available at the Cash Section from date: 03.02.2026, 10.00 A.M. to 10.02.2026, 05.00 P.M. in the Office hour except holidays. The quotation should receive on or before Dt.11.02.2026 at 5.00 P.M. on Tender Box and the same will be opened on Dt.16.02.2026 at 11 A.M. in presence of respective quotationers or their authorized representatives.
The authority reserves the right to accept, cancel or reject any or all offers without assigning any reason thereof.

| Sl. No. | Description of Items | Paper Cost | EMD |
|---|---|---|---|
| 1 | Supplying & fixing of openable UPVC doors and Windows with color frame of approved make with thick material laminated with glass of approved quality complete with frame, shutter and all fixture, fixing of execution of Aspirational toilet complex under Hinjilicut Municipality | Rs.4000/- | Rs.5000/- |

OIPR-13001/13105/1/25-26/0016 Sd./- Executive Officer, Hinjilicut Municipality

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**
**आवश्यक सूचना**



अज्ञात मृतक पुरूष
उम्र—करीब 35 वर्ष
सर्व साधारण को सूचित किया जाता है कि दिनांक—30.01.2026 को समय करीब 12:10 बजे सुन्दरनगर थानान्तर्गत कुदादा स्थित रेलवे ट्रैक (पोल सं0—257/20 से 258/01 के बीच) पर ट्रेन के चपेट में आने से एक अज्ञात पुरूष की मृत्यु हो गई है। शव के पहचान हेतु आसपास के स्थानीय लोगों से पुछताछ किया गया लेकिन अज्ञात पुरूष का शिनाख्त/पहचान नहीं हो पाया है। जिससे उनके परिजनों को सूचित नहीं किया जा सका है।
अज्ञात मृतक पुरूष का हुलिया निम्न प्रकार है:—उम्र—लगभग 35 पुरूष, कद—05 फीट 03 इंच, रंग—साँवला/गेंहुआ, बाल—काला, पहचान चिन्ह—दाहिने आँख पर कटा का निशान, पहनावा—धियाही रंग का हाफ शर्ट, हल्का आसमानी रंग का बनियान, काला रंग का पुराना फटा हुआ जैकेट, नीला रंग का फटा हुआ फुल पैन्ट तथा काले—भूरा रंग का मौजा।
अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
वरीय पुलिस अधीक्षक, पूर्वी सिंहभूम, जमशेदपुर : 0657—2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, विधि—व्यवस्था : 9431706482
थाना प्रभारी, सुन्दरनगर : 9431706516
वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 372246 (Police)25-26*D
POLICE HELPLINE (EMERGENCY DIAL)-112 CHILD HELPLINE-1098
WOMEN HELPLINE-1091 DOMESTIC ABUSE HELPLINE-181
CYBER CRIME HELPLINE-1930 AMBULANCE SERVICE-108

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
No. 34001/14/2526 e-mail ID: supenger_rbjyp@yahoo.co.in
**INVITATIONS FOR BIDS (IFB)**
**Bid Identification No. C.C.E.J.C. (R&B) - 14/2025-26**
No. 1475 Date: 31.01.2026
1. Nature of the work : Road & Building Works
2. Total No. of Works : 07 (Seven) Nos.
3. Tender Cost : Rs.2.58 to 6.44 Crs.
4. Period of Completion : 04 (Four) to 11 (Eleven) Calendar Months each
5. Cost of Bid Document : Rs.10,000/-
6. Bid Security (EMD) : Rs.2.58 Lacs to 6.44 lacs as per column No. 06 of IFB.
7. Class of Contractor : "Special", "B" & "A" Class as per Cl. No. 05 of TCN & according to Financial eligibility.
8. Date & time of availability of bid document in the portal : From 12.00 hours of 10.02.2026 to 17.00 hours of 24.02.2026
9. Last date/time for receipt of bids in the portal : 17.00 hours of 24.02.2026
10. Opening date of Bid : 11.00 hours of 25.02.2026
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore
Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.
Sd./- Chief Construction Engineer
Jeypore (R&B) Circle, Jeypore
OIPR-34001/34108/1/25-26/0014

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯନ୍ତ୍ରୀ/ସିଓଏନ/ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in** ରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.- ୦୧-ଡିସିଇ-ସି-ଜିଆର୍‌ସି-୦୧-୨୦୨୬; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଡେପୁଟି ସିଇ/ସିଓଏନ/ଗାର୍ଡେନ୍ ରିଚ୍‌ଙ୍କ କ୍ଷେତ୍ରାଧିକାରରେ ବକ୍ରାନୟାବାଜ ଷ୍ଟେଶନଠାରେ ଅତିରିକ୍ତ ଲୁପ୍ ଲାଇନ୍ ସଂକ୍ରାନ୍ତରେ ଇଆଇ ବିଲ୍ଡିଂର ନିର୍ମାଣ ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟ । ଏଷ୍ଟିମେଟ୍ ନଂ. ୧୮୮୫ଡବ୍ଲ୍ୟୁ/୨୦୨୨; **ଆନୁମାନିକ ମୂଲ୍ୟ:** ₹୫,୧୮,୫୨,୫୩୩.୯୩; **ବିଡ୍ ଅମାନତ:** ₹୪,୦୯,୩୦୦.୦୦; **ସମାପ୍ତି ଅବଧି:** ୦୮ ମାସ; **ସମାପ୍ତି ତାରିଖ:** ୧୦।୦୩।୨୦୨୬; ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି" । (PR-1137)

**GOVT OF ODISHA** No. 25001/16/2526
**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH**
At/P.O.: Nabaghanpur, Dist.: Nayagarh, Ph.: 06753-252049, E-mail: nayagarhrw2006@yahoo.in
No.: Tender-Online-Nayagarh Divn.-13/2025-26 Date:
**e-Procurement NOTICE**
1. Name of the Work : Road Works
2. Total No. of Projects : 07 (Seven) Nos. of Projects
3. Class of Contractor :
a) Estimated cost above Rs.20.00 lakhs & upto Rs.3.00 Crore : **B Class** (of Odisha PWD) or relevant class of other licensing authorities
b) Estimated cost upto Rs.40.00 lakhs : **C Class** (of Odisha PWD) or relevant class of other licensing authorities
c) Estimated cost upto Rs.20.00 lakhs : **D Class** (of Odisha PWD) or relevant class of other licensing authorities
4. Estimated Cost put to tender : Rs.4.84 lakhs & Rs.45.47 lakhs
5. Time for Completion : 01 (One) Calendar Month
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No.: Tender Online - Divn. NAYAGARH - 13/2025-26 | 06.02.2026 at 10.00 A.M. | 16.02.2026 upto 5.30 P.M. | 17.02.2026 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR-25001/25106/1/25-26/0016 Sd./- Executive Engineer, Rural Works Division., Nayagarh

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍ ପି-୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in
सत्यमेव जयते
**Government of India**
**Ministry of Corporate Affairs**
**Centre for Processing Accelerated Corporate Exit (C-PACE),**
**IICA Building, 7th Floor,**
**Plot P- 6, 7, 8, Sector-5,**
**IMT Manesar,**
**Gurgaon, Haryana - 122050**
**Email: roc.cpace@mca.gov.in**
ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]
ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୮୫୮ ତାରିଖ: ୨୧।୦୧।୨୦୨୬
**ସନ୍ଦର୍ଭ:**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ **ଓଡ଼ିଶା** ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୧୦୭୮୬୪୪ | ୟୁ୯୫୨୪୦ଓଡି୨୦୨୪ପିଟିସି୦୪୫୪୨୬ | ଟେକ୍ନୋସାଗର ଭାରତ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୧୨୨୨୩୦୪ | ୟୁ୮୬୯୦୦ଓଡି୨୦୨୪ପିଟିସି୦୪୫୦୩୮ | ଇନୋଭି ହେଲ୍‌ଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି । ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍‌ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।
ଇର୍ଜନ ତିର୍କୀ
ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0641/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଭାରତ-ଆଫଗାନିସ୍ତାନ ସେମିଫାଇନାଲ ମ୍ୟାଚ୍

**ହରାରେ,୩।୨(ପି.ଟି.)**

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ଥିବା ଭାରତୀୟ ଦଳକୁ ଏହି ମ୍ୟାଚ୍ ଲାଗି ଫେଭରାଇଟ ବିବେଚନା କରାଯାଇଛି। ଭାରତ ଟୁର୍ନାମେଣ୍ଟ ଇତିହାସର ସବୁଠୁ ସଫଳ ଦଳ। ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ ସଂସ୍କରଣ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୪ଥର ଏହି ଟ୍ରଫି ହାତେଇଥିଲା। ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍‌କୁ ସହଜରେ ଜିତିଥିବା ଭାରତୀୟ ଦଳ ପାକିସ୍ତାନ ବିପକ୍ଷ ସୁପର-୬ ମ୍ୟାଚ୍‌କୁ ୫୮ ରନ୍‌ରେ ଜିତି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଆଫଗାନିସ୍ତାନ ମଧ୍ୟ ଟୁର୍ନାମେଣ୍ଟରେ ଭଲ କରିଛି। ଦଳ ଏପର୍ଯ୍ୟନ୍ତ ୫ରୁ ୪ ମ୍ୟାଚ୍ ଜିତିଛି ଓ କେବଳ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଛି। ଫର୍ମରେ ଥିବା ଅଭିଜ୍ଞାନ କୁଣ୍ଡୁ, ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରାଙ୍କ ଭଳି ଖେଳାଳିଙ୍କଠାରୁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଉଇକେଟ୍‌କିପର ବ୍ୟାଟର ଅଭିଜ୍ଞାନ କୁଣ୍ଡୁ ୫ ମ୍ୟାଚ୍‌ରେ ୧୯୯ ରନ୍ କରିଥିବା ବେଳେ ଓପନର ସୂର୍ଯ୍ୟବଂଶୀ ୧୯୬ ଓ ମିଡଲ ଅର୍ଡରରେ ବିହାନ ୧୭୨ ରନ୍ କରିଛନ୍ତି। ଅଧିନାୟକ ଆୟୁଷ ମାହାତ୍ରେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ସେ ଏପର୍ଯ୍ୟନ୍ତ ମାତ୍ର ୯୯ ରନ୍ କରିଛନ୍ତି। ବୋଲିଂ ବିଭାଗରେ ହେନିଲ ପଟେଲ ଓ ଆର୍‌ଏସ୍ ଅମ୍ବ୍ରିଶଙ୍କ ପ୍ରଦର୍ଶନ ଭଲ ରହିଛି। ଏହି ଦୁଇ ପେସର ୧୧ଟି ଲେଖାଏ ଉଇକେଟ ହାତେଇଛନ୍ତି।

# ଭାମ୍ବ୍ରିଙ୍କୁ କ୍ୟାରିୟରର ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୩।୨**

ଭାରତୀୟ ଟେନିସ୍ ଖେଳାଳି ୟୁକି ଭାମ୍ବ୍ରି ମଙ୍ଗଳବାର ଏଟିପି ଡବଲ୍ସ ର୍‍ୟାଙ୍କିଙ୍ଗ୍ସରେ ୨୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ୍। ଏହିଉପଲବ୍ଧିସହ ସେ ରୋହନ ବୋପାନ୍ନାଙ୍କ ପରେ ପ୍ରଥମ ଭାରତୀୟ ଖେଳାଳି ଭାବେ ପୁରୁଷ ଡବଲ୍ସ ଖେଳାଳି ରୂପେ ଟପ୍-୨୦ ମଧ୍ୟରେ ପ୍ରବେଶ କରିଛନ୍ତି। ପୂର୍ବରୁ ସେ ୨୨ତମ ସ୍ଥାନରେ ଥିଲେ। ୩୩ ବର୍ଷୀୟ ଭାମ୍ବ୍ରି ଚଳିତ ସିଜନରେ ଭଲ ଫର୍ମରେ ଅଛନ୍ତି। ସେ ଗତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ସ୍ୱିଡେନ୍‌ର ଆଣ୍ଡ୍ରେ ଗୋରାନସନଙ୍କ ସହ ମିଶି ତୃତୀୟ ରାଉଣ୍ଡରେ ପହଞ୍ଚିଥିଲେ।

# ଦୀପକଙ୍କ ମାଉଣ୍ଟ କାଙ୍ଗ୍ରି ଆରୋହଣ



ମାଉଣ୍ଟ କାଙ୍ଗ୍ରି ଆରୋହଣ ଅବସରରେ ଦୀପକ ମହନ୍ତ।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ଯୁବ ପର୍ବତାରୋହୀ ଦୀପକ ମହନ୍ତ ଲଦାଖର ୬୦୭୦ ମିଟରବିଶିଷ୍ଟ ମାଉଣ୍ଟ ୟୁଟି କାଙ୍ଗ୍ରି ଆରୋହଣ କରିଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା କାଶିଆ ଗ୍ରାମରେ ଏବଂ ସେ ଆସା(ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍)ର ସଦସ୍ୟ। ଦୀପକ ପୂର୍ବରୁ ୨୦୨୫ରେ ହିମାଚଳ ପ୍ରଦେଶର ମାଉଣ୍ଟ ୟୁନାମ(୬୧୫୦ ମିଟର) ଏବଂ ୨୦୨୨ରେ ମାଉଣ୍ଟ ସେଥିଦର(୫୮୦୦ ମିଟର) ଆରୋହଣ କରିଥିଲେ। ବେସିକ୍ ଏବଂ ଆଡ୍‌ଭାନ୍ସ ମାଉଣ୍ଟେନରିଂ କୋର୍ସ ଶେଷ କରିବାପରେ ସେ ଭବିଷ୍ୟତରେ ଏଭରେଷ୍ଟ ଆରୋହଣ ଲକ୍ଷ୍ୟ ରଖିଛନ୍ତି। ମାଉଣ୍ଟ କାଙ୍ଗ୍ରି ଆରୋହଣ ପାଇଁ ଦୀପକଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଗତ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଆସାର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, କ୍ରୀଡ଼ା ବିଭାଗର ସିନିୟର ପ୍ରୋଗ୍ରାମ ଅଫିସର ହରେଶ୍ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସାର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ଶକ୍ତିରଞ୍ଜନ ମହାନ୍ତି, ବିକ୍ରମ କିଶୋର ଦାସ, ବିଜୟ କୁମାର ସାସ୍‌ମଲ ଓ କ୍ଷୀରୋଦ କୁମାର ଷଣ୍ଢ ପ୍ରମୁଖ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଏହି ଆରୋହଣ ଅବସରରେ ଦୀପକଙ୍କ ଅଙ୍ଗୁଳି ଗୁଡ଼ିକରେ କ୍ଷତ ସୃଷ୍ଟି ହୋଇଥିବା ଜଣାଯାଇଛି।

# ଏମ୍‌ସିସି ୭୩ ନିୟମ ପରିବର୍ତ୍ତନ କରିବ

**ଲଣ୍ଡନ, ୩।୨(ପି.ଟି.)**

କ୍ରିକେଟ ଆଇନରେ ୭୩ଟି ନିୟମରେ ପରିବର୍ତ୍ତନ କରାଯିବ। ଏକ ବହୁଦିବସୀୟ ମ୍ୟାଚ୍‌ର କୌଣସି ଦିବସର ଶେଷ ଓଭରରେ ଯଦି ଏକ ଉଇକେଟର ପତନ ଘଟେ ତେବେ ଏହି ଓଭରକୁ ଶେଷ କରିବା ବାଧ୍ୟତାମୂଳକ ତନ୍ମଧ୍ୟରେ ଅନ୍ୟତମ। କ୍ରିକେଟ ଆଇନର ପ୍ରଣେତା ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ତରଫରୁ ଏହା ଘୋଷଣା କରାଯାଇଛି। ନୂଆ ନିୟମ ଚଳିତବର୍ଷ ଅକ୍ଟୋବରରୁ କାର୍ଯ୍ୟକାରୀ ହେବ। ୨୦୨୨ ପରେ କ୍ରିକେଟ ଆଇନର ନୂଆ ସଂସ୍କରଣ କାର୍ଯ୍ୟକାରୀ କରାଯିବ। ବର୍ତ୍ତମାନ ବଲ୍‌ଗୁଡ଼ିକର ସାଇଜ୍-୧, ସାଇଜ୍-୨ ଏବଂ ସାଇଜ୍-୩ ରହିଛି। ପୁରୁଷ ବିଭାଗରେ ସାଧାରଣତଃ ପାରମ୍ପରିକ ସାଇଜ୍-୧ ବଲ୍ ବ୍ୟବହାର କରାଯାଇଆସୁଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସମଗ୍ର ବିଶ୍ୱରେ ବ୍ୟାଟ୍‌ର ମୂଲ୍ୟ ବୃଦ୍ଧିକୁ ହ୍ରାସ କରିବା ଉଦ୍ଦେଶ୍ୟରେ କେବଳ ଜୁନିୟର କ୍ରିକେଟ ବଦଳରେ ଓପନ୍ ଏଜ୍ କ୍ରିକେଟରେ ଲାମିନେଟେଡ ବ୍ୟବହାରକୁ ଏମ୍‌ସିସି ଆଇନସିଦ୍ଧ କରିଛି। ବୋଲର ରନ୍ ଅପ୍ ବେଳେ ଷ୍ଟମ୍ପ ଆଗରେ ଗ୍ଲୋଭ ରଖିବାକୁ ନେଇ ଉଇକେଟକିପର ଆଉ ଦଣ୍ଡିତ ହେବେନାହିଁ।

# କିକ୍‌ବକ୍ସିଂ ଖେଳାଳିଙ୍କ ଦିଲ୍ଲୀ ଯାତ୍ରା



**ଢେଙ୍କାନାଳ,୩।୨(ରତନ ନାୟାର):** ନୂଆଦିଲ୍ଲୀସ୍ଥିତ କେଡି ଯାଦବ ଇନ୍‌ଡୋର ଷ୍ଟାଡିୟମ୍‌ର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଫେବୃଆରୀ ୪ ରୁ ୮ ପର୍ଯ୍ୟନ୍ତ ୫ମ ଇଣ୍ଡିଆନ୍ ଓପନ ଅନ୍ତର୍ଜାତୀୟ କପ୍ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ଟୁର୍ନାମେଣ୍ଟରେ ଭାଗନେବା ପାଇଁ ଢେଙ୍କାନାଳ ଡାଇମଣ୍ଡ କିକ୍‌ବକ୍ସିଂ ଆସୋସିଏଶନ୍‌ର ୭ଜଣ ଖେଳାଳି ଓ ୨ଜଣ କୋଚ ଭାଗ ନେବେ। ତନ୍ମଧ୍ୟରୁ ବାଳକ ବିଭାଗରେ ଶୁଭଙ୍କର ନାଏକ, ଓମ୍ ପ୍ରସାଦ ଭଞ୍ଜ, ସୌଭାଗ୍ୟ ରଞ୍ଜନ ବେହେରା ଏବଂ ବାଳିକା ବିଭାଗରେ ରୋଜାଲିନ ସ୍ୱାଇଁ, ସ୍ମୃତି ଭୋଇ, ମାନସୀ ସାହୁ, ରୁପା ନାଏକ ପ୍ରମୁଖ ଖେଳାଳି ଭାଗ ନେଉଥିବା ବେଳେ କୋଚ୍ ଭାବେ କିର୍ତ୍ତୀରାଣୀ ସାହୁ ଓ ମିହିର କୁମାର ସାହୁ ମଙ୍ଗଳବାର ଯାତ୍ରା କରିଛନ୍ତି। ଏହି ଚାମ୍ପିଅନଶିପ୍ ପାଇଁ ଡାଇମଣ୍ଡ କିକ୍‌ବକ୍ସିଂ ଆସୋସିଏଶନର ସମସ୍ତ ସଦସ୍ୟ ଓ ଜିଲା କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଦିବସ

**କକାମାକ୍ଷାନଗର, ୩।୨ (ସୁଧୀର କୁମାର ପରିଡ଼ା)**



ଢେଙ୍କାନାଳ ଜିଲା କାମାକ୍ଷାନଗରରେ ପ୍ରଥମ କରି ସ୍ଥାପିତ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସାରଙ୍ଗଧରା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ, ଶୃଙ୍ଖଳା ଓ କ୍ରୀଡ଼ାମନୋଭାବର ଉତ୍ସବ ବିଷୟବସ୍ତୁକୁ କେନ୍ଦ୍ରକରି ଏହି କାର୍ଯ୍ୟକ୍ରମ ସୁନ୍ଦର ଭାବେ ଶେଷ ହୋଇଥିଲା। ଉପଜିଲାପାଳ ଦୀନମଣି ନାଏକ କ୍ରୀଡ଼ା ଦିବସକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଜୀବନରେ ଶାରୀରିକ ସ୍ୱାସ୍ଥ୍ୟ, ଶୃଙ୍ଖଳା ଓ ଚରିତ୍ର ଗଠନର ଗୁରୁତ୍ୱ ଉପରେ ଉପଜିଲାପାଳ ଗୁରୁତ୍ୱ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ତହସିଲଦାର ଶୁଭଙ୍କର ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବିଜେତା ଓ ଅଂଶଗ୍ରହଣକାରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରି ସେମାନଙ୍କର ମନୋବଳ ବୃଦ୍ଧି କରିଥିଲେ। ବିଦ୍ୟାଳୟ ଅଧକ୍ଷ ପ୍ରହ୍ଲାଦ ମିଶ୍ର କ୍ରୀଡ଼ା ପରିଚାଳନା କରିଥିଲେ।


# Classified Everyday
**0674-2580101, 9692975378**



**REAL ESTATE**

**SALE**

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

ଜମି ବିକ୍ରି- ଅନୁଗୁଳ ରେଳ ଷ୍ଟେଶନ ସାମ୍ନାରେ ପାଚେରି ଥାଇ ଦୁଇ ଗୁଣ୍ଠ ଘରବାରି ପ୍ଲଟ୍ (ନଂ. 742) ବିକ୍ରି ହେବାର ରହିଛି। ଯୋଗାଯୋଗ ନଂ.- 7327957039. D-3293



**CONSTRUCTION**

Construct your home with Colour Tile Plaster, Electrical, PHD, Dor complete 1350/- 9827152441. D-3270




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

**LOST**

ମୁଁ ରୁଦ୍ର କିଶୋର ପଧାନ, ପି.- ୰ଜଗନ୍ନାଥ ପଧାନ, ନି.- ବାନିପାଲି, ଥାନା- ସଦର, ଜିଲ୍ଲା- ବଲାଙ୍ଗୀର। ମୋର ନାମରେ ମୌଜା- ବାନିପାଲି, ଖା. ନଂ.- 93/93, ପ୍ଲଟ୍ ନଂ.- 585/990, ଏରିଆ- ଏ. 0.09 ଡେସିମିଲ ଜାଗା ଅଛି। ଉକ୍ତ ପଟ୍ଟାର Sale Deed ଗତ ତା. ୨୦।୦୧।୨୦୨୬ ରିଖ ମୁଁ ବୁରୋମୁଣ୍ଡା ଛକରୁ ଘରକୁ ଫେରିବା ବାଟରେ କେଉଁଠି ହଜାଇ ଦେଇଛି। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ପାଇଲି ନାହିଁ। ଧ-୩୨୯୦

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dtd.- 20.5.2025, I, Aparna Mohanty, W/o. Arun Kumar Mohanty permanent resident of At: Qtr. No.- type-II-19/6 near Govt Boys, High School, Ashoka Nagar, Bhubaneswar- 751009 Dist.- Khordha declare that now I have changed my daughter's name from Sruti Priyadarshini Mohanty to Sruti Priyadarshini. Henceforth, she shall be known as Sruti Priyadarshini for all purpose.
Aparna Mohanty
D-3292

By virtue of an affidavit sworn before Notary Public, dated 2nd Feb. 2026, I, Phulmay, Address: At- Lelibadi, Village- Dondili, P.O.- Dondili, Dist.- Rayagada, Odisha, 765017 declare that I have changed my name from Pulame Pedenti to Phulmay. Henceforth, I shall be known as Phulmay for all purposes.
Phulmay
D-3291

ମୁଁ, ଡଲି ସାହୁ, ପିତା- ଉଦୟନାଥ ସାହୁ, ଗ୍ରାମ- ବଧି ମଙ୍ଗଳପୁର, ପିପିଲି, ଜିଲ୍ଲା- ପୁରୀ, ୭୫୨୧୦୪, ଓଡ଼ିଶା ବାସିନ୍ଦା ଅଟେ। ଏହି ସତ୍ୟପାଠ ନମ୍ବର ୧୩୩୦, ତାରିଖ ୨୯।୦୧।୨୦୨୬ ଦ୍ୱାରା ଘୋଷଣା କରୁଛି ଯେ ଏବେଠାରୁ ମୋ ବାପାଙ୍କୁ ଉଦ୍ୟନାଥ ସାହୁ ନାମରେ ଜଣାଯିବ। ଧ-୩୨୯୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Kodinga, dated 02.02.26, I, Kapildas Pujari, S/o. Dambarudhar Pujari residence of Vill./P.O.- Rajoda, P.S.- Kosagumuda, Dist.- Nabarangpur state that my name is wrongly mentioned as Kapildash Pujari on my SBI Ac. No. vide 36237574628 at SBI Mokia branch. On my Aadhaar No. xxxx xxxx 3065 my name is recorded Kapildas Pujari which is correct. Both Kapildash Pujari and Kapildas Pujari is one and same person.
D-3289

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧
ଶ୍ରୀମତୀ କନକଚମ୍ପା ମେହେର, ଓ.ପ୍ର.ସେ. (ଏସ୍.ଏ.ଜି.)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୪୩/୨୦୨୫
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ତନୁଶ୍ରୀ ତ୍ରିପାଠୀ
...ବାଦୀ/ଦରଖାସ୍ତକାରୀ
ବନାମ
ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ୍ ପ୍ରାଇଭେଟ ଲିମିଟେଡ୍ ଓ ଅନ୍ୟମାନେ
....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ ପ୍ରାଇଭେଟ୍ ଲିମିଟେଡ୍, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶିବ ଶଙ୍କର ଦାସ, ଅଫିସ ଠିକଣା: ବି-୧୯୦, ପ୍ରାଜ୍ଞନ ବିହାର, ପୋ- ବରମୁଣ୍ଡା, ବି.ଡି.ଏ କଂପ୍ଲେକ୍ସ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୦୩, ୨. ଯୋଗୀ ଖାଁ, ପିତା- ଇସ୍‌ଲାମ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୫. ମହମ୍ମଦ ଲୋକମନ, ପିତା- ଲେଟ୍ ମହମ୍ମଦ ଏକରାମ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୬. ଜାହିର ମହମ୍ମଦ, ପିତା- ନୂର ମହମ୍ମଦ ବାଡ଼ିମାନ, ଗ୍ରାମ- ତରାବୋଇ, ପୋ- ତରାବୋଇ, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦ ।
....ପ୍ରତିବାଦୀ/ଅପରପକ୍ଷ

ନୋଟିସ
ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ବୃତ୍ତାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ଜାରି ନ ହୋଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜାଲସରେ ଆସନ୍ତା ତା୦୨।୦୩।୨୦୨୬ରିଖ ଦିବା ଘ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ. ୧୨୪, ସାବିକ ପ୍ଲଟ୍ ନଂ. ୫୪୮, ରକବା- ଏ.୦.୧୨୪ ଡି ରୁ ଏ.୦.୦୨୨.୯୬ଡି, ସ୍ୱତ୍ୱ-ସ୍ଥିତିବାନ୍, କିସମ- ଶାରଦ ଦୁଇ ।
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ- ୨୪, ମୌଜା- ମଙ୍ଗରାଜପୁର, ହାଲ୍ ଖାତା ନଂ.- ୧୦୬, ହାଲ୍ ପ୍ଲଟ୍ ନଂ.- ୬୮୩, ରକବା- ଏ.୦.୩୪୦ଡି. ରୁ ଏ.୦.୦୨୨.୯୬ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଉକ୍ତ ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।
ତା୨୦।୦୧।୨୦୨୬
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୨୮୮

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



୰ବିଦ୍ୟୁଲତା ବଳିଆରସିଂହ
ଖୁଦୁପୁର, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ : ୨୨.୦୪.୧୯୪୭
ତିରୋଧାନ : ୨୫.୦୧.୨୦୨୬
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଦୁର୍ଗା ମାଧବ ବଳିଆରସିଂହ ଓ ବନ୍ଧୁ ଏବଂ ପରିବାରବର୍ଗ
ଧ-୩୨୯୬

**୧୨ ତମ ଶ୍ରାଦ୍ଧବାର୍ଷିକୀ**



୰ ପ୍ରଫେସର ଭାଗିରଥୀ ସେନାପତି
ପୂର୍ବତନ କୁଳପତି, ଓୟୁଏଟି
ଆବିର୍ଭାବ : ୦୫.୦୨.୧୯୪୨
ତିରୋଧାନ : ୧୭.୦୨.୨୦୧୪
(ଫାଲଗୁନ, କୃଷ୍ଣପକ୍ଷ ତୃତୀୟା ତିଥି)
ଗ୍ରାମ - ୪୨ମୌଜା, କଟକ
ଶାନ୍ତି ନିବାସ, ଜାଗମରା, ବରବାରି, ଭୁବନେଶ୍ୱର
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିଥାଉ । ଏହି ଶ୍ରାଦ୍ଧଦିବସରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ।
ପତ୍ନୀ - ଶାନ୍ତିଲତା ସେନାପତି, ବଡ଼ ପୁଅ - ବରେଣ୍ୟ, ପୁତ୍ରବଧୂ - ମୌସୁମୀ, ମଝିଆ ପୁଅ - ପ୍ରଦ୍ୟୁମ୍ନ, ପୁତ୍ରବଧୂ - ଲକ୍ଷ୍ମୀପ୍ରିୟା, କନିଷ୍ଠ ପୁଅ - ପ୍ରସନ୍ନ, ପୁତ୍ରବଧୂ - ଜ୍ୟୋତିର୍ମୟୀ, ଝିଅ - ଚିନ୍ମୟୀ, ଜ୍ୱାଇଁ - ଚିନ୍ମୟ, ନାତି - ଅମ୍ରିତ, ଅର୍ପିତ, ଅଂଶୁଲ, ସୌୟମ, ଶ୍ରେୟାନ, ନାତୁଣୀ - ଶ୍ରଦ୍ଧାସୁମନ ଏବଂ ଆତ୍ମୀୟସ୍ୱଜନ, ପରିବାରବର୍ଗ ସମେତ ବୈଜ୍ଞାନିକ ଡଃ. ଦେବ ପ୍ରସାଦ ମଲ୍ଲିକ, ଓୟୁଏଟି
ଧ-୨୪୧

**ଉଚ୍ଚଶିକ୍ଷା ବିଭାଗର ନିଦ ଭାଙ୍ଗୁନି**

# ଢେଙ୍କାନାଳ କଲେଜରେ ପିଜି ପାଠ୍ୟକ୍ରମରେ ଅବ୍ୟବସ୍ଥା

ଢେଙ୍କାନାଳ,୩।୨(ରତନ ନାୟାର)


ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ।

- ଅତିଥି ଅଧାପକଙ୍କ ଭରସାରେ ଛାତ୍ରୀଛାତ୍ର
- ସ୍ୱୟଂଶାସିତ ମାନ୍ୟତା ଶେଷ
- ସଫେଇ କର୍ମଚାରୀ ଅଭାବରୁ ପରିବେଶ ଦୂଷିତ

ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚିତ । ୭୫ରୁ ଉର୍ଦ୍ଧ୍ୱ ବର୍ଷର ଏହି ଶିକ୍ଷାନୁଷ୍ଠାନ ବିଭିନ୍ନ ସମସ୍ୟାରେ ଜଡ଼ିତ ହୋଇଥିବା ବେଳେ ଏହି ଅନୁଷ୍ଠାନ ପ୍ରତି ରାଜ୍ୟ ସରକାର ଏବଂ ଉଚ୍ଚଶିକ୍ଷା ବିଭାଗର ନଜର ପଡୁନାହିଁ। ମହାବିଦ୍ୟାଳୟରେ ୧୨ଟି ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମ ରହିଥିବା ବେଳେ ଦୀର୍ଘବର୍ଷ ହେବ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ହୋଇପାରିଲେ ନାହିଁ। ଫଳରେ ଅତିଥି ଅଧ୍ୟାପକଙ୍କ ଭରସାରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର। ଅନ୍ୟପକ୍ଷରେ ୨୦୨୩ରୁ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଛି । ମହାବିଦ୍ୟାଳୟରେ ୧୯ଟି ଡିପାର୍ଟମେଣ୍ଟ ପାଇଁ ମାତ୍ର ୩ଜଣ ସଫେଇ କର୍ମଚାରୀ ଥିବାରୁ ଏହାର ପରିସ୍ରାଗାରଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ସ୍ଥାନରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହାକୁ ନେଇ ଅଭିଭାବକ ମହଲରେ ମଧ୍ୟ ଅସନ୍ତୋଷ ବଢ଼ିବାରେ ଲାଗିଛି । କେବଳ ମହାବିଦ୍ୟାଳୟ କାହିଁକି, ଛାତ୍ରାବାସ ଓ ଛାତ୍ରୀନିବାସ ଅନୁରୂପ ଅବସ୍ଥାରେ। ଅଭିଭାବକଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ରମାନେ ବହୁବାର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଫଳରେ ବହୁ ଛାତ୍ରୀଛାତ୍ର ରୋଗଗ୍ରସ୍ତ ହେଉଥିବା ମଧ୍ୟ ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ମହାବିଦ୍ୟାଳୟରେ ୨୦୨୨-୨୩ ଶିକ୍ଷା ବର୍ଷରେ ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଛି। ସେହି ସମୟରେ ଅଫ୍‌ଲାଇନରେ ସ୍ୱୟଂଶାସିତ ମାନ୍ୟତାର ଅବଧି ବଢାଇବା ପାଇଁ ସମସ୍ତ ବ୍ୟବସ୍ଥା ରହିଥିଲା । କିନ୍ତୁ ବର୍ତ୍ତମାନ ଏହା ଅନ୍‌ଲାଇନ ତଥା ବାଇନାରି ବ୍ୟବସ୍ଥା ହୋଇଛି । ଅର୍ଥାତ୍ ଭିଡିଓ କନଫରେନ୍ସ ମାଧ୍ୟମରେ ସମସ୍ତ ତଥ୍ୟ ପ୍ରଦାନ କରାଯିବାକୁ ପଡ଼ିବ । ବର୍ତ୍ତମାନ ସୁଦ୍ଧା ୟୁଜିସି ପକ୍ଷରୁ ବାଇନାରୀ ଉଇଣ୍ଡୋ ଖୋଲି ନ ଥିବାରୁ ସମସ୍ୟା ସମାଧାନ ହୋଇପାରୁନାହିଁ । ସେହିପରି ନାକ୍ ଟିମ୍ ମଧ୍ୟ କଲେଜ ପରିଦର୍ଶନରେ ଆସିନାହାନ୍ତି। ୯ଟି ସ୍ନାତକୋତ୍ତର (ପିଜି) ବିଭାଗ ପାଇଁ ଗୋଟିଏ ବିଭାଗକୁ ୩ଜଣ ଲେଖାଏ କରି ପ୍ରାୟ ୩୦ଜଣ ସ୍ଥାୟୀ ଅଧ୍ୟାପକ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜଣଙ୍କୁ ମଧ୍ୟ ସ୍ଥାୟୀ ଅଧ୍ୟାପକ ଭାବେ ନିଯୁକ୍ତି ମିଳିନାହିଁ। ମହାବିଦ୍ୟାଳୟରେ +୩ ଓ +୨କୁ ମିଶାଇଲେ ୩୫୬୪ଜଣ ଛାତ୍ରୀଛାତ୍ର ରହିଛନ୍ତି। ତନ୍ମଧ୍ୟରେ +୩ରେ ୨୩୬୮ ଓ +୨ରେ ୧୧୯୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ମହାବିଦ୍ୟାଳୟରେ ଅନ୍ୟସବୁ ବିଭାଗ ପାଇଁ ମୋଟ ୮୯ଜଣ ଅଧ୍ୟାପିକା ଅଧ୍ୟାପକ ପଦବୀ ମଞ୍ଜୁରୀଲାଭ କରିଥିବା ବେଳେ ବର୍ତ୍ତମାନ ୨୩ଜଣ ରହିଛନ୍ତି । ସେହିପରି କର୍ମଚାରୀ ଅଭାବ ଆଉ ଏକ ପ୍ରମୁଖ ସମସ୍ୟା ହୋଇଛି । ଫଳରେ କଲେଜର କୌଣସି ସରକାରୀ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ । ଜନପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି ମହାବିଦ୍ୟାଳୟର ଆଲୁମ୍ନି ଆସୋସିଏଶନ ମଧ୍ୟ ସମସ୍ୟାଗୁଡିକ ପ୍ରତି ଗୁରୁତ୍ୱ ପ୍ରଦାନ କରୁନାହାନ୍ତି । କଲେଜର ସମସ୍ୟାକୁ ନେଇ ଛାତ୍ରସଂସଦର ପୂର୍ବତନ ସଭାପତି ତଥା ଆଲୁମ୍ନି ଆସୋସିଏଶନର ସଭାପତି ସୁକାନ୍ତ ମିଶ୍ର କହିଛନ୍ତି, ଖୁବଶୀଘ୍ର ଆଲୁମ୍ନି ଆସୋସିଏଶନର ଏକ ପ୍ରତିନିଧି ଦଳ କଲେଜର ସମସ୍ୟାକୁ ନେଇ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରିବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟି ସମସ୍ୟାର ସମାଧାନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିବୁ। ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ କହିଛନ୍ତି, ପିଜି ପାଠକ୍ରମ ପାଇଁ ଗୋଟିଏ ବିଭାଗକୁ ୩ଜଣ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା କେହି ନିଯୁକ୍ତି ହୋଇନାହାନ୍ତି । ଅତିଥି ଅଧ୍ୟାପକରେ ନିୟମିତ ପାଠ ପଢାଯାଉଛି। ୟୁଜିସିର ବାଇନାରି ଉଇଣ୍ଡୋ ଖୋଲିଲେ ସ୍ୱୟଂଶାସିତ ମାନ୍ୟତା ପାଇଁ ସମସ୍ତ ଦରକାରୀ ତଥ୍ୟ ଅପଲୋଡ୍ କରାଯିବ। ସେଥିପାଇଁ ଆମେ ଅପେକ୍ଷାରେ ରହିଛୁ । କଲେଜରେ ୧୯ଟି ବିଭାଗକୁ ୩ଜଣ ମାତ୍ର ସଫେଇ କର୍ମଚାରୀ ରହିଛନ୍ତି। ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଅଭାବ ସମ୍ପର୍କରେ ଆମେ ପ୍ରତିବର୍ଷ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଉଛୁ ବୋଲି ଅଧ୍ୟକ୍ଷ କହିଥିଲେ ।

# ମା’ ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୩।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ମାଣିପୁର ପଞ୍ଚାୟତ ଦେଓପଡ଼ାସ୍ଥିତ ମା’ ସରସ୍ୱତୀ ଶିକ୍ଷା ମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍କୁଲର କୁନିକୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟାଇକୋଣ୍ଡୋ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଭାଜପା ନେତା କୋଦଣ୍ଡଧର ସାହୁ, ମୁଖ୍ୟବକ୍ତା ଭାବେ କେଡି ଇନ୍‌ଫ୍ରାଟେକ ଚେୟାରମ୍ୟାନ ମାତୃପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଅଭିମନ୍ୟୁ ବେହେରା ଓ ଦେବାଶିଷ ଜେନା ପ୍ରମୁଖ ଯୋଗଦେଇଥିଲେ। ପିଲାମାନଙ୍କୁ ଶିକ୍ଷା ସହିତ ଶୃଙ୍ଖଳା ଓ ଭଲ ମଣିଷ ହେବା ପାଇଁ ଉଚିତ ମାର୍ଗ ଦେଖାଇବା ପରିବାର ତଥା ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ମୁଖ୍ୟ ଅତିଥି କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁପ୍ରିୟା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୋମ୍ୟା ମହାନ୍ତି ବିବରଣୀ ପାଠ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ ବର୍ଷାରାଣୀ ମହାରଣା ଧନ୍ୟବାଦ ଦେଇଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଲେଖକ ପ୍ରେମାନନ୍ଦ ପାଣିଗ୍ରାହୀ ସମ୍ମାନିତ




ଢେଙ୍କାନାଳ,୩।୨(ରତନ ନାୟାର)

ଢେଙ୍କାନାଳ ଜିଲାର ଯୁବ ଲେଖକ ପ୍ରେମାନନ୍ଦ ପାଣିଗ୍ରାହୀଙ୍କୁ ଯାଜପୁରର ମା’ ଯଶୋଦା କଳା ପରିଷଦ ପକ୍ଷରୁ ‘ମା ବିରଜା ସମ୍ମାନ’ରେ ସମ୍ମାନିତ କରାଯାଇଛି। ଯାଜପୁର ଟାଉନର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଆୟୋଜିତ ଅନୁଷ୍ଠାନର ବିଂଶତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ ଶୀତ ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଚଳଚ୍ଚିତ୍ର ଅଭିନେତା ଶ୍ରୀକାନ୍ତ ଗୌତମ, ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ, ସାମାଜିକ କର୍ମୀ ଗୌତମ ରାୟ, ସାହିତ୍ୟିକ ଶୁଭେନ୍ଦୁ କୁମାର ଭୂୟାଁ, ଚଳଚ୍ଚିତ୍ର ଅଭିନେତା ହରିହର ସ୍ୱାଇଁ, ସଙ୍ଗଠକ ପଦ୍ମାକର ଗୁରୁ, ଅନୁଷ୍ଠାନର ସଭାପତି ବିନୟକୃଷ୍ଣ ବେହେରା ଓ ସମ୍ପାଦକ ଦିନେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପାଣିଗ୍ରାହୀଙ୍କୁ ସମ୍ମାନ ପ୍ରଦାନ କରିଥିଲେ।

# ଉପାସନା ପୀଠଗୁଡ଼ିକରେ ବାର୍ଷିକ ନୀତି ସନ୍ନ୍ୟାସୀ ନିଯୁକ୍ତ

**ମହିମାଗାଦିରେ ଧର୍ମସଭା**

ଢେଙ୍କାନାଳ,୩।୨(ରତନ ନାୟାର)


ମହିମାଗାଦୀରେ ଧର୍ମସଭା।

ଢେଙ୍କାନାଳ ଜିଲା ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାରେ ମଙ୍ଗଳବାର ସତ୍ୟ ମହିମା ଧର୍ମଧାମ ସମାଜ ପକ୍ଷରୁ ବାର୍ଷିକ ଧର୍ମସଭା ଆରମ୍ଭ ହୋଇଛି। ଏହି ଧର୍ମସଭାରେ ସତ୍ୟ ମହିମା ଧର୍ମଧାମ ସମାଜର ସଭାପତି ଶୁକଦେବ ବାବା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପାସନା ପୀଠଗୁଡ଼ିକରେ ବାର୍ଷିକ ନୀତି ସନ୍ନ୍ୟାସୀ ନିଯୁକ୍ତି ପ୍ରଦାନ କରାଯାଇଛି। ଗାଦିମନ୍ଦିର ନୀତି ପାଇଁ ଫାଲଗୁନ, ଚୈତ୍ର ଦୁଇମାସ ନିମନ୍ତେ ଇନ୍ଦ୍ରମଣୀ ବାବା ଓ ବଳରାମ ବାବା, ଉଭୟେ ଶୂନ୍ୟ ମନ୍ଦିରରେ ମଧ୍ୟ ନୀତି କରିବେ। ବୈଶାଖ ଓ ଜ୍ୟୋଷ୍ଠ ଦୁଇମାସ ପାଇଁ ମାର୍କଣ୍ଡ ବାବା, ବାଳକ ବାବା ଓ ଭୀମ ବାବା ଦାୟିତ୍ୱ ନିର୍ବାହ କରିବେ। ଆଶାଢ଼ ଓ ଶ୍ରାବଣ ଦୁଇମାସ ପାଇଁ ଧ୍ରୁବ ବାବା, ବିକ୍ରମ ବାବା, ଭାଦ୍ରବ ଓ ଆଶ୍ୱିନ ପାଇଁ କେଶବ ବାବା ଓ ତୁଳା ବାବା, କାର୍ତ୍ତିକ ଓ ମାର୍ଗଶିର ଦୁଇମାସ ପାଇଁ ଦୁଷ୍ମନ୍ତ ବାବା ଓ ସୁଶାନ୍ତ ବାବା, ପୌଷ ଓ ମାଘ ଦୁଇମାସ ପାଇଁ ଉଦ୍ଧବ ବାବା ଓ ପ୍ରେମାନନ୍ଦ ବାବା ଦାୟିତ୍ୱ ତୁଲାଇବେ। ସେହିପରି ଶୂନ୍ୟ ମନ୍ଦିରରେ ଫାଲଗୁନ ଓ ଚୈତ୍ର ଦୁଇମାସ ପାଇଁ ଯୋଗେନ୍ଦ୍ର ବାବା ଦାୟିତ୍ୱ ନିର୍ବାହ କରିବେ। ଶୂନ୍ୟ ମନ୍ଦିରରେ ବୈଶାଖ ଓ ଜ୍ୟୋଷ୍ଠ ଦୁଇମାସ ପାଇଁ ଶଙ୍କର ବାବା ଓ ପାଟଣା ଭୀମ ବାବା, ଆଷାଢ଼-ଶ୍ରାବଣ ଦୁଇମାସ ସ୍ୱାଧୀନ ବାବା ଓ ସତ୍ୟାନନ୍ଦ ବାବା, ଭାଦ୍ରବ-ଆଶ୍ୱିନ ଦୁଇମାସ ପବିତ୍ର ବାବା ଓ ଅନାମ ବାବା, କାର୍ତ୍ତିକ-ମାର୍ଗଶିର ଦୁଇମାସ ନବ ବାବା, ପୌଷ ଓ ମାଘମାସ ନରେନ୍ଦ୍ର ବାବା ଦାୟିତ୍ୱ ନିର୍ବାହ କରିବେ। ନୀତି ମନ୍ଦିରରେ ବନମାଳୀ ବାବା ଓ ମାନବ ବାବା ନୀତି କରିବେ। ଗାଦି ମନ୍ଦିର ପାଣି ନୀତିରେ ବଂଶୀଧର ଦାସ ଓ ଶୂନ୍ୟ ମନ୍ଦିର ପାଣି ନୀତିରେ କିଶୋର ଦାସ, ଧୂନୀ ମନ୍ଦିର ପାଣିନୀତି ହୁକୁମ ଦାସ ଓ ନବ ଦାସ ଦାୟିତ୍ୱ ନିର୍ବାହ କରିବେ। ଭଜନ ନୀତିରେ ବାଲ୍ମିକୀ ଦାସ, ଦୁଖନାସନ ଦାସ, ଚକ୍ରଧର ଦାସ ଓ ଅମୂଲ୍ୟ ଦାସ ଦାୟିତ୍ୱ ନିର୍ବାହ କରିବେ। ଘଣ୍ଟ ଦାୟିତ୍ୱରେ ଘେରଉ ଦାସ, ଖିରି ନୀତି ଦାୟିତ୍ୱରେ ଖଗେଶ୍ୱର ଦାସ, ଝାଡୁ ନୀତି ଭୂଷଣ ବୈରାଗୀ ଓ ଦାମୋଦର ଦାସ, ଅହ୍ଲଣିଆ ଦାୟିତ୍ୱରେ ଭୀମ ଦାସ ଦାୟିତ୍ୱ ନିର୍ବାହ କରିବେ। ଗାଦିମନ୍ଦିର ସୁରକ୍ଷା ଦାୟିତ୍ୱରେ କାହ୍ନା ଦାସ ଓ ନବ ଦାସ ଦାୟିତ୍ୱ ନିର୍ବାହ କରିବେ।

# କୌପୀନଧାରୀ ମହିମା ସମାଜର ସଭାପତି ହେଲେ ଅବିନାଶୀ ବାବା

ଢେଙ୍କାନାଳ,୩।୨(ରତନ ନାୟାର)


ଅବିନାଶୀ ବାବା।

ଢେଙ୍କାନାଳ ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାର କୌପୀନଧାରୀ ମହିମା ସମାଜର ସଭାପତି ଭାବେ ବରିଷ୍ଠ ସନ୍ନ୍ୟାସୀ ଅବିନାଶୀ ବାବା ମନୋନୀତ ହୋଇଛନ୍ତି। ସୋମବାର ତାଙ୍କୁ ଦାୟିତ୍ୱ ଦିଆଯିବା ପରେ ରାଜ୍ୟର ବିଭିନ୍ନ ଆଶ୍ରମରେ ଥିବା କୌପୀନଧାରୀ ସନ୍ନ୍ୟାସୀ ଓ ଭକ୍ତମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସେହିପରି କୌପୀନଧାରୀ ମହିମା ସମାଜରେ ଉପସଭାପତି ଭାବେ ରମେଶଚନ୍ଦ୍ର ବାବା ମନୋନୀତ ହୋଇଥିବା ବେଳେ ସୁଶାନ୍ତ ବାବା ପୁନଶ୍ଚ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସହ ସମ୍ପାଦକ ଭାବେ ଅରୂପ ବାବା ଓ ଅଲେଖ ବାବା, କୋଷାଧ୍ୟକ୍ଷ ଭାବେ ସଞ୍ଜୟ ବାବା ମନୋନୀତ ହୋଇଛନ୍ତି। ବରିଷ୍ଠ ସନ୍ନ୍ୟାସୀ ରଘୁନାଥ ବାବାଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଏହି ଉପଲକ୍ଷେ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ବୈଠକରେ କୌପୀନଧାରୀ ମହିମା ସମାଜର ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

# ପୋଖରୀରେ ବୁଡ଼ି ମହିଳା ମୃତ

କାମାକ୍ଷାନଗର, ୩।୨
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ବାରୁଆ ଗ୍ରାମରେ ମଙ୍ଗଳବାର ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡିଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିନୋଦିନୀ ଭୁତିଆ (୬୩)। ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜିଏମ୍ ଆଇରନ ଷ୍ଟିଲ୍ କମ୍ପାନୀରୁ ନିର୍ଗତ ଧୂଆଁରେ ଲୋକେ ଆକ୍ରାନ୍ତ


କମ୍ପାନୀରୁ ବାହାରୁଥିବା କଳା ଧୂଆଁ।

ପରଜଙ୍ଗ, ୩।୨
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗାଁରେ ଥିବା ଜି.ଏମ୍.ଆଇରନ ଓ ଷ୍ଟିଲ୍ କମ୍ପାନୀରୁ ନିର୍ଗତ ଧୂଆଁ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟିକରିଛି। ବର୍ଜ୍ୟ ପରିଚାଳନାରେ କମ୍ପାନୀର ଅବହେଳା ଯୋଗୁ ଆଖପାଖର କୁଲେଇ, କୁଆଳୋ, ପିତିରି, ଖାଲପାଳ, କୁଣ୍ଡେଇଖୋଲ, ସିଙ୍ଘଡା, ବିସାନାଳି, ରଙ୍ଗଥାଳି, ବାସୁଲେଇ ପ୍ରଭୃତି ଗାଁର ବାସିନ୍ଦା ଆକ୍ରାନ୍ତ ହୋଇପଡ଼ିଲେଣି। କମ୍ପାନୀ ଚିମିନିରୁ ଅତ୍ୟଧିକ ପରିମାଣରେ ନିର୍ଗତ ହେଉଥିବା କଳାଧୂଆଁ ଓ ରାସ୍ତାଘାଟରେ ପଡ଼ିଥିବା ସରୁ ଲୁହାଗୁଣ୍ଡ ବିଭିନ୍ନ ରୋଗର କାରଣ ପାଲଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୋଖରୀ, ନାଳ ଓ ବିଲବାଡ଼ିରେ ପାଣି ଉପରେ ଏକ କଳାରଙ୍ଗର ଆବରଣ ପଡ଼ିରହୁଛି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ସେମାନେ ନାଲିଆଖି ଦେଖାଇବା ସହ ଯାହାକୁ କହିବା କଥା କୁହ, ଆମର କିଏ କ’ଣ କରିବ ବୋଲି କହୁଛନ୍ତି। ପରଜଙ୍ଗରେ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ହଜାର ହଜାର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାକୁ ବସିଲାଣି। ଏ ନେଇ ଖୁବଶୀଘ୍ର ଅଞ୍ଚଳବାସୀ ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଯିବେ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷରେ କମ୍ପାନୀର ମାନବ ସମ୍ବଳ ଅଧିକାରୀ ତପନ କୁମାର ଧରଙ୍କୁ ପଚାରିବାରୁ ପ୍ଲାଣ୍ଟର କୌଣସି ଅସୁବିଧା ହେଲେ ଚେମିନିରୁ ବିପୁଳ ପରିମାଣରେ ଧୂଆଁ ବାହାରିବ, ତାହାକୁ ଅଟକା ଯାଇପାରିବ ନାହିଁ ବୋଲି କହିଛନ୍ତି।

# ରାସ୍ତାରେ ଗାଡ଼ିକୁ ଅଟକାଇଲା ଦନ୍ତା

ଢେଙ୍କାନାଳ,୩।୨(ରତନ ନାୟାର)


ଦନ୍ତା ହାତୀଟି ସ୍କର୍ପିଓକୁ ଅଟକାଇ ରଖିଛି।

ଢେଙ୍କାନାଳ ଜିଲା ଗଁଦିଆ ଥାନା ଧନିଆନାଳୀ ବ୍ରିଜ୍ ନିକଟରେ ସୋମବାର ରାସ୍ତା ଉପରେ ଏକ ଦନ୍ତାହାତୀ ସମ୍ମୁଖରୁ ଆସୁଥିବା ଏକ ସ୍କର୍ପିଓକୁ ଦୀର୍ଘ ସମୟ ଧରି ଅଟକାଇ ରଖିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା। ଖବରପାଇ ହାତୀଟିକୁ ଘଉଡ଼ାଇବା ପାଇଁ ବନ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ସହଜରେ ଘଉଡ଼ାଇ ପାରି ନ ଥିଲେ। କିଛି ସମୟ ପରେ ହାତୀଟି ନିକଟସ୍ଥ ଜଙ୍ଗଲକୁ ଚାଲିଯିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ST. XAVIERS PUBLIC SCHOOL**
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

**ଆବଶ୍ୟକ**
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

**ଆବଶ୍ୟକ**
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ ।
ଦରମା ଟ.12,000+ ଇନସେଣ୍ଟିଭ୍ ।
ନିଜସ୍ୱ ବାଇକ୍ ଆବଶ୍ୟକ ।
ଫୋନ୍: 9886365677

**URBAN YATRA - TOUR COMPANY**
BHUBANESWAR, ODISHA
Positions Open:
- SUPERVISOR
- COOK
- OFFICE BOY

Experience required: 2 years & above
9938012124 | 9439534567
www.urbanyatra.com

**APPOINTMENT**
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
TKIL Industries
**WALK-IN-INTERVIEW**
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
- Role: Contractual/Permanent
- Mechanical, Instrumentation & Electrical Maintenance of Aluminum Smelter
- Operations & Maintenance of CFBC-based Power Plants
- Mechanical Maintenance of Steel Plant RMHS

Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing: 09:00am to 06:00pm
Interview Venue: Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

15001/2/2526
ଓଡ଼ିଶା ସରକାର

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୫ ଘଟିକା — ସ୍ଥାନ- ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଲ, ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ Bhubaneswar, Wednesday, February 4/ 2026






ପଞ୍ଜାବରେ ଅନୁଷ୍ଠିତ ୭ମ ଜାତୀୟ ଦିବ୍ୟାଙ୍ଗ ତୀରନ୍ଦାଜୀ ଚାମ୍ପିୟନଶିପର ୫୦ ମିଟର ଦୂରତା ବର୍ଗରେ ରୌପ୍ୟ ଓ ୫୦ ମିଟର କମ୍ପାଉଣ୍ଡ ଅଲିମ୍ପିକ୍ ରାଉଣ୍ଡରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ଦିବ୍ୟାଙ୍ଗ ତୀରନ୍ଦାଜ ପାୟଲ ନାଗ।

## ସାବାଲେଙ୍କା ନମ୍ବର ୱାନ୍ ରହିଲେ

**ମେଲ୍‌ବୋର୍ନ, ୩।୨(ଏପି)**

ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ୨୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ୍ ଜୋକୋଭିଚ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିବା ପରେ କାର୍ଲୋସ ଅଲ୍‌କାରାଜ ସିଙ୍ଗଲ୍ସରେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରା କରିଥିଲେ। ମାତ୍ର ମ୍ୟାଚ୍ ପରାଜୟ ସତ୍ତ୍ୱେ ଜୋକୋଭିଚ୍‌ଙ୍କୁ ଏକ ସାନ୍ତ୍ୱନା ମିଳିଛି। ୨୦୨୪ ଅଗଷ୍ଟ ପରେ ଏହି ୩୮ ବର୍ଷୀୟ ସର୍ବୀୟ ଟେନିସ୍ ଷ୍ଟାର ପ୍ରଥମଥର ଶ୍ରେଷ୍ଠ ୩ ମଧ୍ୟରେ ସ୍ଥାନ ପାଇଛନ୍ତି। ଅଲ୍‌କାରାଜ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଜାନିକ ସିନର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମେଲବୋର୍ନ ପାର୍କରେ ସେମିଫାଇନାଲରେ ସିନରଙ୍କୁ ପରାସ୍ତକରି ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଏଲିନା ରିବାକିନାଙ୍କଠାରୁ ଆରିନା ସାବାଲେଙ୍କା ପରାଜିତ ହୋଇଥିଲେ ସୁଦ୍ଧା ଡବ୍ଲ୍ୟୁଟିଏ ଟୁର୍‌ରେ ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ରିବାକିନା ଦୁଇ ସ୍ଥାନ ପଦୋନ୍ନତି ସହ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଇଗା ସ୍ୱିଟେକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ସ୍ୱିଟେକ୍‌ଙ୍କ ପଛକୁ ୩ଜଣ ଆମେରିକୀୟ ଅଛନ୍ତି। ସେମାନେ ହେଲେ ଆମାଣ୍ଡା ଆନିସିମୋଭା(୪ର୍ଥ), କୋକୋ ଗଫ୍(୫ମ) ଓ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲିଷ୍ଟ ଜେସିକା ପେଗୁଲା।

# ଡବ୍ଲ୍ୟୁପିଏଲ୍: ଗୁଜରାଟର ଦୃଢ଼ ବ୍ୟାଟିଂ

**ଭଦୋଦରା,୩।୨**

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ବେଥ ମୁନିଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ପ୍ରତିପକ୍ଷ ଦିଲ୍ଲୀ ସମ୍ମୁଖରେ ୧୬୯ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଜବାବରେ ଦିଲ୍ଲୀ ରିପୋର୍ଟ ଲେଖା ହେଲା ବେଳକୁ ୪ ଓଭରରେ ବିନା ଉଇକେଟ ହରାଇ ୪୩ ରନ କରିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ପାଇଁ ଆରମ୍ଭରୁ ବେଥ ମୁନି ଗୋଟିଏ ପକ୍ଷରେ ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ ଉଇକେଟ ପତନ ଜାରି ରହିଥିଲା। ଦଳର ନିର୍ଭର ଯୋଗ୍ୟ ସୋଫି ଡିଭାଇନ ୬, କନିକା ଆହୁଜା ୬, ଅନୁଷ୍କା ଶର୍ମା ୧୬ ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟିକା ଆଶେଲ ଗାର୍ଡନର ଖାତା ଖୋଲିବାରେ ବିଫଳ ହୋଇଥିଲେ। ଫଳରେ ୯ ଓଭର ଶେଷ ସୁଦ୍ଧା ଦଳ ୪ ଉଇକେଟ ହରାଇ ୬୦ ରନ କରିଥିଲା। ଏଭଳି ପରିସ୍ଥିତିରେ ଜର୍ଜିଆ ୱାରେହାମ ଓ ମୁନି ପଞ୍ଚମ ଉଇକେଟରେ ଦ୍ରୁତ ୬୧ ରନ ଯୋଡ଼ିଥିଲେ। କ୍ରିଜ୍‌ରେ ସେଟ୍ ହୋଇସାରିଥିବା ଜର୍ଜିଆ ୨୫ ବଲରେ ୩୫ (୩ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ମୁନିଙ୍କ ସହ କାଶଭି ଗୌତମ ମିଶି ସପ୍ତମ ଉଇକେଟରେ ୧୯ ବଲରେ ଦ୍ରୁତ ୩୮ ରନ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। କାଶଭି ୧୮ (୩ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ ମୁନି ୫୧ ବଲରେ ୬୨ ରନ (୬ ଚୌକା) କରି ଅପରାଜିତ ରହିଥିଲେ। ଫଳରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଛି। ଦିଲ୍ଲୀ ପାଇଁ ବୋଲିଂରେ ଚିନେଲ ହେନରୀ ୩, ନନ୍ଦିନୀ ଶର୍ମା ୨ ଓ ମିନୁ ମାନି ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ: ୨୦ ଓଭରରେ ୧୬୮/୭ (ବେଥ ମୁନି-୬୨*, ଜର୍ଜିଆ ୱାରେହାମ-୩୫, ଚିନେଲ ହେନରୀ-୩/୩୫, ନନ୍ଦିନୀ ଶର୍ମା-୨/୪୪, ମିନୁ ମାନି-୧/୨୩)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ବେଥ୍ ମୁନି ଓ ଜର୍ଜିଆ ୱାରେହାମ।

**ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ**

## କିଟ୍‌ରୁ ଭାଗନେବେ ୯ ଆଥ୍‌ଲେଟ

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ଚାଇନାର ଟିଆନଜିନ୍‌ରେ ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁଥିବା ୧୨ଶ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ୯ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ପକ୍ଷରୁ ଘୋଷିତ ୧୭ ଜଣିଆ ଆଥ୍‌ଲେଟ୍ ଦଳରେ ଏହି ୯ ଜଣ ସାମିଲ। କିଟ୍ ଆଥ୍‌ଲେଟଙ୍କ ମଧ୍ୟରେ ମଣିକାନ୍ତ ହୋବିଲଧର ପୁରୁଷ ୬୦ ମିଟର ରେସ୍, ତେଜାଶ ଶିର୍‌ସେ ପୁରୁଷ ୬୦ ମିଟର ହର୍ଡଲ୍ସ, ପ୍ରଭିନ ଚିତ୍ରାଭେଲ ପୁରୁଷ ଲଙ୍ଗ୍‌ଜମ୍ପ, ସମରଦୀପ ସିଂ ଗିଲ୍ ପୁରୁଷ ଶଟ୍‌ପୁଟ, ତାଜିନ୍ଦରପାଲ ସିଂ ତୁର୍ ପୁରୁଷ ଶଟ୍‌ପୁଟ୍, ତେଜସ୍ୱିନ ଶଙ୍କର ପୁରୁଷ ହେପ୍ଟାଥଲନ୍, ମୌମିତା ମଣ୍ଡଳ ମହିଳା ୬୦ ମିଟର ହର୍ଡଲ୍ସ ଓ ଲଙ୍ଗ୍‌ଜମ୍ପ, ପ୍ରଜ୍ଞା ପ୍ରଶାନ୍ତି ମହିଳା ୬୦ ମିଟର ହର୍ଡଲ୍ସ ଏବଂ ଆନ୍‌ସି ସୋଜାନ ଏଡାପ୍ପିଲି ମହିଳା ଲଙ୍ଗ୍‌ଜମ୍ପରେ ଭାଗନେବେ। ଏହି ସମସ୍ତ ଆଥ୍‌ଲେଟ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ପିସିବି ବିରୋଧରେ ପ୍ରସାରଣକାରୀ ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ

**ନୂଆଦିଲ୍ଲୀ/କରାଚୀ,୩।୨(ପି.ଟି.)**

ଆସନ୍ତା ୧୫ ତାରିଖରେ ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ବିରୋଧରେ ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଚେତାବନୀ ଦେଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ ଭାରତ ବିପକ୍ଷ

**ବିଶ୍ୱକପ୍ ମ୍ୟାଚ ବର୍ଜନ**

ମ୍ୟାଚ୍‌କୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି। ହେଲେ ଏପର୍ଯ୍ୟନ୍ତ ମ୍ୟାଚ୍ ବର୍ଜନ ପଛର କାରଣ ପ୍ରକାଶ କରାଯାଇନାହିଁ।

ଏକ ରିପୋର୍ଟ ମୁତାବକ, ପାକିସ୍ତାନକୁ ମିଳୁଥିବା ବାର୍ଷିକ ରାଜସ୍ୱର ଅଂଶକୁ ସମ୍ପୂର୍ଣ୍ଣ ରୂପେ ଆଇସିସି କାଟ୍ କରିପାରେ, ଯାହାକି ପାଖାପାଖି ୩୫ ମିଲିଅନ ଆମେରିକୀୟ ଡଲାର। ଏହି ଅର୍ଥକୁ ପ୍ରସାରଣକାରୀ ସଂସ୍ଥାକୁ ଦିଆଯାଇପାରେ। ଯଦି ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରୁହେ ଓ ଭାରତ ବିପକ୍ଷରେ ଖେଳିବାକୁ ମନାକରେ, ତେବେ ପିସିବିକୁ ଆର୍ଥିକ ପ୍ରତିବନ୍ଧକ ସହ ପ୍ରସାରଣକାରୀ ସଂସ୍ଥା ସହ ଆଇନଗତ ଲଢ଼େଇ କରିବାକୁ ପଡ଼ିବ। କିନ୍ତୁ ଆଇସିସି ଡିସ୍‌ପ୍ୟୁଟ୍ ରିଜୋଲ୍ୟୁଶନ କମିଟି(ଡିଆର୍‌ସି )ରେ କରାଯାଇଥିବାର ଆବେଦନ ବିଫଳ ହେବ। ଆଇସିସିର ଡିଆର୍‌ସି ଏକ ଆନ୍ତଃ କମିଟି, ଯାହା ବୋର୍ଡ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ଶୁଣାଣି କରେନାହିଁ। ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପିସିବିକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମତଃ, ସେମାନେ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳୁଛନ୍ତି, ଯାହାକି ପାକିସ୍ତାନର ଇଚ୍ଛା ଥିଲା। ଦ୍ୱିତୀୟତଃ, ଭାରତ ସରକାର କୌଣସି ଦଳକୁ ପାକିସ୍ତାନରେ ଖେଳିବାକୁ ଅନୁମତି ଦେଉ ନ ଥିଲେ ମଧ୍ୟ ଏସିଆ କପ୍ କିମ୍ବା ଆଇସିସି ଇଭେଣ୍ଟରେ ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିନାହିଁ। ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବା ସମ୍ପର୍କରେ ପିସିବି ଏପର୍ଯ୍ୟନ୍ତ ଆଇସିସିକୁ ଲିଖିତ ଆକାରରେ ଜଣାଇନାହିଁ। ଆଇସିସି ପକ୍ଷରୁ ୪ ବର୍ଷ ମଧ୍ୟରେ ହେବାକୁଥିବା ସମସ୍ତ ଇଭେଣ୍ଟ ଲାଗି ପ୍ରସାରଣକାରୀ ସଂସ୍ଥା ସହ ଚୁକ୍ତି କରିଥିଲା। ଏହି ଚୁକ୍ତିରେ ଭାରତ ଓ ପାକିସ୍ତାନ ମ୍ୟାଚ୍ ସାମିଲ ଥିଲା।

## ଭାରତରେ ହେବ ଏସିଆନ ଅଲିମ୍ପିକ୍ କ୍ୱାଲିଫାଇଂ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୩।୨(ପି.ଟି.)**

ଆସନ୍ତା ବର୍ଷ ଦିଲ୍ଲୀରେ ହେବ ଏସିଆନ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍। ଏଥିରେ ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସ ପାଇଁ ୮ କୋଟା ନିରୂପିତ ହେବ। ଦେଶର ଶୁଟିଂ କ୍ୟାଲେଣ୍ଡରରେ ଏହା ପ୍ରଥମ। ଏହା ବ୍ୟତୀତ ଆସନ୍ତାବର୍ଷ ଏପ୍ରିଲ ୨୧ରୁ ୩୦ ଦିଲ୍ଲୀରେ ହେବାକୁଥିବା ବିଶ୍ୱକପ୍ (ରାଇଫଲ/ପିସ୍ତଲ/ଶଟ୍‌ଗନ୍)ରେ ୧୨ଟି କୋଟା ହାସଲର ସୁଯୋଗ ରହିଛି। ଭାରତକୁ ଏସିଆନ୍ ଇଭେଣ୍ଟ ଆୟୋଜନର ଅଧିକାର ମିଳିଥିବା ବିଷୟ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ(ଏନ୍‌ଆର୍‌ଏଆଇ) ସଭାପତି କଳିକେଶ ସିଂଦେଓଙ୍କୁ ଏସିଆନ ଶୁଟିଂ କନ୍‌ଫେଡେରେଶନ ଏକ ଚିଠି ଜରିଆରେ ସ୍ପଷ୍ଟ କରିଦିଆଯାଇଛି। ତେବେ ଏସିଆନ କ୍ୱାଲିଫାୟର୍ସ କେବେ ହେବ ତାହା ଠିକଣା ସମୟରେ ଜଣାଇ ଦିଆଯିବ ବୋଲି ଏନ୍‌ଆର୍‌ଏଆଇ କହିଛି।

# ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ



ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ସମ୍ପ୍ରତି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଦିଲ୍ଲୀର ପ୍ରୀତିଶା ଗୁପ୍ତାଙ୍କୁ ମଙ୍ଗଳବାର ବିଧିବଦ୍ଧଭାବେ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମାତ୍ର ୧୪ ବର୍ଷ ବୟସରେ ଏହି ସଫଳତା ପାଇଥିବା ପ୍ରୀତିଶା ୨୦୨୫ ଜୁଲାଇରେ ଅନୁଷ୍ଠିତ ଟ୍ରୋଫେ ଡୋଲେ ପାସିନୋ ଗ୍ରାଣ୍ଡ ଓପନ ଟୁର୍ନାମେଣ୍ଟରେ ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିଲେ। ସର୍ବିୟାର ସେଣ୍ଟାରେ ଅନୁଷ୍ଠିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋରେ ତୃତୀୟ ନର୍ମ ପାଇଥିଲେ। ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଟେପଲିସ ଓପନ ଚେସ୍‌ରେ ୨୨୦୦ ଏଲୋ ରେଟିଂ ଅତିକ୍ରମ କରିଥିଲେ। ୨୦୨୫ ଅଗଷ୍ଟରେ ପ୍ରୀତିଶା ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ବିଶ୍ୱର ନମ୍ବରୱାନ୍ ର୍‍ୟାଙ୍କ୍‌ପ୍ରାପ୍ତ ହୋଇଥିଲେ। ୨୦୨୬ ଫିଡେ ରେଟିଂ ତାଲିକା ଅନୁସାରେ ଏବେ ସେ ୧୫ ବର୍ଷରୁ କମ୍ ବର୍ଗରେ ନଂ.୧ ଅଛନ୍ତି। ୨୦୨୫ରେ ସେ ୧୬ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନ ହୋଇଥିଲେ। ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିବାରୁ ପ୍ରୀତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି।

## କେରଳ, ପଞ୍ଜାବ, ସର୍ଭିସେସ, ରେଲୱେ ସେମିଫାଇନାଲରେ

**ସିଲାପଥର (ଆସାମ), ୩।୨ (ପି.ଟି.):** ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ମଙ୍ଗଳବାର କେରଳ, ପଞ୍ଜାବ, ସର୍ଭିସେସ ଓ ରେଲୱେ ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚଗୁଡ଼ିକରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସିଲାପଥର ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ସର୍ଭିସେସ ରେଲୱେ ସହିତ ମୁକାବିଲା କରିବାକୁ ଥିବା ବେଳେ ଧାକୁଖାନା ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁଥିବା ମ୍ୟାଚରେ କେରଳ ପଞ୍ଜାବକୁ ଭେଟିବ। ସର୍ଭିସେସ ଓ ପଶ୍ଚିମବଙ୍ଗ ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟ ଓ ଅତିରିକ୍ତ ସମୟ ଖେଳ ଗୋଲଶୂନ୍ୟ ରହିବା ପରେ ପେନାଲ୍ଟିରେ ସର୍ଭିସେସ୍ ୩-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ଅନ୍ୟ ଏକ ମ୍ୟାଚରେ କେରଳ ଆୟୋଜକ ଆସାମକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲା। ପଞ୍ଜାବ-ତମିଲନାଡୁ ମ୍ୟାଚର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଖେଳ ୧-୧ରେ ଅମୀମାଂସିତ ରହିବା ପରେ ପେନାଲ୍ଟି ଶୁଟ୍ ଆଉଟରେ ପଞ୍ଜାବ ୪-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ରାଜସ୍ଥାନ ବିପକ୍ଷରେ ରେଲୱେ ସୌରଭ ଭନୱାଲା (୭୮ତମ ମିନିଟ) ଓ ଜୋଶେଫ ମାଥ୍ୟୁସ (୮୩ତମ)ଙ୍କ ବିଳମ୍ବିତ ଗୋଲ୍‌ରେ ୨-୦ରେ ବିଜୟୀ ହୋଇଥିଲା।


# ସେମିରେ ଭୁବନେଶ୍ୱର ସାଇ ଇଲେଭେନ

**ଧାମନଗର, ୩।୨(ଦେବେନ୍ଦ୍ର ଆନ୍ଦିଆ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଭୁବନେଶ୍ୱରର ସାଇ ଇଲେଭେନ ଓ କୋଲକାତା ଏଲ୍‌ଆର୍‌ଏସ୍ କ୍ଲବ୍ ମଧ୍ୟରେ ଦ୍ୱିତୀୟ

**ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଇ ଇଲେଭେନ ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ବିବେଚିତ ହୋଇଛି। ସାଇ ଇଲେଭେନ ୨୫ ଓଭରରେ ୯ ଉଇକେଟ ହରାଇ ୨୩୯ ରନ୍ କରିଥିଲା। ଦଳ ପକ୍ଷରୁ ଆୟୁଷ କ୍ରିଷ୍ଟପର ୭୮, ସୂର୍ଯ୍ୟକାନ୍ତ ପ୍ରଧାନ ୫୯ ଓ ବିପ୍ଳବ ସାମନ୍ତରାୟ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଯୋଗେଶ କୁମାର ୫ ଓଭରରେ ୬୦ ରନ୍ ଦେଇ ୩ ଉଇକେଟ ଏବଂ ଆଦିତ୍ୟ ଯାଦବ ୫ ଓଭରରେ ୩୫ ରନ୍ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଏଲ୍‌ଆର୍‌ଏସ୍ ଟିମ୍ ୧୪.୫ ଓଭରରେ ୭୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସକ୍ଷମ ଚୌଧୁରୀ ୧୮ ରନ ଓ ରାଜ ଭାରତୀ ୧୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରାମଚନ୍ଦ୍ର ବେହେରା ୫ ଓଭର ବୋଲିଂ କରି ୨୨ ରନ୍ ଦେଇ ୪ ଉଇକେଟ ଏବଂ ରବୀନ୍ଦ୍ର ରାଉତ ୫ ଓଭରରେ ୨୭ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ସାଇ ଇଲେଭେନର ରାମଚନ୍ଦ୍ରଙ୍କୁ ଅବସରପ୍ରାପ୍ତ ଅଧ୍ୟାପକ ଗଦାଧର ସାହୁ ଓ ଅଧ୍ୟାପକ ହିମାଂଶୁ ଶେଖର ଦାଶ ପୁରସ୍କୃତ କରିଥିଲେ। ବିଶ୍ୱଜିତ ପତି ଓ ଜ୍ୟୋତିପ୍ରକାଶ ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ନୀହାର ରଞ୍ଜନ ବେହେରା ଓ ସୁଧାଂଶୁ ସାହୁ ସ୍କୋରର, ବଳରାମ ସାହୁ ଅନ୍‌ଲାଇନ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ ଓ ଏସ୍‌କେ ଇମ୍ରାନ ଧାରା ବିବରଣୀ ପ୍ରଦାନ କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ରାମଚନ୍ଦ୍ର ବେହେରାଙ୍କୁ ପୁରସ୍କୃତ କରାଯାଉଛି।

# ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ସଫଳତା

**ଭୁବନେଶ୍ୱର, ୩।୨ (ବିଜୟ ରଣା)**

ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଓ ଗ୍ରାସ୍‌ରୁଟ୍ ସେଣ୍ଟର ଏବଂ ରାଉରକେଲା, ପୁରୀ ଓ ଜୟପୁରରେ ରହିଥିବା ଏହାର ଗ୍ରାସ୍‌ରୁଟ୍ ସେଣ୍ଟରଗୁଡ଼ିକର ଆଥଲେଟମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩୫ ସ୍ୱର୍ଣ୍ଣ, ୩୪ ରୌପ୍ୟ ଓ ୩୩ ବ୍ରୋଞ୍ଜ ସହ ମୋଟ ୧୦୨ ପଦକ ଜିତିବାରେ ସଫଳ ହୋଇଛନ୍ତି। ପୁରୀରେ ଅନୁଷ୍ଠିତ ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଉଭୟ ପୁରୁଷ ଓ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ବିଭିନ୍ନ ବୟସବର୍ଗ ଓ କାଟେଗୋରୀରେ ଅଂଶଗ୍ରହଣ କରିଥିଲେ। ନିକଟରେ ଲିସ୍‌ବନ୍‌ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ କଣ୍ଟିନେଣ୍ଟାଲ କପ୍‌ରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟମାନେ ୨୦ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ରାଜ୍ୟର ଯୁବ ପ୍ରତିଭାଙ୍କ ସମେତ ଏଲିଟ୍ ଆଥଲେଟମାନଙ୍କ ଦକ୍ଷିଣ ବୃଦ୍ଧି କ୍ଷେତ୍ରରେ କେତେଦ ପରିମାଣରେ ପ୍ରତିବଦ୍ଧ ଏଥିରୁ ତାହା ସୂଚୀତ ହେଉଛି।



ପୁରସ୍କାର ସହ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ଜିମ୍ନାଷ୍ଟମାନେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ